READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର






ବର୍ଷ-୨ ସଂଖ୍ୟା-୧୧ ୨୬ ମାର୍ଚ୍ଚ - ୦୧ ଏପ୍ରିଲ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-11 26th MARCH - 01st APRIL, 2018 BHUBANESWAR ₹ 5/- (8 Pages)


## ଲକ୍ଷ୍ୟ ୨୦୧୯ : ୧.୨୦ଲକ୍ଷ କୋଟିର ଆର୍ଥିକ ବଜେଟ୍

# ଫୋକସ୍‌ରେ ଗାଁ, ସାମାଜିକ କ୍ଷେତ୍ର

**ଭୁବନେଶ୍ୱର :** ଚଳିତ ଥର ବିଧାନସଭାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୧ଲକ୍ଷ ୨୦ ହଜାର କୋଟି ଟଙ୍କାର ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ କରିଛନ୍ତି। ଏଥିରେ କୌଣସି ନୂଆ ଯୋଜନା ଘୋଷଣା କରାଯାଇନଥିଲେ ବି ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହି ବଜେଟ୍‌ରେ ସବୁବର୍ଗଙ୍କୁ ଖୁସି କରିବାକୁ ଚେଷ୍ଟା କରିଛନ୍ତି ଅର୍ଥମନ୍ତ୍ରୀ। ମୁଖ୍ୟତଃ ଯେଉଁମାନଙ୍କ ଉପରେ ନିର୍ଭର କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଯାହା ଆବଶ୍ୟକ ତାହା ଏଥିରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି। ବିଶେଷକରି ଗ୍ରାମାଞ୍ଚଳ ଭିତ୍ତିଭୂମି, ସାମାଜିକ ସୁରକ୍ଷା, ଚାଷୀ, ଦିବ୍ୟାଙ୍ଗ, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଶିଳ୍ପ ଓ ଉଦ୍ୟୋଗ କ୍ଷେତ୍ରକୁ ସେଭଳି କିଛି ଗୁରୁତ୍ୱ ପ୍ରଦାନ କରାଯାଇନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜୁ ଯୁବ



ବାହିନୀକୁ ନିର୍ବାଚନରେ ବ୍ୟବହାର କରିବା ଲକ୍ଷ୍ୟରେ ସେମାନଙ୍କ ସକାଶେ ୯୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି ଅର୍ଥମନ୍ତ୍ରୀ ଶ୍ରୀ ବେହେରା। ବଜେଟ୍‌ରେ ୮ରୁ ସାଢ଼େ ୮ ପ୍ରତିଶତର ଆର୍ଥିକ ଅଭିବୃଦ୍ଧି ହାସଲର ଆକଳନ କରିଥିବା ରାଜ୍ୟ ସରକାର ଗାଁର ଭିତ୍ତିଭୂମିରେ ସୁଧାର ପାଇଁ ରାଜ୍ୟ ଉପରେ ଲଦି ଦେଇଛନ୍ତି ଅତିରିକ୍ତ ଋଣବୋଝ। ତେବେ ବଜେଟ୍ ଉପସ୍ଥାପନା ପରେ ଚଳିତ ବଜେଟ୍‌କୁ ଲୋକାଭିମୁଖୀ ଓ ଜନମଙ୍ଗଳକାରୀ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୧ଲକ୍ଷ ୨୦ହଜାର ୨୮କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ୍‌କୁ ଅର୍ଥମନ୍ତ୍ରୀ ଶ୍ରୀ ବେହେରା ବିଧାନସଭାରେ ଉପସ୍ଥାପନ କରିଥିଲେ। ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ବଜେଟ୍‌ର ଆକାର ୧୨.୩% ବୃଦ୍ଧି ପାଇଛି।। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟ୍‌ରେ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ପୂର୍ବରୁ ଘୋଷଣା କରାଯାଇଥିବା କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକ ପାଇଁ ବଜେଟ୍‌ରେ ଅର୍ଥବରାଦକୁ ଅଗ୍ରାଧିକାର ଦିଆଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ୮ରୁ ୮.୫ ପ୍ରତିଶତ ରହିବ ବୋଲି ଆକଳନ କରିଥିବା ରାଜ୍ୟ ସରକାର ବଜେଟ୍ ଅର୍ଥ ଭରଣା ପାଇଁ ମୋଟ ୧୫,୪୬୦ କୋଟି ଟଙ୍କାର ଋଣ କରିବେ ବୋଲି ସୂଚନା ଦେଇଛନ୍ତି। ବର୍ଷ ଶେଷବେଳକୁ ରାଜ୍ୟର ଋଣବୋଝ ୯୧,୯୪୩.୬୮ କୋଟି ଟଙ୍କା ଛୁଇଁବ ଓ ଖୋଲା ବଜାରରୁ ମାତ୍ର ୬ହଜାର କୋଟି ଟଙ୍କା ଋଣ ଆଣିବେ ବୋଲି ସୂଚନା ଦେଇଛନ୍ତି। ବଜେଟ୍‌ରେ ବିଶେଷକରି ଗ୍ରାମାଞ୍ଚଳରେ ଲୋକଙ୍କୁ ପକ୍କାଘର, ପିଇବା ପାଣି, ବିଦ୍ୟୁତ ଯୋଗାଣ, ସଡ଼କ ନିର୍ମାଣ, ଗାଁରେ ସହରୀ ସୁବିଧା, ଗାଁର ପ୍ରତ୍ୟେକ ପରିବାରକୁ ମାଗଣାରେ ୪ଟି ଏଲଇଡି ବଲ୍‌ବ, ଗାଁର ଭିତ୍ତିଭୂମି ଆବଶ୍ୟକତା ପାଇଁ ସ୍ୱତନ୍ତ୍ର ଭାବେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ, ଚାଷୀଙ୍କ କଲ୍ୟାଣ ପାଇଁ ୨୫୦କୋଟି, ବୁଣାକାର ଓ ଚିତ୍ରକାରଙ୍କ ସାମାଜିକ ସୁରକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବର୍ଗର କଲ୍ୟାଣ ପାଇଁ ୨୨ହଜାର ୬୮୪ କୋଟି ଟଙ୍କାର ➤ ପୃ-୬

### 'ଜନବିରୋଧୀ ବଜେଟ୍'



୨୦୧୮-୧୯ ଆର୍ଥିକ ବଜେଟ୍‌କୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଜନବିରୋଧୀ ବଜେଟ୍ ବୋଲି କହିଛନ୍ତି। ଏହି ବଜେଟ୍‌ରେ ରାଜ୍ୟ ସରକାର ନିଜସ୍ୱ ସମ୍ବଳ ଯୋଗାଡ କରିବାରେ ବିଫଳ ହୋଇଛନ୍ତି ବୋଲି କହିବା ସହ ଶ୍ରୀ ମିଶ୍ର ମତ ଦେଇଛନ୍ତି ଯେ, ରାଜ୍ୟ ସରକାର ସଞ୍ଜୀବ ହୋତା କମିଶନଙ୍କ ରିପୋର୍ଟକୁ କାର୍ଯ୍ୟକାରୀ କରି ଖଣି ଗୁଡିକ ନିଜ ହାତକୁ ନେଇଥିଲେ। ରାଜ୍ୟ ରାଜକୋଷକୁ ପ୍ରତିବର୍ଷ ଅଧିକ ୫୦ ହଜାର କୋଟି ଟଙ୍କା ଆସିଥାନ୍ତା।

### 'ଜନଆକାଂକ୍ଷା ପୂରଣ କରିବନି'



ରାଜ୍ୟ ସରକାରଙ୍କ ଦ୍ୱାରା ଉପସ୍ଥାପିତ ୨୦୧୮-୧୯ ଆର୍ଥିକ ବର୍ଷ ବଜେଟ୍ ଅତ୍ୟନ୍ତ ନୈରାଶ୍ୟଜନକ ଏବଂ ଏହା ଜନଆକାଂକ୍ଷା ପୂରଣ କରିବାରେ ବ୍ୟର୍ଥ ସାବ୍ୟସ୍ତ ହେବ ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବିଶେଷକରି ଯୁବକ ଓ ମହିଳାମାନେ ଏହି ବଜେଟ୍‌କୁ ନେଇ ହତୋତ୍ସାହିତ ହୋଇପଡିଛନ୍ତି।

## ବିଜୁଳି ଦର ବଢ଼ିବନି



**ଭୁବନେଶ୍ୱର :** ୨୦୧୭-୧୮ରେ ୟୁନିଟ୍ ପିଛା ବିଦ୍ୟୁତ୍ ଶୁଳ୍କ ୧୦ ପଇସା ବଢ଼ିଥିବା ବେଳେ ଏଥର ବିଜୁଳି ଦର ବୃଦ୍ଧି ନକରିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ତରଫରୁ ଏହି ସୂଚନା ଦିଆଯାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ଓଇଆର୍‌ସି ନିର୍ଦ୍ଦେଶକ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି, ଆସନ୍ତା ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଜୁଳି ଦରରେ ବୃଦ୍ଧି କରାଯିବ ନାହିଁ। ଏଥିସହିତ ଯେଉଁମାନେ ବିଦ୍ୟୁତ ଦେୟର ଡିଜିଟାଲ୍ ପେମେଣ୍ଟ୍ କରିବେ, ସେମାନଙ୍କୁ ୧ ପ୍ରତିଶତ ରିହାତି ମିଳିବ। ମିଟର ଭଡ଼ା ମଧ୍ୟ ଅପରିବର୍ତ୍ତିତ ରହିଛି। ➤ ପୃ-୬

### ମୋଦିଙ୍କୁ ଭେଟିଲେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ

## ନିଶାମୁକ୍ତ ଦେଶ ପାଇଁ ଦାବି

**ନୂଆଦିଲ୍ଲୀ :** ଓଡ଼ିଶାରେ ନିଶାମୁକ୍ତି ଆନ୍ଦୋଳନ ଚଳାଇଥିବା ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନିଜ ନିଜ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ପଦକ୍ଷେପ ନିଅନ୍ତୁ। ଏଥିପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦିଅନ୍ତୁ ବୋଲି ଶ୍ରୀ ନାୟକ ମୋଦିଙ୍କୁ ଅନୁରୋଧ କରିଛନ୍ତି। ଗୋଟିଏ ରାଜ୍ୟ ନିଶା ନିବାରଣ କଲେ ମଧ୍ୟ ପଡ଼ୋଶୀ ରାଜ୍ୟରେ ନିଶା ପ୍ରଚଳନ ଯୋଗୁ ଏହା ସଫଳ ହେଉ ନାହିଁ। ଶ୍ରୀ ନାୟକ ➤ ପୃ-୬



## ବାର୍ଷିକ ମୁଣ୍ଡପିଛା ଆୟ ବଢୁଛି

**ଭୁବନେଶ୍ୱର :** ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅଭିବୃଦ୍ଧି ହାର ୭.୧୪% ରହିବ ବୋଲି ଓଡ଼ିଶା ଅର୍ଥନୀତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ଗତ ଆର୍ଥିକ ବର୍ଷରେ ଏହା ୧୦.୩୯% ରହିଥିଲା। ତେବେ ୨୦୧୭-୧୮ରେ ଜାତୀୟ ଜିଡିପି ଅଭିବୃଦ୍ଧି ହାର ୬.୫% ତୁଳନାରେ ରାଜ୍ୟ ଜିଡିପି ଅଧିକ ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅପରପକ୍ଷରେ ଗତବର୍ଷ ତୁଳନାରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ସର୍ବାଧିକ ୪.୭୦% ହ୍ରାସ ହୋଇଥିବାବେଳେ ବାର୍ଷିକ ମୁଣ୍ଡପିଛା ଆୟ ୬.୦୬% ବୃଦ୍ଧି ପାଇ ୭୭,୧୯୩ ଟଙ୍କା ହୋଇଥିବା ଆକଳନ କରାଯାଇଛି। ବିଧାନସଭାରେ ଉପସ୍ଥାପିତ ୨୦୧୭-୧୮ ଅର୍ଥନୀତିକ ସର୍ଭେ ରିପୋର୍ଟ ଅନୁସାରେ ୨୦୧୭- ୧୮ ଆର୍ଥିକ ବର୍ଷରେ ଜିଏସ୍‌ଡିପି ଅଭିବୃଦ୍ଧି ହାର ୭.୧୪% ଆକଳନ କରାଯାଇଛି। ୨୦୧୬-୧୭ରେ ଜିଏସ୍‌ଡିପି ଅଭିବୃଦ୍ଧି ହାର ୭.୯୪% ଆକଳନ କରାଯାଇଥିଲେ ମଧ୍ୟ ପ୍ରଥମ ସଂଶୋଧିତ ଆକଳନ

### ଅର୍ଥନୀତିକ ସର୍ଭେ ରିପୋର୍ଟ

ଅନୁସାରେ ଏହା ୧୦.୩୯%କୁ ବୃଦ୍ଧି ପାଇଥିଲା। ଅର୍ଥନୀତିରେ ବ୍ୟାପକ ସଂସ୍କାର ମାଧ୍ୟମରେ ଓଡ଼ିଶା ଦ୍ରୁତ ଅଭିବୃଦ୍ଧି ହାସଲ କରି ପଛୁଆ ରାଜ୍ୟରୁ ଏବେ ବିକାଶମୁଖୀ ରାଜ୍ୟ ଆଡ଼କୁ ମୁହାଁଇଛି। ସେହିପରି ୨୦୧୧-୧୨ ବେସ୍ ପ୍ରାଇସ୍ ଅନୁସାରେ ୨୦୧୬- ୧୭ ଆର୍ଥିକ ➤ ପୃ-୬

### ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ହଡପ

## ତଦନ୍ତ ହେଲେ ଖୋଲିବ ଗୁମର



**ଜଗତସିଂହପୁର :** ସମଗ୍ର ବିଶ୍ୱ ତଥା ଓଡିଶା ସ୍ୱାଭିମାନ ଓ ଅଧ୍ୟାତ୍ମିକ ପ୍ରାଣକେନ୍ଦ୍ରର ପ୍ରତୀକ ଭାବେ ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରାଜ୍ୟ ସମେତ ସାରା ଦେଶରେ ଅନେକ ଭୂ-ସମ୍ପତ୍ତି ରହିଛି। ମାତ୍ର ସମୟକ୍ରମେ କେତେକ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ହାତ ଚିକ୍କଣ ଯୋଗୁଁ ଏହି ସମ୍ପତ୍ତିର ପରିମାଣ ଦିନକୁ ଦିନ କମି କମି ଚାଲିଛି। ଏଭଳି ଏକ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ କିଶୋରନଗର ତହସିଲ ଅଧିନ ବୋଦର ଗ୍ରାମର ନିରଞ୍ଜନ ସ୍ୱାଇଁ। ଶ୍ରୀ ସ୍ୱାଇଁ ଏହିପରି ଏକ ଜମି ହଡପର ପର୍ଦ୍ଦାଫାସ କରିଛନ୍ତି। ଜିଲ୍ଲାରୁ ଆରମ୍ଭ କରି ରାଜ୍ୟର ବରିଷ୍ଠ ସରକାରୀ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସେ ଅବଗତ ମଧ୍ୟ କରାଇଛନ୍ତି। ଅଭିଯୋଗ ଅନୁସାରେ କିଶୋନଗର ତହସିଲ ଅଧିନ ପ୍ରହରାଜପୁର ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଥିବା ବୋଦର ମୌଜାର ଶାବକ ➤ ପୃ-୬

### ରାଜ୍ୟ ଆଇନ୍‌ଜୀବୀ ପରିଷଦ ଅଧ୍ୟକ୍ଷ ଉପନିର୍ବାଚନ ମାମଲା

## ୪ରେ ପରବର୍ତ୍ତୀ ଶୁଣାଣି



**କଟକ :** ରାଜ୍ୟ ବାରକାଉନସିଲ ଅଧ୍ୟକ୍ଷ ପଦବୀ ଉପନିର୍ବାଚନ ମାମଲା ଉପରେ ଆବେଦନକାରୀ ମାନସ ଚାନ୍ଦ ଗତ ବୁଧବାର ଜବାବ ଦାଖଲ କରିଛନ୍ତି। ଶ୍ରୀ ଚାନ୍ଦ ପୁଣି ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରି ଦର୍ଶାଇଛନ୍ତି ଯେ, ଗତ ୯ ତାରିଖରେ କିଛି ପ୍ରମୁଖ ପ୍ରସଙ୍ଗକୁ ନେଇ ବାରକାଉନସିଲରେ ଏକ ବୈଠକ ଅନୁଷ୍ଠିତ ହେବାର ଥିଲା। ଏହି ବୈଠକରେ ଆଇନ୍‌ଜୀବୀଙ୍କୁ ଲାଇସେନ୍ସ ପ୍ରଦାନ ଦିଗରେ ଆଲୋଚନା ହେବାକୁ ଥିବା ବେଳେ ମଧୁ ଜୟନ୍ତୀ, ବଜେଟ୍ ଆଦି ସମ୍ପର୍କରେ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ତାହା ସମ୍ଭବ ହୋଇନଥିଲା। କାରଣ ଜଣେ ➤ ପୃ-୬


A QUALITY PRODUCT PURE DRINKING WATER




AQUA ZEST
SHRADDHA LAXMI BEVERAGES (P) LIMITED
Prop.: Sunil Kumar Mansingh
Plot No- 412, At/Po- Champagarh, Dist- Nayagarh

RAINBOW PUBLIC SCHOOL
NURSERY TO CLASS-X
Admission Open
Hurry Up! 2018-19 Limited Seats
Forms available here :
Infront of LIC Building, W.No.-09,
VSS Nagar, Bargarh-768028 (Odisha)
Cell : 8895187498



Himanshu Sekhar Meher
PRINCIPAL

Essar Bakery
Eat & Enjoy
ଏସାର୍‌ବେକେରୀ
A/25 Food Park, Khurda

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** - ନୂତନ ଜମି କ୍ରୟ କରି ଠକାମିର ଶିକାର ହେବେ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। କଳାକାରମାନେ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଅଧିକ ଲାଭାବନ ହେବେ। ପରିବାରରେ ମାନସିକ ଅଶାନ୍ତି ଲାଗିରହିବ।

**ବୃଷ** - କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ପରିବାରରେ ଲାଗିରହିଥିବା ସମସ୍ୟାର ସମାଧାନ ଘଟିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ ଆଶା କରିଥିବା ଫଳ ପାଇବେ। ବେକାର ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** - ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି। ବ୍ୟବସାୟୀମାନେ ଲାଭାବାନ୍ ହେବେ।

**କର୍କଟ** - ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ଆୟ ବୃଦ୍ଧିର ନୂଆ ରାସ୍ତା ଖୋଲିବ। ବ୍ୟବସାୟୀମାନେ କମ୍ ଲାଭବାନ ହେବେ।

**ସିଂହ** - ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ଜମିଜମା ବିବାଦର ସମାଧାନ ହେବ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**କନ୍ୟା** - ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନ ବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ଧର୍ମ ଚର୍ଚ୍ଚାରେ ଅଂଶ ଗ୍ରହଣ କରିବେ। ଆୟ ବୃଦ୍ଧିର ନୂଆ ରାସ୍ତା ଖୋଲିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ତୁଳା** - ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ହେବ। ମାତାପିତାଙ୍କ ସେବା କରି ଆନନ୍ଦ ଅନୁଭବ କରିବେ। ଶାରୀରିକ ପୀଡା ଅନୁଭବ କରିବେ। ବିବାହ ଆଶାୟୀମାନେ ସଫଳତା ଅର୍ଜନ କରିବେ।

**ବିଛା** - ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିପାରେ। କଳାକାରମାନେ ପ୍ରଶଂସିତ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଦୂରଯାତ୍ରାରେ ସତର୍କ ରୁହନ୍ତୁ।

**ଧନୁ** - ନୂତନ କର୍ମକ୍ଷେତ୍ରରେ ଯୋଗଦେବେ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପରିବାରରେ ଶାନ୍ତି ବଜାୟ ରହିବ। ସ୍ୱାସ୍ଥ୍ୟପ୍ରତି ସଚେତନ ରୁହନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ।

**ମକର** - ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଠାକୁରଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ହେବ। ଋଣରୁ ମୁକ୍ତି ପାଇବେ। ଲାଗି ରହିଥିବା ସମସ୍ୟାର ସମାଧାନ ଘଟିବ। ବ୍ୟବସାୟରେ ଲାଭବାନ ହେବେ।

**କୁମ୍ଭ** - ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**ମୀନ** - ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ନୂତନ କର୍ମରେ ଯୋଗଦେଇ ଖୁସି ଅନୁଭବ କରିବେ। ବୟୋଜ୍ୟେଷ୍ଠଙ୍କ ସେବା କରନ୍ତୁ, ସଫଳତା ପାଇବେ। ବିବାହ ଆଶାୟୀମାନେ ଅସଫଳ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ବ୍ରହ୍ମୋସ୍ ଫ୍ଲାଇଟ୍ ଟେଷ୍ଟ୍ ସଫଳ

**ନୂଆଦିଲ୍ଲୀ :** ରାଜସ୍ଥାନର ପୋଖରାନ୍ ଟେଷ୍ଟ୍ ରେଞ୍ଜ୍‌ରେ ସକାଳ ୮ଟା ୪୨ ମିନିଟ୍‌ରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ୍ କରାଯାଇଥିଲା ଯାହା ସଫଳ ହୋଇଛି। କ୍ଷେପଣାସ୍ତ୍ରଟି ବାୟୁରେ ଶବ୍ଦର ଗତିବେଗର ପ୍ରାୟ ୩ଗୁଣ ଅଧିକ (ମାକ୍ ୨.୮) ବେଗରେ ପୂର୍ବ ନିର୍ଦ୍ଧାରିତ ପଥରେ ଗତି କରି ଟାର୍ଗେଟ୍‌କୁ ପିନ୍-ପଏଣ୍ଟ ଆକ୍ୟୁରେସି ସହ ଧ୍ୱଂସ କରିବାକୁ ସମର୍ଥ ହୋଇଛି। ବ୍ରହ୍ମୋସ୍ ହେଉଛି ଭାରତରେ ବିକଶିତ ଅବ୍ୟର୍ଥ ଭାବେ ଲକ୍ଷ୍ୟଭେଦ (ପ୍ରିସିସନ୍ ଷ୍ଟ୍ରାଇକ୍) ସାମର୍ଥ୍ୟ ରଖୁଥିବା କ୍ଷେପଣାସ୍ତ୍ର। ଏହାକୁ ବିଶ୍ୱର ଦ୍ରୁତତମ ସୁପର୍‌ସୋନିକ୍ କ୍ରୁଜ୍ ମିସାଇଲ୍ କୁହାଯାଉଛି। ଗତ ନଭେମ୍ବର ୨୨ତାରିଖରେ ବାୟୁସେନାର ସୁଖୋଇ-୩୦ ଏମ୍‌କେଆଇ କମ୍ବାଟ୍ ଜେଟ୍‌ରୁ ବ୍ରହ୍ମୋସ୍‌ର ପ୍ରଥମ ଫ୍ଲାଇଟ୍ ଟେଷ୍ଟ୍ କରାଯାଇଥିଲା। ସେତେବେଳେ ମଧ୍ୟ ପରୀକ୍ଷଣ ସଫଳ ହୋଇଥିଲା। ବ୍ରହ୍ମୋସର ଦ୍ୱିତୀୟ ଫ୍ଲାଇଟ୍ ଟେଷ୍ଟ୍ ମଧ୍ୟ ସଫଳ ହୋଇଥିବାରୁ ସେଥିପାଇଁ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ସେନାରେ ସ୍ଥଳ ଓ ଯୁଦ୍ଧଜାହାଜରୁ ପ୍ରକ୍ଷେପଣକ୍ଷମ ୨୯୦ କିଲୋମିଟର୍ ରେଞ୍ଜ୍ ଥିବା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସାମିଲ୍ ହେଲାଣି। ଆବଶ୍ୟକ ହେଲେ ବ୍ରହ୍ମୋସ୍‌ର ରେଞ୍ଜ୍‌କୁ ୪୦୦ କିଲୋମିଟର ଯାଏ ବଢ଼ାଯାଇପାରିବ।

## ୨୦ ଆପ୍ ବିଧାୟକଙ୍କ ସଭ୍ୟ ପଦ କାଏମ୍

**ନୂଆଦିଲ୍ଲୀ :** ପାର୍ଲାମେଣ୍ଟାରୀ ସେକ୍ରେଟାରୀ ଭାବେ ନିଯୁକ୍ତ ହୋଇ ଅଫିସ୍ ଅଫ୍ ପ୍ରଫିଟ୍ ଦୋଷରେ ଅଯୋଗ୍ୟ ଘୋଷିତ ହୋଇଥିବା ଆମ୍ ଆଦମୀ ପାର୍ଟିର (ଆପ୍)ର ୨୦ ବିଧାୟକଙ୍କ ସଭ୍ୟପଦ ଦିଲ୍ଲୀ ହାଇକୋର୍ଟ କାଏମ୍ ରଖିଛନ୍ତି। ଏହାକୁ ଆପ୍ ନେତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସତ୍ୟର ବିଜୟ ବୋଲି କହିଛନ୍ତି। ଅଯୋଗ୍ୟ ଘୋଷଣା କରାଯିବା ପୂର୍ବରୁ ନିର୍ବାଚନ କମିଶନ୍ ସଂପୃକ୍ତ ବିଧାୟକଙ୍କମାନଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେଇନଥିବାରୁ ନ୍ୟାୟର ଉଲ୍ଲଂଘନ ହୋଇଛି ବୋଲି ମତ ଦେଇ ଦିଲ୍ଲୀ ହାଇକୋର୍ଟ ଏହି ପ୍ରସଙ୍ଗର ପୁନଃବିଚାର କରିବାକୁ ନିର୍ବାଚନ କମିଶନ୍‌ଙ୍କୁ କହିଛନ୍ତି। ଅସାମ୍ବିଧାନିକ ଭାବେ ପାର୍ଲାମେଣ୍ଟାରୀ ସେକ୍ରେଟାରୀ ଭାବେ ଅଫିସ୍ ଅଫ୍ ପ୍ରଫିଟ୍‌ରେ ନିଯୁକ୍ତି ପାଇଥିବା ୨୦ଜଣ ଆମ୍ ଆଦମୀ ପାର୍ଟି ବା ଆପ୍ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ନିମନ୍ତେ ନିର୍ବାଚନ କମିଶନ୍ ରାଷ୍ଟ୍ରପତିଙ୍କୁ ସୁପାରିସ୍ କରିଥିଲେ।



ହାଇକୋର୍ଟ ରାୟ ଆସିବା ପରେ 'ଆପ୍' କ୍ୟାମ୍ପରେ ଉତ୍ସବର ପରିବେଶ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ହାଇକୋର୍ଟରୁ ଆଶ୍ୱସ୍ତି ପାଇଥିବା ୨୦ ଜଣ ବିଧାୟକ ବିଧାନସଭା ଯାଇ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ, ଏହା ଚୂଡ଼ାନ୍ତ ରାୟ ନୁହେଁ ବରଂ ସାମୟିକ ଆଶ୍ୱସ୍ତି ମାତ୍ର ବୋଲି କେତେକ ଆଇନ ବିଶେଷଜ୍ଞ ମତ ଦେଇଛନ୍ତି। ନିର୍ବାଚନ କମିଶନ୍ ପୂର୍ବୋକ୍ତ ୨୦ ଜଣ ବିଧାୟକଙ୍କ ଶୁଣାଣି କରିବା ପରେ ନିଜର ପୂର୍ବ ନିର୍ଦ୍ଦେଶ ଦୋହରାଇ ପାରନ୍ତି କିମ୍ବା ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମ୍‌କୋର୍ଟରେ ଅପିଲ୍ କରିପାରନ୍ତି ବୋଲି ସେମାନେ କହିଛନ୍ତି। ଏ ସଂପର୍କରେ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ହ୍ୱାଟ୍‌ସଆପ୍ ଡାଟା ଚୋରି କରୁଛି ଚୀନ୍!

**ନୂଆଦିଲ୍ଲୀ :** ଉତ୍ତରପୂର୍ବ ସୀମାରେ ବାରମ୍ବାର ଭାରତର ନିଦ ହଜାଉଥିବା ଚୀନ୍ ଟାର୍ଗେଟ ପାଇଁ ମାଧ୍ୟମ ସାଜିଛି ହ୍ୱାଟ୍‌ସଆପ୍। ଭାରତର ଗୁପ୍ତ ତଥ୍ୟକୁ ହାତେଇବା ପାଇଁ ଚୀନ୍ ହ୍ୱାଟ୍‌ସଆପ୍ ଗ୍ରୁପ୍‌ଗୁଡ଼ିକୁ ଟାର୍ଗେଟ୍ କରିଥିବାନେଇ ଭାରତୀୟ ସେନା ଏକ ଭିଡିଓ ଜାରି କରିଛି। ଏହିଭଳି ସୂଚନା ଆସିବାର କିଛି ମାସ ପୂର୍ବରୁ ହିଁ ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ(ଏଲ୍‌ଏସି)ରେ କାର୍ଯ୍ୟରତ ଯବାନମାନଙ୍କୁ ଏହିଭଳି ଆପ୍ଲିକେଶନ୍‌ର ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ଚେତାଇ ଦିଆଯାଇଥିଲା। ଗୋଟିଏ ମିନିଟ୍‌ର ଏହି ଭିଡିଓକୁ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ଶେୟାର କରିଛନ୍ତି। ଏହି ଭିଡିଓରେ କୁହାଯାଇଛି, ଚୀନ୍ ଆମ ଡିଜିଟାଲ୍ ଦୁନିଆକୁ ଧସେଇ ପଶିବାର ପ୍ରୟାସ ଚଲାଇଛି। ଆମର ଡିଜିଟାଲ ବ୍ୟବସ୍ଥାକୁ ହ୍ୟାକ୍ କରିବା ପାଇଁ ହ୍ୱାଟ୍‌ସଆପ୍ ଗ୍ରୁପ୍ ହିଁ ମାଧ୍ୟମ ସାଜିବ। +୮୬ରୁ ଆରମ୍ଭ ହେଉଥିବା ଚୀନ୍ ନମ୍ବର ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସାମିଲ ହୋଇ ସମସ୍ତ ତଥ୍ୟ ଚୋରାଇବାକୁ ପ୍ରୟାସ କରିବ। ସମସ୍ତ ଯୋଗାଯୋଗ ନମ୍ବର ସେହି ବ୍ୟକ୍ତିଙ୍କ ନାଁରେ ସେଭ୍ ରଖିବା ସହିତ ରୀତିମତ ବିଭିନ୍ନ ନମ୍ବରଗୁଡ଼ିକ ସମ୍ପର୍କରେ ତନଖି କରିବାକୁ ଏହି ଭିଡିଓରେ ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି ନମ୍ବର ପରିବର୍ତ୍ତନ କରୁଛନ୍ତି, ଗ୍ରୁପ୍ ଆଡମିନ୍‌ଙ୍କୁ ସୂଚନା ଦେବା ସହିତ ଯଦି କେବେ ମଧ୍ୟ ସିମ୍ କାର୍ଡ ପରିବର୍ତ୍ତନ କରୁଛନ୍ତି ଏହାକୁ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଡିସିନାଲ୍ ଡିରୋକ୍ଟରେଟ୍ ଜେନେରାଲ୍ ଅଫ୍ ପବ୍ଲିକ୍ ଇଣ୍ଟରଫେସ୍ (ଏଡିଜିପିଆଇ) ତରଫରୁ ଜାରି କରାଯାଇଥିବା ଏହି ଭିଡିଓରେ କୁହାଯାଇଛି, "ସତର୍କ ରୁହ, ସାବଧାନ ରୁହ, ସୁରକ୍ଷିତ ରୁହ।" ଗତବର୍ଷ ଚୀନ ସୀମାରେ କାର୍ଯ୍ୟରତ ଯବାନଙ୍କୁ ୪୦ଟି ଅସୁରକ୍ଷିତ ଆପ୍ଲିକେଶନ୍‌କୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚୀନ ନିର୍ମିତ ଏବଂ ଚୀନ୍ ସହିତ ଜଡ଼ିତ ଆପ୍ଲିକେଶନ୍ ଜାତୀୟ ସୁରକ୍ଷା ପାଇଁ ବିପଦ ବୋଲି ଭାରତୀୟ ସେନା ତରଫରୁ କୁହାଯାଇଛି।

## ରୋହିଙ୍ଗ୍ୟା :କେନ୍ଦ୍ରକୁ ଜବାବ୍ ତଲବ

**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ରାଜ୍ୟରେ ଥିବା ରୋହିଙ୍ଗ୍ୟା ଶରଣାର୍ଥୀଙ୍କ କ୍ୟାମ୍ପଗୁଡ଼ିକର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଆଜି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ ଏମ୍ ଖାନ୍‌ୱାଲିକର ଓ ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ରୋହିଙ୍ଗ୍ୟା ମାମଲାରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ବରିଷ୍ଠ ଆଇନ୍‌ଜୀବୀ କୋଲିନ୍ ଗନସାଲେଭ୍ ଏକ ଆବେଦନର ଦର୍ଶାଇଥିଲେ ଯେ ଦେଶର ବିଭିନ୍ନ ରାଜ୍ୟରେ ରୋହିଙ୍ଗ୍ୟା ଶରଣାର୍ଥୀ ରହୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ହୋଇଥିବା କ୍ୟାମ୍ପଗୁଡ଼ିକ କଥା କେହି ବୁଝୁନାହାନ୍ତି। ଫଳରେ କ୍ୟାମ୍ପଗୁଡ଼ିକର ପରିବେଶ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ରୋହିଙ୍ଗ୍ୟାମାନେ ଅସୁସ୍ଥକର କ୍ୟାମ୍ପ ମଧ୍ୟରେ ରହିବାକୁ ବାଧ ହେଉଛନ୍ତି। ତେଣୁ କେନ୍ଦ୍ର ସରକାର ଏଥିପ୍ରତି ଯତ୍ନବାନ ହେବା ଦରକାର। ଏଥିସହ ରାଜସ୍ଥାନ, ହରିଆଣା ଓ ଜମ୍ମୁ-କଶ୍ମୀର ସରକାର ମଧ୍ୟ ରୋହିଙ୍ଗ୍ୟାମାନଙ୍କୁ କିଭଳି ସୁସ୍ଥକର ପରିବେଶ ଯୋଗାଇ ଦେବେ ସେ ଦିଗରେ ମଧ୍ୟ କାର୍ଯ୍ୟ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ



ବୋଲି ଆବେଦନକାରୀ ଜାଫରି ଉଲ୍ଲାଙ୍କ ପକ୍ଷରୁ ଆଇନ୍‌ଜୀବୀ କୋଲିନ୍ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଏଥିରେ ସେ ଆହୁରି ଉଲ୍ଲେଖ କରିଥିଲେ ଯେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ କ୍ୟାମ୍ପ ମଧ୍ୟରେ ଅନେକ ଲୋକଙ୍କ ମୃତ୍ୟୁ ଘଟୁଛି। ତେଣୁ ଏହାର ପ୍ରତିକାର ହେବା ଦରକାର। ଖଣ୍ଡପୀଠ ଏହାକୁ ବିଚାର ପାଇଁ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କୁ ରୋହିଙ୍ଗ୍ୟା କ୍ୟାମ୍ପଗୁଡ଼ିକର ସ୍ଥିତାବସ୍ଥା ସଂକ୍ରାନ୍ତରେ ରିପୋର୍ଟ ତଲବ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ମିଆଁମାରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟ ହେବାରୁ ରୋହିଙ୍ଗ୍ୟା ସଂପ୍ରଦାୟର ଲୋକମାନେ ଶରଣାର୍ଥୀ ଭାବେ ଭାରତକୁ ଚାଲି ଆସିଥିଲେ। ସେମାନେ ଜମ୍ମୁ, ହାଇଦ୍ରାବାଦ, ହରିଆଣା, ଉତ୍ତର ପ୍ରଦେଶ, ଦିଲ୍ଲୀ-ଏନ୍‌ଆର ଅଞ୍ଚଳ ଓ ରାଜସ୍ଥାନର ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ରହୁଛନ୍ତି।

## ଉତ୍କଟ ହେବ ଜଳାଭାବ

**ନୂଆଦିଲ୍ଲୀ :** ୨୦୫୦ ବେଳକୁ ଭାରତରେ ଉତ୍କଟ ଜଳ ସମସ୍ୟା ଦେଖାଦେବ ବୋଲି ୟୁନେସ୍କୋ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଲେଖାଯାଇଛି। ସେତେବେଳକୁ କେନ୍ଦ୍ର ଭାରତର ୪୦% ଭୂ-ପୃଷ୍ଠ ନବୀକରଣଯୋଗ୍ୟ ଜଳ ଉତ୍ସ ଶୁଖିସାରିଥିବ। ଦେଶର ଅଧାରୁ ଅଧିକ ସଂଖ୍ୟକ ନଦୀର ଜଳ ବହୁମାତ୍ରାରେ ପ୍ରଦୂଷିତ ହୋଇସାରିଛି। କେବଳ ଭୂ-ପୃଷ୍ଠ ଜଳ ନୁହେଁ ଭୂ-ଗର୍ଭରେ ଥିବା ଜଳ ମଧ୍ୟ ଅନେକ ସ୍ଥାନରେ ପ୍ରଦୂଷିତ ହେଲାଣି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ଅନୁଧ୍ୟାନ ଅନୁଯାୟୀ ଦେଶରେ ୫ବର୍ଷ ତଳେ ପ୍ରଦୂଷିତ ନଦୀ ସଂଖ୍ୟା ଥିଲା ୧୨୧ ଯାହା ଏବେ ୨୭୫ରେ ପହଞ୍ଚିଛି। ଶୋଧନ କରାନଯାଇ କାରଖାନାଗୁଡ଼ିକର ବର୍ଜ୍ୟ ଜଳ ଓ ନର୍ଦ୍ଦମା ଜଳ, ରାସାୟନିକ ସାର, କୀଟନାଶକ ଆଦି ମିଶ୍ରିତ ପ୍ରଦୂଷିତ ଜଳ ନଦୀରେ ଛଡ଼ାଯାଉଥିବାରୁ ନଦୀ ଜଳ ପ୍ରଦୂଷଣ ବଢ଼ିଛି। ମହାରାଷ୍ଟ୍ରରେ ପ୍ରବାହିତ ମିଠି, ଗୋଦାବରୀ, ଭୀମ, କ୍ରିଷ୍ଣା, ଉଲ୍ଲାସ, ତାପି, କୁଣ୍ଡଳିକା, ପଞ୍ଚଗଙ୍ଗା, ମୂଳା-ମୁଠା, ବୈତରଣା ଆଦି ୪୯ଟି ନଦୀର ଜଳ ଅତ୍ୟନ୍ତ ପ୍ରଦୂଷିତ। ସେହିଭଳି ଆସାମର ୨୮, ମଧ୍ୟପ୍ରଦେଶର ୨୧, ଗୁଜରାଟର ୨୦ ଓ ପଶ୍ଚିମବଙ୍ଗର ୧୭ଟି ନଦୀର ଜଳ ଅତ୍ୟନ୍ତ ପ୍ରଦୂଷିତ ହୋଇସାରିଛି। ଦାକ୍ଷିଣାତ୍ୟରେ ଗୋଦାବରୀ, କାବେରୀ ଓ କ୍ରିଷ୍ଣା



ନଦୀରେ ଜଳ ପ୍ରବାହ କମିଛି। କ୍ରିଷ୍ଣା ନଦୀରେ ଶ୍ରୀଶୈଳମ୍ ଡ୍ୟାମ୍ ତଳକୁ ସମୁଦ୍ର ଯାଏ ୧୪୦ କିଲୋମିଟରର ନଦୀ ଶଯ୍ୟା ଶୁଖିଲା ପଡୁଛି। ସେହିଭଳି କାବେରୀ ନଦୀରେ ମେଟ୍ଟୁର ଡ୍ୟାମ୍ ତଳକୁ ଆଉ ଜଳ ପ୍ରବାହ ରହୁନାହିଁ।ଗୋଦାବରୀ ନଦୀରେ ରାଜମୁନ୍ଦ୍ରି ଡ୍ୟାମ୍ ତଳକୁ କ୍ଷୀଣ ଜଳ ପ୍ରବାହ ରହୁଛି। ଧାନ, ଆଖୁ ଭଳି ଅଧିକ ଜଳ ଦରକାର କରୁଥିବା ଫସଲ ନକରିବା ପାଇଁ ଆନ୍ଧ୍ର ପ୍ରଦେଶର ଚାଷୀଙ୍କୁ କୁହାଗଲାଣି। ପଞ୍ଜାବ, ହରିୟାଣା ଓ ଦିଲ୍ଲୀ ଭୂ-ଗର୍ଭ ଜଳର ସ୍ତର ବହୁତ ତଳକୁ ଖସିଗଲାଣି। ୨୦୩୦ ବେଳକୁ ଯେତେ ଶୁଦ୍ଧ ଜଳ(ଫ୍ରେସ୍ ୱାଟର୍) ଦରକାର ହେଉଥିବ ତାହାର ଅଧା ହିଁ ଉପଲବ୍ଧ ହେଉଥିବ। ମୁଣ୍ଡପିଛା ଜଳ ଉପଲବ୍ଧତା ୧୯୫୧ରେ ଥିଲା ୫୧୭୭ ଘନମିଟର। ୨୦୧୧ ବେଳକୁ ମୁଣ୍ଡପିଛା ଜଳ ଉପଲବ୍ଧତା ୧୫୪୫ ଘନମିଟରକୁ କମିସାରିଛି। ଅନ୍ତର୍ଜାତୀୟ ଜଳାକ୍ଲିଷ୍ଟତା ଷ୍ଟାଣ୍ଡାର୍ଡ ହେଲା ମୁଣ୍ଡପିଛା ୧୭୦୦ ଘନମିଟର ଜଳ ଉପଲବ୍ଧତା। ୨୦୨୫ ବେଳକୁ ଦେଶରେ ମୁଣ୍ଡପିଛା ଜଳ ଉପଲବ୍ଧତା ରହିବ ୮୧୪ ଘନମିଟର। ନଦୀ, ହ୍ରଦ, ଜଳାଭୂମି, ପୋଖରୀ, କୂପ ଆଦି ଜଳ ଉତ୍ସଗୁଡ଼ିକ ଶୁଖିବାରେ ଲାଗିଥିବାରୁ ଏବେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ପ୍ରାୟ ପ୍ରତିବର୍ଷ ଚାଷୀମାନେ ମରୁଡ଼ି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ଆଇଏସ୍‌ଆଇ ଟାର୍ଗେଟରେ ଶିଖ୍ ସମ୍ପ୍ରଦାୟର ଯୁବକ

**ନୂଆଦିଲ୍ଲୀ :** ଆତଙ୍କବାଦୀ ହମ୍‌ଲା କରିବା ପାଇଁ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବେ ନୂଆ ନୀତି ଆପଣାଇଛି। ମୁସଲିମ୍ ନୁହେଁ ବରଂ ଶିଖ୍ ସଂପ୍ରଦାୟର ଯୁବକଙ୍କୁ ଆଇଏସ୍‌ଆଇ ପାକିସ୍ତାନରେ ରଖି ଭାରତ ବିରୋଧରେ ଉସକାଉଛି। ଖାଲି ସେତିକି ନୁହେଁ କାନ୍ନାଡା ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଶିଖ୍ ଓ ଅନ୍ୟ ସଂପ୍ରଦାୟର ଲୋକଙ୍କୁ ଆଇଏସ୍‌ଆଇ ଭାରତ ବିରୋଧରେ ମିଛ ତଥ୍ୟ ଦେଇ ସେମାନଙ୍କୁ ନୂଆ ଦିଲ୍ଲୀ ବିରୋଧରେ ପ୍ରବର୍ତ୍ତାଉଛି। ଏଭଳି ଏକ ସାଂଘାତିକ ତଥ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସଂସଦୀୟ କମିଟିକୁ ଅବଗତ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବିଜେପି ନେତା ମୁରଲୀ ମନୋହର ଯୋଶୀଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟିକୁ କହିଛନ୍ତି ଯେ ବିଭିନ୍ନ ଆତଙ୍କବାଦୀ ସଂଗଠନ ଏବେ ଯୁବଗୋଷ୍ଠୀଙ୍କୁ ଇଣ୍ଟରନେଟ୍ ସୋଶାଲ୍ ମିଡିଆ ଦ୍ୱାରା ବଶୀଭୂତ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସଂସଦୀୟ କମିଟିକୁ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଥିବା ବିଭିନ୍ନ ଆତଙ୍କବାଦୀ ସଂଗଠନର ଆକ୍କାମାନଙ୍କ ଉପରେ ଆଇଏସ୍‌ଆଇ ଚାପ ସୃଷ୍ଟି କରିବା ଆରମ୍ଭ କରିଦେଇଛି। ଭାରତର ବିଭିନ୍ନ ରାଜ୍ୟରେ ଆତଙ୍କବାଦୀ ହମ୍‌ଲା ହେବା ଦରକାର ବୋଲି ଆଇଏସ୍‌ଆଇ ଚାହୁଁଛି। ଖାସ୍ ସେଥିପାଇଁ ଆଇଏସ୍‌ଆଇ ଶିଖ୍ ଯୁବକମାନଙ୍କୁ ପାକିସ୍ତାନରେ ରଖି ହମ୍‌ଲାର ଟ୍ରେନିଂ ଦେଉଛି। ବିଶେଷ କରି ଜେଲ୍ ଫେରନ୍ତା, ବେକାର ଯୁବକ, ଅପରାଧୀ ଓ ଚୋରା ଚାଲାଣ କରୁଥିବା ବ୍ୟକ୍ତିମାନଙ୍କୁ ଆଇଏସ୍‌ଆଇ ସ୍ୱତନ୍ତ୍ର ଟ୍ରେନିଂ ଦେଇ ହମ୍‌ଲା ପାଇଁ ପ୍ରସ୍ତୁତ କରୁଛି। ୟୁରୋପ, ଆମେରିକା ଓ କାନ୍ନାଡ଼ାରେ ରହୁଥିବା ଶିଖ୍ ଯୁବକ ମାନଙ୍କୁ ମଧ୍ୟ ଆଇଏସ୍‌ଆଇ ଭାରତ ବିରୋଧରେ ମିଥ୍ୟା ତଥ୍ୟ ଦେଉଛି। ମିଥ୍ୟା ପ୍ରଚାର ଦ୍ୱାରା ଆଇଏସ୍‌ଆଇ ସେମାନଙ୍କୁ ଭାରତ ବିରୋଧରେ ଉସ୍‌କାଉଛି। କିନ୍ତୁ ଭାରତ ପକ୍ଷରୁ ଏସବୁ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଦରକାର ପଡ଼ିଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତ ସରକାର ପାକିସ୍ତାନରେ ସକ୍ରିୟ ଥିବା ଲସ୍କର-ଇତାଏବା, ଜୈଶ-ଇ-ମହମ୍ମଦ ଓ ଇଣ୍ଡିଆନ୍ ମୁଜାହିଦ୍ଦିନ୍‌ରୁ ଅଲଗା ହୋଇଥିବା ସିମି ଏବଂ ଅଲ ଉନମହାର କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସଂସଦୀୟ କମିଟିକୁ ଅବଗତ କରାଯାଇଛି।

## ଦୁର୍ନୀତି ରୋକିପାରିବ ଆଧାର

**ନୂଆଦିଲ୍ଲୀ :** ଆଧାର କାର୍ଡର ବ୍ୟବହାରର ସମର୍ଥନ ଜଣାଇ ଆଟର୍ଣ୍ଣି ଜେନେରାଲ୍ କେକେ ଭେନୁଗୋପାଳ ସୁପ୍ରିମକୋର୍ଟରେ ଓକିଲାତି କରିଛନ୍ତି। ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠକୁ ସେ ଜଣାଇଛନ୍ତି ଯେ ଦୁର୍ନୀତି ରୋକିବା ପାଇଁ ଆଧାର କାର୍ଡ ଜରୁରୀ। ଲୋକଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସାମଗ୍ରୀର ବାଟମାରଣା ଯୋଗୁ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି। ତେଣୁ ଆଧାର କାର୍ଡ ଦ୍ୱାରା ଏହାକୁ ରୋକା ଯାଇ ପାରିବ ବୋଲି ସେ ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର, ଜଷ୍ଟିସ୍ ଏକେ ସିକ୍ରି, ଜଷ୍ଟିସ୍ ଡିୱା ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଅଶୋକ ଭୂଷଣ ଓ ଜଷ୍ଟିସ୍ ଏଏମଓ୍ ଖାନ୍ ୱାଲିକାରଙ୍କୁ ନେଇ



ଗଠିତ ସାମ୍ବିଧାନିକ ଖଣ୍ଡପୀଠରେ ବର୍ତ୍ତମାନ ଆଧାର ବୈଧତା ସମ୍ପର୍କରେ ଶୁଣାଣି ଚାଲିଛି। ବ୍ୟକ୍ତିଗତ ଗୋପନୀୟତା ଓ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଆଧାର ଦ୍ୱାରା କ୍ଷୁଣ୍ଣ ହେଉଛି ବୋଲି ଏକାଧିକ ସଂସ୍ଥା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଅଭିଯୋଗକୁ ଭିତ୍ତିହୀନ ବୋଲି ଦର୍ଶାଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ୍ କେକେ ଭେନୁଗୋପାଲ ଯୁକ୍ତି ଉପସ୍ଥାପନ କରିଥିଲେ। ସେ କହିଥିଲେ ସମସ୍ତଙ୍କ କଥାକୁ ବିଚାରକୁ ନେଇ ଆଧାର କାର୍ଡ ବ୍ୟବସ୍ଥା ଆଣାଯାଇଛି। ଏଥିରେ ବ୍ୟକ୍ତିଗତ ସ୍ୱାଧୀନତା କୌଣସି ପ୍ରକାରର କ୍ଷୁଣ୍ଣ ହେଉନାହିଁ। ଭେନୁଗୋପାଲ କହିଥିଲେ ରାଜ୍ୟରେ ଗରିବ ଦୂରୀକରଣ ପାଇଁ ଆଧାରକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। ମୌଳିକ ଅଧିକାରର ଅର୍ଥ ନୁହେଁ ଲୋକମାନେ ପଶୁପକ୍ଷୀଙ୍କ ଭଳି ଜୀବନ ବିତାଇବେ। ଲୋକମାନଙ୍କ ମୌଳିକ ଅଧିକାରର ଅର୍ଥ ସେମାନେ କେମିତି ଆତ୍ମସମ୍ମାନର ସହ ବଞ୍ଚି ପାରିବେ। ଖାଦ୍ୟ ଯୋଗାଣ ଓ ଲୋକଙ୍କୁ ସେମାନଙ୍କ ମୌଳିକ ଆବଶ୍ୟକତା ଯୋଗାଇ ଦେବାରେ ଆଧାର ଆମକୁ ସାହାଯ୍ୟ କରୁଛି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଆଧାର ତଥ୍ୟ ଦିଲ୍ଲୀ ନିକଟସ୍ଥ ମାନେସରଠାରେ ସୁରକ୍ଷିତ ରହିଛି। ୧୩ ଫୁଟ୍ ଉଚ୍ଚ ଓ ୫ ଫୁଟ୍ ଚଉଡ଼ାର କାନ୍ଥ ଭିତରେ ଆଧାର ବାୟୋମେଟ୍ରିକ ତଥ୍ୟ ରଖାଯାଇଛି। ଅଳ୍ପ କେତେକ ଲୋକ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟତା ନେଇ ଆଶଙ୍କା କରୁଥିବାରୁ ଅନ୍ୟମାନଙ୍କୁ ଦକ୍ଷ, ସ୍ୱଚ୍ଛ ଓ ସେବା ମିଳିବାରୁ ବଞ୍ଚିତ କରାଯାଇ ନପାରେ। ୨୦୦୯ ପରଠାରୁ ୧୨୦ କୋଟି ଲୋକଙ୍କ ଆଧାର ତଥ୍ୟ ସଂଗୃହୀତ ହୋଇ ଅତ୍ୟନ୍ତ ସୁରକ୍ଷିତ ଭାବେ ଏହି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ୍ ମିଶ୍ର କହିଥିଲେ ଆପଣ କହିବାକୁ ଚାହୁଁଛନ୍ତି ଯେ ଅର୍ଥନୀତିକ ନ୍ୟାୟ ଦେବା ପାଇଁ ଆମେ ଜଣେ ବ୍ୟକ୍ତିର ସ୍ୱାଧୀନତାରେ ବୁଝାମଣା କରିପାରିବା? ଏହି ସମୟରେ ଅନ୍ୟ ବିଚାରପତିମାନେ ଆଟର୍ଣ୍ଣି ଜେନେରାଲ୍‌ଙ୍କୁ ଏକାଧିକ ପ୍ରଶ୍ନବାଣ କରିଥିଲେ। ଆଗକୁ ଏହି ମାମଲାରେ ଶୁଣାଣି ଚାଲିବ ବୋଲି ବେଞ୍ଚ୍ କହିଥିଲେ।






# ପଥର ଖଣି ଲୁଟ୍ : କାହା ଚାପରେ ପ୍ରଶାସନ ନିରବ

**ଖୋରଧା :** ଏହି ତହସିଲ ଅଞ୍ଚଳରେ ବହୁମାତ୍ରାରେ ଥିବା ଗ୍ରାନାଇଟ୍ ପାହାଡ଼ରୁ ଖଣି ମାଫିଆମାନେ ତହସିଲ କର୍ମଚାରୀଙ୍କୁ ହାତ କରି ଖଣିରୁ ପଥର ଖୋଳି ବାହାରକୁ ଚୋରା ଚାଲାଣ କରୁଥିବା ଦେଖାଦେଉଛି। ହେଲେ ଜିଲ୍ଲା ପ୍ରଶାସନ ତଥା ପୋଲିସ୍ କର୍ତ୍ତୃପକ୍ଷ ଏସବୁ ଜାଣି ଶୁଣି ନିରବ ରହୁଛନ୍ତି। ନିକଟରେ ଖୋରଧା ତହସିଲ ଅଧିନସ୍ଥ ଟାଙ୍ଗୁରି-୨ ପଥର ଖଣିରୁ ଦିନ ଦ୍ୱିପ୍ରହରରେ ପଥର ଚୋରା ଚାଲାଣ ହେଉଥିବା ଖବରକୁ ନେଇ ଖୋରଧାର ପୂର୍ବତନ ତହସିଲଦାର ଶାନ୍ତନୁ କୁମାର ମହାନ୍ତି ଚଢାଉ କରିଥିବା ବେଳେ ଖଣିମାଫିଆମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ସେ ଭୟଭୀତ ହୋଇ ତୁରନ୍ତ ସେହି ସ୍ଥାନ ଛାଡ଼ି ଆସିବାକୁ ବାଧ୍ୟ ହୋଇଥିଲେ। ଏ ନେଇ ପୂର୍ବତନ ତହସିଲଦାର ଲିଖିତ ଭାବରେ ଖୋରଧା ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଲୋକଦେଖାଣିଆ ଜଣକୁ ମାତ୍ର ଗିରଫ କରି ଚୁପ୍ ହୋଇ ବସି ରହିଲା। ଫଳରେ ପୂର୍ବତନ ତହସିଲଦାର ନିଜର ଜୀବନ ପ୍ରତି ବିପଦ ଥିବା ଜାଣିପାରି ଅନ୍ୟତ୍ର ବଦଳି ହୋଇ ଚାଲିଗଲେ। ଯାହା ଫଳରେ ଏବେ ପୁଣି ଖଣିମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ପାହାଡ଼ଗୁଡ଼ିକ ମଧ୍ୟରୁ କେତେକ ପାହାଡ଼ ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ଅନେକ ପାହାଡ଼ରୁ ଖଣିମାଫିଆମାନେ ବେଆଇନ ଭାବରେ ପଥର ଚୋରା ଚାଲଣ କରୁଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଉପକାରରେ ଏହି ଲଘୁ ଖଣିଜ ପଦାର୍ଥ ଆସୁ ନଥିବା ବେଳେ ମାଫିଆମାନେ ପଥର ବିକ୍ରି କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ସୂଚନା ଅନୁସାରେ ଖଣି ମାଫିଆମାନେ କିଛି ରାଜନେତାମାନଙ୍କୁ ହାତ କରିବା ସହିତ ତହସିଲ କର୍ମଚାରୀମାନଙ୍କୁ ମଧ୍ୟ ଲାଞ୍ଚ ଦେଇ ବସ କରି ରଖିଛନ୍ତି। ପଥର ଉତ୍ତୋଳନ କରାଯିବା ବେଳେ ବ୍ଲାଷ୍ଟିଂ କରାଯାଉଥିବାରୁ ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ବ୍ଲାଷ୍ଟିଂ ସମୟରେ ଜନ ବସତି ଅଞ୍ଚଳ ଥରି ଉଠୁଛି। ସତେ ଯେପରି ଭୂମିକମ୍ପ ହେଉଛି ବୋଲି ଲୋକମାନେ ଅନୁଭବ କରୁଛନ୍ତି। ବ୍ଲାଷ୍ଟିଂରେ ବ୍ୟବହାର କରାଯାଉଥିବା ବିସ୍ଫୋରକ ସାମଗ୍ରୀର ଟୁକୁରା ଅଂଶ ନିକଟବର୍ତ୍ତୀ ବିଲରେ ପଡୁଥିବାରୁ ଫସଲ ଉତ୍ପାଦନ ମଧ୍ୟ ଭଲ ହେଉ ନାହିଁ। ଏ ସମ୍ବନ୍ଧରେ ସ୍ଥାନୀୟ ଅଧିବାସୀ ମାନେ ଜିଲ୍ଲା ପ୍ରଶାସନକୁ ବହୁବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ଖଣି ମାଫିଆମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ନାମକୁ ମାତ୍ର ରୟାଲଟି ଆଦାୟ କରି କୋଟି କୋଟି ଟଙ୍କାର ରାଜସ୍ୱକୁ ସରକାରୀ କର୍ମଚାରୀ ପୋଲିସ୍, ମାଫିଆ ଓ ରାଜନେତା ଲୁଟୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ରାଜସ୍ୱ ବିଭାଗ ତଥା ପୋଲିସ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ଆଶାକର୍ମୀଙ୍କ ପାରିଶ୍ରମିକ ବଢ଼ିଲା

**ଭୁବନେଶ୍ୱର :** ରାଜ୍ୟ ସରକାର ଆଶା କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ଏହା ସହିତ ଆଶା କର୍ମୀଙ୍କ ପାଇଁ 'ଆଶା ମାତୃତ୍ୱ ଯୋଜନା' ନାମକ ଏକ ନୂଆ ଯୋଜନା ମଧ୍ୟ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ଆଶା କର୍ମୀମାନେ ଏଣିକି ନିଶ୍ଚିତ ପାରିଶ୍ରମିକ ଭାବେ ମାସକୁ ୨ହଜାର ଟଙ୍କା ପାଇବେ। ତା'ସହିତ ପୂର୍ବଭଳି ସେମାନଙ୍କ କାର୍ଯ୍ୟ ଅନୁସାରେ ଅନ୍ୟାନ୍ୟ ସମସ୍ତ ପ୍ରକାରର ପ୍ରୋତ୍ସାହନ ରାଶି ପାଇବେ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୧୫୭ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ୪୭ ହଜାରରୁ ଊର୍ଦ୍ଧ୍ୱ ଆଶା କର୍ମୀ ଉପକୃତ ହେବେ। ସେହିପରି ଆଶା କର୍ମୀମାନଙ୍କୁ ସେମାନଙ୍କ ଗର୍ଭାବସ୍ଥାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ପ୍ରୋତ୍ସାହନ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଆର୍ଥିକ ବର୍ଷରୁ 'ଆଶା ମାତୃତ୍ୱ ଯୋଜନା' ଆରମ୍ଭ କରାଯିବ। ଏହି ଯୋଜନାରେ ଆଶା କର୍ମୀମାନଙ୍କୁ ଗର୍ଭଧାରଣର ୭ମାସଠାରୁ ଶିଶୁ ଜନ୍ମର ୩ମାସ ପର୍ଯ୍ୟନ୍ତ ମୋଟ ୬ମାସ ପାଇଁ ମାସକୁ ୧ହଜାର ଟଙ୍କାର ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହା ସେମାନଙ୍କ ଦରମା ବାଦ୍ ଅତିରିକ୍ତ ଭାବେ ମିଳିବ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୫୬.୫୨ ଲକ୍ଷ ଟଙ୍କା ବ୍ୟୟବରାଦ କରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ରତ୍ନଭଣ୍ଡାର ଖୋଲିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ :** ଜଗମୋହନ ମରାମତି ସମ୍ପର୍କିତ ମାମଲାରେ ହାଇକୋର୍ଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି । ସେହିଭଳି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ବିନୀତ୍ ଶରଣ ଓ ଜଷ୍ଟିସ୍ ବିଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରତ୍ନ ଭଣ୍ଡାର ଖୋଲିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୬ ଓ ୨୭ ତାରିଖରେ ପ୍ରତ୍ନତତ୍ତ୍ୱ ବିଭାଗକୁ ଏନ୍‌କେ ମହାନ୍ତି କମିଟି ଓ ଶ୍ରୀମନ୍ଦିର ପ୍ରଶାସନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରତ୍ନଭଣ୍ଡାରରେ ମରାମତିର ଆବଶ୍ୟକତା ଅଛି କି ନାହିଁ, ସେ ସମ୍ପର୍କରେ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଧ୍ୟାନ ପରେ ପ୍ରତ୍ନତତ୍ତ୍ୱ ବିଭାଗକୁ ଏ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କହିଛନ୍ତି। ଏଥିସହିତ ଅଦାଲତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୯ ତାରିଖକୁ ସମୟ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଥାଉ କି, ୧୯୮୪ ମସିହା ପରଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ତେଣୁ ତାହାର ମରାମତିର ଆବଶ୍ୟକ ଅଛି କି ନାହିଁ ସେ ସମ୍ପର୍କରେ ପ୍ରତ୍ନତତ୍ତ୍ୱ ବିଭାଗ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

# ସ୍ମାର୍ଟ ସିଟିରେ ଲାଗିଲା ଆଡାପ୍ଟିଭ୍ ଟ୍ରାଫିକ୍ ସିଗ୍ନାଲ୍

**ଭୁବନେଶ୍ୱର :** ସ୍ମାର୍ଟ ସିଟିରେ ସ୍ମାର୍ଟ ଟ୍ରାଫିକ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ତରଫରୁ ଦୁଇ ବର୍ଷ ତଳେ ଯୋଜନା ପ୍ରସ୍ତୁତ ହୋଇଥିଲା। ରାଜଧାନୀର ପ୍ରମୁଖ ଛକଗୁଡ଼ିକରେ ଆଡାପ୍ଟିଭ୍ ଟ୍ରାଫିକ୍ ସିଗନାଲ୍ ଲଗାଇବାକୁ ଟେଣ୍ଡର୍ ଆହ୍ୱାନ କରାଯାଇଥିଲା। ଟେଣ୍ଡର ହାସଲକାରୀ ସଂସ୍ଥା ପ୍ରଥମେ ସଚିବାଳୟ ମାର୍ଗରୁ ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ରାଜଧାନୀର ୫୦ଟି ସ୍ଥାନରେ ଆଡାପ୍ଟିଭ୍ ଟ୍ରାଫିକ୍ ସିଗନାଲ୍ ଲଗାଇସାରିଛି। ରାଜଧାନୀର ସମୁଦାୟ ୫୮ଟି ଟାଫିକ୍ ଛକରେ ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ରାଜଧାନୀ ରାସ୍ତାରେ ଟ୍ରାଫିକ୍ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ। ଇଣ୍ଟରନେଟ୍ ମ୍ୟାନେଜମେଣ୍ଟ ଦ୍ୱାରା ଏହି ଟ୍ରାଫିକ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍ ଟେଣ୍ଡର୍ ନେଇଥିବା ଗୁରୁଗାଓଁର ଏନଭୟଜ୍ ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୁବ ଶୀଘ୍ର ଅନ୍ୟ ଛକଗୁଡ଼ିକରେ କାର୍ଯ୍ୟକାରୀ ହେବ। ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ସମସ୍ତ ୫୮ ଛକରେ ସ୍ମାର୍ଟ ଟ୍ରାଫିକ୍ ସିଷ୍ଟମ୍ କାର୍ଯ୍ୟକାରୀ କରିବାକୁ ଏନଭୟଜ୍ କମ୍ପାନୀକୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଆଡାପ୍ଟିଭ୍ ଟ୍ରାଫିକ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଏଟିସିଏସ୍) ଦ୍ୱାରା ସେଣ୍ଟ୍ରାଲ୍ କଣ୍ଟ୍ରୋଲ୍ ରୁମ୍‌ରେ ଏକ ବଡ଼ ଭିଡିଓ ସ୍କିନ୍‌ରେ ସାରା ସହରର ଟ୍ରାଫିକ ଜଙ୍କସନ୍‌ର ଚିତ୍ର ଉପଲବ୍ଧ ହେବ। ଏହା ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣରେ ସୁବିଧା ହେବ। ୧୪.୭ କୋଟି ଟଙ୍କାର ଏହି ପ୍ରକଳ୍ପରେ ଭୁବନେଶ୍ୱରର ୫୮ଟି ଟ୍ରାଫିକ୍ ସିଗନାଲ୍, ୧୪ଟି ପେଲିକାନ୍ କ୍ରସିଂ ଓ ୫ଟି ଲୋକେସନ୍‌ର ଆଧୁନିକୀକରଣ କରାଯିବ। ସୌରଶକ୍ତି ଦ୍ୱାରା ଏହି ଟ୍ରାଫିକ୍ ସିଗନାଲଗୁଡ଼ିକ ପରିଚାଳିତ ହେବ। ଟ୍ରାଫିକ ବ୍ୟବସ୍ଥାରେ ବିଶ୍ୱର ଅତ୍ୟାଧୁନିକ ଜ୍ଞାନ କୌଶଳ 'କମ୍ପୋଜିଟ୍ ସିଗନାଲ୍ କଣ୍ଟ୍ରୋଲ୍ ଷ୍ଟ୍ରାଟେଜି' ଦ୍ୱାରା ଏହା ପରିଚାଳିତ ହେବ। ଆସନ୍ତା ୭ ବର୍ଷ ପାଇଁ ଏନ୍‌ଭଏଜ୍ ଲିମିଟେଡ୍ ଟ୍ରାଫିକ୍ ସିଷ୍ଟମ୍‌ର ରକ୍ଷଣାବେକ୍ଷଣ କରିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଟ୍ରାଫିକ ଟେଣ୍ଡର୍ ଆଉ ଏକ କମ୍ପାନୀକୁ ଦିଆଯାଇଥିଲା। ଏହା ବିରୋଧରେ ଏନକନ୍ କମ୍ପାନୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏହି ଟ୍ରାଫିକ୍ ଟେଣ୍ଡରକୁ ବାତିଲ କରିବାକୁ ବାଧ୍ୟ ହୋଇଥିଲା। ଗତ ୨୦୧୬ ଡିସେମ୍ବର ୨୧ରେ ଗୁରୁଗାଓଁର ଏନଭୟଜ୍ ଇଲେକ୍ଟ୍ରୋନିକ୍ସ ପ୍ରାଇଭେଟ୍ ଲିମିଟେଡ୍ ୧୪.୭ କୋଟି ଟଙ୍କାର ଏହି ଟେଣ୍ଡର୍ ହାତେଇଥିଲା।

# ଓଟିଭିକୁ ବିଜେଡିର ବୟକଟ୍




**ଭୁବନେଶ୍ୱର :** ବିଜୁ ଜନତା ଦଳର ଭାବମୂର୍ତ୍ତୀକୁ ମଳିନ କରିବା ଲାଗି ଯେପରି ସୁଚିନ୍ତିତ ଭାବେ ଆଞ୍ଚଳିକ ଟିଭି ଚ୍ୟାନେଲ ଓଟିଭି ଯୋଜନାବଦ୍ଧ କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବା ପାଇଁ ଲାଗି ପଡ଼ିଛି, ତାହା ବିଜେଡି ଓ ସମଗ୍ର ରାଜ୍ୟବାସୀ ଅନୁଭବ କରୁଛନ୍ତି। ବୈଜୟନ୍ତ ପଣ୍ଡା ଦଳ ବିରୋଧୀ କାର୍ଯ୍ୟକ୍ରମ ଯୋଗୁ ନିଲମ୍ବିତ ହେବା ପରଠାରୁ ଓଟିଭି ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରୁଛି।

ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ ବିଜୁ ଜନତା ଦଳର କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ କହିଛନ୍ତି, ଟେଲିଭିଜନ ବିତର୍କ ଓ 'ପ୍ୟାନେଲ ଡିସ୍‌କସନ'ବେଳେ ଦେଖାଯାଉଛି ଯେ ବିଜେଡି ମୁଖପାତ୍ର ଓ ପ୍ୟାନେଲିଷ୍ଟ ମାନଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ନ୍ୟୁନତମ ସମୟ ମଧ୍ୟ ଆଙ୍କରର ମାନେ ଦେଉନାହାନ୍ତି, ଯାହା ପକ୍ଷପାତିତା ବ୍ୟତିତ ଆଉ କିଛି ହୋଇ ନପାରେ। ନିରପେକ୍ଷ ନହୋଇ ବିଜେଡିକୁ କୋଣଠେସା କରିବାର ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରାଯାଉଛି। ଏପରିକି ବିଜେଡି ମୁଖପାତ୍ର ଓ ପାନେଲିଷ୍ଟ ଉତ୍ତର ଦେବାକୁ ସର୍ବନିମ୍ନ ସୁଯୋଗ ଦିଆଯାଉନାହିଁ। ଓଟିଭି ଦର୍ଶକମାନେ ଏହି ଚାନେଲର ତର୍କନେଇ କରିଥିବା ଟୁଇଟ୍ ଗୁଡିକରେ ନିରପେକ୍ଷତା ଅଭାବ ଅନୁଭବ କରୁଥିବା ଦର୍ଶାଇବା ସହ ଆଙ୍କରର୍ ମାନଙ୍କ ପକ୍ଷପାତିତା ନେଇ ଅଙ୍ଗୁଳି ଉଠାଇଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ବହୁ ବୁଦ୍ଧିଜୀବୀଙ୍କ ସମେତ ବରିଷ୍ଠ ନାଗରିକ ଓ ଯୁବକ ଯୁବତୀ ଓଟିଭି କରୁଥିବା ପକ୍ଷପାତ ଓ ବିଜେଡିକୁ ଉଚିତ୍ ଦୃଷ୍ଟିରେ ଦେଖୁନଥିବାର ତୀବ୍ର ସମାଲୋଚନା କରିଛନ୍ତି। ଏହାମଧ୍ୟ ଅନୁଭବ କରାଯାଉଛି ଯେ, ରାଜ୍ୟର ୩୦ ସାଂସଦ ଓ ୧୪୭ ବିଧାୟକଙ୍କ କ୍ଷେତ୍ରରେ ସେମାନଙ୍କ କାର୍ଯ୍ୟକ୍ରମ ଓ ଟୁଇଟର୍ ମତାମତକୁ ଯେତିକି ଗୁରୁତ୍ୱ ଦେଉଛି ତା'ଠାରୁ ଅଧିକ ଗୁରୁତ୍ୱ କେବଳ ବୈଜୟନ୍ତ ପଣ୍ଡାଙ୍କୁ ସାଂସଦ କହି ଦିଆଯାଉଛି। ଶ୍ରୀ ଦେବ ପ୍ରତିକ୍ରିୟାରେ କହିଛନ୍ତି, ଓଟିଭିର ଏହିପରି ପକ୍ଷପାତ ଆଚରଣ ଯୋଗୁ ଏହାର କୌଣସି କାର୍ଯ୍ୟକ୍ରମରେ ଦଳର କେହି ସେପର୍ଯ୍ୟନ୍ତ ଭାଗ ନେବେ ନାହିଁ, ଯେପର୍ଯ୍ୟନ୍ତ ଓଟିଭି ନିରପେକ୍ଷ ଆଚରଣ ପ୍ରଦର୍ଶନ କରିବ ନାହିଁ। ବିଜୁ ଜନତା ଦଳ ସଦା ସର୍ବଦା ପ୍ରେସ୍ ସ୍ୱାଧୀନତା ଓ ନିରପେକ୍ଷ ମତାମତକୁ ସମ୍ମାନ ଦେଇ ଆସିଛି ଓ ଆଗକୁ ମଧ୍ୟ ଏହା ଜାରି ରହିବ। ଆଜି ଶ୍ରୀ ପ୍ରତାପ ଦେବଙ୍କ ସହ ରାଜ୍ୟ ସଂପାଦକ ବିଜୟ ନାୟକ, ମୁଖପାତ୍ର ସସ୍ମିତ ପାତ୍ର, ସୁଲୋଚନା ଦାସ ଏବଂ ବିଜେଡି ନେତା ସୁବାଷ ସିଂ ଉପସ୍ଥିତ ଥିଲେ।

# ୧୧ ପାର୍କରେ ମୁକ୍ତାକାଶ ଜିମ୍

**ଭୁବନେଶ୍ୱର :** ରାଜଧାନୀବାସିନ୍ଦା ସୁସ୍ଥ ସବଳ ରହିବେ। ଏଥିପାଇଁ ବିଡିଏ ତରଫରୁ ରାଜଧାନୀର ଆଉ ୧୧ଟି ପାର୍କରେ ମୁକ୍ତାକାଶ ଜିମ୍ ଖୋଲାଯାଇଛି। ଦୁଇବର୍ଷ ତଳେ ରାଜଧାନୀର ପାର୍କଗୁଡ଼ିକରେ ଜିମ୍ ଖୋଲିବାକୁ ବିଡିଏ ଯୋଜନା ପ୍ରସ୍ତୁତ କରିଥିଲା। ପ୍ରଥମେ ନିଳାଦ୍ରୀ ବିହାର ବୁଦ୍ଧଜୟନ୍ତୀ ପାର୍କରେ ମୁକ୍ତାକାଶ ଜିମ୍ ଖୋଲାଯାଇଥିଲା। ବର୍ତ୍ତମାନ ରାଜଧାନୀରେ ଜିମ୍ ଥିବା ପାର୍କ ସଂଖ୍ୟା ୨୬ରେ ପହଞ୍ଚିଛି। ୨୦୧୫ରେ କେବଳ ଗୋଟିଏ ବୁଦ୍ଧଜୟନ୍ତୀ ପାର୍କରେ ଜିମ୍ ଖୋଲିଥିଲା ବେଳେ ଲୋକଙ୍କ ଚାହିଦା ଓ ଆଗ୍ରହ ବୃଦ୍ଧି ପାଇବାରୁ ୨୦୧୭ରେ ୧୫ଟି ପାର୍କରେ ଜିମ୍ ଖୋଲାଯାଇଥିଲା। ବର୍ତ୍ତମାନ ଆଉ ୧୧ଟି ପାର୍କରେ ମୁକ୍ତାକାଶ ଜିମ୍ ଖୋଲାଯାଇଛି। ମହିଷାଖାଲସ୍ଥିତ ବିଜେବିନଗର ପାର୍କ, ଚନ୍ଦ୍ରଶେଖରପୁର ଫେଜ୍-୧ ବିଡିଏ ହାଉସିଂ କଲୋନି ପାର୍କ, ଗଣ୍ଡମୁଣ୍ଡାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପାର୍କ, ଜୟଦେବ ବିହାର ଗାନ୍ଧୀ ପାର୍କ, କଳିଙ୍ଗନଗର କେ -୮ ପାର୍କ, ଚନ୍ଦ୍ରଶେଖରପୁର ଜଗର୍ସ ପାର୍କ, ସୁବୁଦ୍ଧିପୁର କେ-୬ ପାର୍କ, ରେଣ୍ଟାଲ୍ କଲୋନି ବିଡିଏ ପାର୍କ, ବଡ଼ଗଡ଼ ବ୍ରିଟ୍ କଲୋନି ପାର୍କ, ଆଇଆରସି ଭିଲେଜ ଏନ୍-୫ ବିଡିଏ ପାର୍କ, ୧୫ ନଂ ଓ୍ୱାର୍ଡର ଭିଆଇପି ଏରିଆ ପାର୍କରେ ମୁକ୍ତାକାଶ ଜିମ୍ ଖୋଲାଯାଇଛି। ଏଥିସହିତ ସହିଦ୍ ନଗରରେ ଥିବା ତିନିଟି ସ୍ମାର୍ଟ ପାର୍କରେ ମଧ୍ୟ ମୁକ୍ତାକାଶ ଜିମ୍ ରହିଛି। ଖୁବ୍ ଶୀଘ୍ର ବରମୁଣ୍ଡାସ୍ଥିତି ପ୍ରଜ୍ଞା ବିହାର ପାର୍କରେ ଜିମ୍ ଖୋଲିବ ବୋଲି ବିଡିଏ ଅଧିକାରୀ ସୂଚନା ଦେଇଛନ୍ତି। ମୁକ୍ତାକାଶ ଜିମ୍ ଥିବା ପାର୍କଗୁଡ଼ିକରେ ପ୍ରାତଃ ଭ୍ରମଣକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପ୍ରାତଃ ଭ୍ରମଣ ସହିତ ଜିମ୍‌ର ବିଭିନ୍ନ ଉପକରଣରେ ବାୟାମ କରିବାକୁ ରାଜଧାନୀବାସିନ୍ଦାଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଥିବା ଦେଖାଯାଉଛି।

# ରାଜଧାନୀରେ ହେବ ଦ୍ୱିତୀୟ ଟ୍ରାଫିକ୍ ଥାନା

**ଭୁବନେଶ୍ୱର :** ରାଜଧାନୀରେ ଦିନକୁ ଦିନ ବଢି ଚାଲିଛି ଟ୍ରାଫିକ୍ ସମସ୍ୟା। ରାଜଧାନୀବାସୀଙ୍କୁ ଏହି ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ଦେବା ପାଇଁ ପ୍ରସ୍ତାବିତ ଦ୍ୱିତୀୟ ଟ୍ରାଫିକ୍ ଥାନା ଉପରେ ରାଜ୍ୟ ସରକାର ମୋହର ମାରିଛନ୍ତି। ଏହି ଦ୍ୱିତୀୟ ଟ୍ରାଫିକ୍ ଥାନା ପାଇଁ ସରକାର ୧୭୧ ପୋଷ୍ଟକୁ ମଞ୍ଜୁର କରିଛନ୍ତି। ଜଣେ ଆଇଆଇସିଙ୍କୁ ମିଶାଇ ଏହି ଦ୍ୱିତୀୟ ଟ୍ରାଫିକ୍ ଥାନାରେ ୧୭୧ ଜଣ ପୋଲିସ୍ କର୍ମଚାରୀ ନିଯୁକ୍ତ ହେବେ ବୋଲି ଏକ ବିଜ୍ଞପ୍ତିରେ କୁହାଯାଇଛି। ଚନ୍ଦ୍ରଶେଖରପୁରରେ ଖୋଲିବାକୁ ଥିବା ଏହି ନୂତନ ଟ୍ରାଫିକ୍ ଥାନା ନିର୍ମାଣ ପାଇଁ ଅତିରିକ୍ତ ବଜେଟ୍ ଭାବେ ୧.୯୧ କୋଟି ସରକାର ଖର୍ଚ୍ଚ କରିବେ ବୋଲି ସୂଚନା ଦେଇଛନ୍ତି। ଏବେ ରାଜଧାନୀରେ ଗୋଟିଏ ଟ୍ରାଫିକ୍ ଥାନା ପିଏମ୍‌ଜି ଛକରେ କାର୍ଯ୍ୟକ୍ଷମ ହେଉଛି। ଏହା ସହ ଚନ୍ଦ୍ରଶେଖରପୁରରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଟ୍ରାଫିକ୍ ୟୁନିଟ୍ କାର୍ଯ୍ୟକ୍ଷମ ହେଉଛି। ଯାହାର ଦାୟିତ୍ୱରେ ଜଣେ ଆଇଆଇସି ଅଛନ୍ତି। ଏହାବାଦ୍ ଜଣେ ଏସ୍‌ଆଇ, ଜଣେ ଏଏସ୍‌ଆଇ, ୨୩ ଜଣ କନ୍‌ଷ୍ଟେବଲ ଓ ୨୦ ଜଣ ହୋମ୍‌ଗାର୍ଡ ଉକ୍ତ ୟୁନିଟ୍‌ରେ କାମ କରୁଛନ୍ତି। ଯାହା ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଜୟଦେବ ବିହାରରୁ ନନ୍ଦନକାନନ ରୋଡ୍‌ରେ ଅଧିକାଂଶ ସମୟରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ପାଇଁ ଏକ ସ୍ୱତନ୍ତ୍ର ଥାନା ସହ ଅଧିକ କର୍ମଚାରୀଙ୍କୁ ନିଯୁକ୍ତ ଦିଆଯାଉ ବୋଲି କମିଶନରେଟ୍ ପୋଲିସ୍ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖା ଯାଇଥିଲା। ଯାହାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ପ୍ରସ୍ତାବିତ ଏହି ଟ୍ରାଫିକ୍ ଥାନା ପାଇଁ ୬ଜଣ ଏସ୍‌ଆଇ, ୧୦ଜଣ ଏଏସ୍‌ଆଇ, ୧୦ ହୋମଗାର୍ଡ ଓ ୧୪୦ କନ୍‌ଷ୍ଟେବଲ ନିଯୁକ୍ତି ପାଇବେ। ଏହି ଟ୍ରାଫିକ୍ ଥାନା କମିଶନରେଟ୍ ପୋଲିସ୍‌ର ଆଠଟି ଥାନାର ଟ୍ରାଫିକ୍ ସମସ୍ୟା ଉପରେ କାମ କରିବ। ଆହୁରି ମଧ୍ୟ ଏହି ଟ୍ରାଫିକ୍ ଥାନାକୁ ୨ଟି ଭ୍ୟାନ୍ ୪ଟି ଡ୍ରାଇଭର୍ ଓ ୧୫ଟି ବାଇକ୍ ଦିଆଯିବ। ଗଳିକନ୍ଦିରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାକୁ ଏହି ବାଇକ୍ ଜରିଆରେ ମୋବାଇଲ୍ ସେବା ଯୋଗାଯାଇ ସମାଧାନ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୪ଟି ବିଶ୍ୱବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା

**ଭୁବନେଶ୍ୱର :** ନ୍ୟାସ୍‌ନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେସନ୍ କାଉନ୍‌ସିଲ୍(ନାକ୍)ର ଏ+ ମାନ୍ୟତା ପାଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ନୂଆଦିଲ୍ଲୀସ୍ଥିତ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି) ପକ୍ଷରୁ ଓଡ଼ିଶା ଏକମାତ୍ର ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯାଇଛି। ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଓ ଉତ୍କଳକୁ ଉତ୍କର୍ଷର କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପଥ ଉନ୍ମୁକ୍ତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟସଚିବ ଜିଭିଭି ଶର୍ମା କହିଛନ୍ତି ଯେ ସର୍ବଭାରତୀୟସ୍ତରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୦ଟି ଶିକ୍ଷାନୁଷ୍ଠାନକୁ ସ୍ୱୟଂଶାସିତ ମାନ୍ୟତା ଦିଆଯାଇଛି, ସେଥିମଧ୍ୟରେ ଉତ୍କଳ ସ୍ଥାନ ପାଇବା ସମ୍ମାନର କଥା। ଅପରପକ୍ଷରେ ଏଥିରେ ସ୍ଥାନ ପାଇଥିବା ୨୧ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଉତ୍କଳକୁ ସପ୍ତମ ସ୍ଥାନ ମିଳିବା ଗୌରବର ବିଷୟ। ମେରିଟ୍ ତାଲିକା ଅନୁଯାୟୀ ଏହି ସ୍ୱୀକୃତି ମିଳିଥିବାରୁ ଏହା ଉତ୍କର୍ଷର କେନ୍ଦ୍ର ଭାବେ ପରିଣତ




ହୋଇପାରିବ। ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ପାଇଁ ଏହା ଏକ ଭଲ ସୁଯୋଗ ସୃଷ୍ଟି କରିପାରିବ ଓ ସେମାନଙ୍କୁ ଜାତୀୟସ୍ତରରେ ସ୍ୱତନ୍ତ୍ର ସ୍ୱୀକୃତି ମିଳିବ। ଉତ୍କଳକୁ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସରକାରଙ୍କ ପକ୍ଷରୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବ। ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ୪ ବିଶ୍ୱବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ମିଳିଛି। ୟୁଜିସି ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ(ସୋଆ), କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ମାନ୍ୟତା ମିଳିଛି। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଦେଶର ୬୦ଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯାଇଥିବା ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି। ଏଥିରେ ୫୨ଟି ବିଶ୍ୱବିଦ୍ୟାଳୟ ଓ ୮ଟି କଲେଜକୁ ଏହି ମାନ୍ୟତା ମିଳିଛି। ୫୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୨୧ଟି ରାଜ୍ୟ ବିଶ୍ୱବିଦ୍ୟାଳୟ, ୨୪ଟି ଡିମଡ୍ ବିଶ୍ୱବିଦ୍ୟାଳୟ ଓ ୨ଟି ଘରୋଇ ବିଶ୍ୱବିଦ୍ୟାଳୟକୁ ଏହି ମାନ୍ୟତା ଦିଆଯାଇଛି ବୋଲି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ପ୍ରକାଶ କରିଛନ୍ତି। ସ୍ୱୟଂଶାସିତ ମାନ୍ୟତା ପାଇଥିବା ଏହି ଉଚ୍ଚଶିକ୍ଷାନୁଷ୍ଠାନଗୁଡିକ ୟୁଜିସି ଅଧୀନରେ ରହିଲେ ମଧ୍ୟ ସେମାନଙ୍କୁ ନିଜସ୍ୱ ପାଠ୍ୟକ୍ରମ(କୋର୍ସ) ପରିଚାଳନା କରିବାର ସ୍ୱାଧୀନତା ଦିଆଯିବ। ଏହି ଶିକ୍ଷାନୁଷ୍ଠାନଗୁଡିକ ଅଫ୍ କ୍ୟାମ୍ପସ୍ ସେଣ୍ଟର୍ ପ୍ରତିଷ୍ଠା, ଦକ୍ଷତା ବିକାଶ ପାଠ୍ୟକ୍ରମ(ସ୍କିଲ୍ ଡେଭଲ୍‌ମେଣ୍ଟ୍ କୋର୍ସ) ପରିଚାଳନା, ଗବେଷଣା ଉଦ୍ୟାନ(ରିସର୍ଚ୍ଚ ପାର୍କ) ଆଦି ପ୍ରତିଷ୍ଠା କରିପାରିବେ। ଆବଶ୍ୟକ ହେଲେ ଶିକ୍ଷାନୁଷ୍ଠାନଗୁଡିକ ଅନ୍ୟାନ୍ୟ ନୂଆ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରିପାରିବେ। ଉକ୍ତ ଉଚ୍ଚଶିକ୍ଷାନୁଷ୍ଠାନଗୁଡିକ ବିଦେଶରୁ ଅଧ୍ୟାପକ ଆଣିବା ସହିତ ବିଦେଶୀ ଛାତ୍ରଛାତ୍ରୀ ମଧ୍ୟ ଗ୍ରହଣ କରିପାରିବେ। ବିଭିନ୍ନ ଦୂର ନିରନ୍ତର ପାଠ୍ୟକ୍ରମ ପରିଚାଳନା ପାଇଁ ଶିକ୍ଷାନୁଷ୍ଠାନଗୁଡିକ ସହ ସହଭାଗିତା କରିପାରିବେ। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କହିଛନ୍ତି ଯେ ୟୁଜିସିର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି କହିଛନ୍ତି ଯେ ଏହା ବିଶ୍ୱବିଦ୍ୟାଳୟ ପାଇଁ ଏକ ବଡ଼ ସଫଳତା। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଉତ୍କୃଷ୍ଟତା ଏବଂ ପରିବ୍ୟାପ୍ତତା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି।

## ରାଜ୍ୟ କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସମବାୟ ପ୍ରକୋଷ୍ଠ ବୈଠକ

# 'ରାଜ୍ୟରେ ସମବାୟ ଆନ୍ଦୋଳନ ଲକ୍ଷ ପଥରୁ ବିଚ୍ୟୁତ'

**ଭୁବନେଶ୍ୱର :** ଓଡିଶାରେ ସମବାୟ ଆନ୍ଦୋଳନ ତାର ଲକ୍ଷ ପଥରୁ ବିଚ୍ୟୁତ ହୋଇଛି । ନିର୍ବାଚନ ଜିତିବା ପାଇଁ ଶାସକ ବିଜେଡି ସମବାୟ ନିର୍ବାଚନ ବ୍ୟବସ୍ଥାର ଶାଳିନତା ଓ ସ୍ୱଜନତା ରକ୍ଷା କରୁନଥିବା ଦେଖାଯାଉଛି। ସମବାୟ ସମିତି କେବଳ ନୁହେଁ, ସମବାୟ ଆନ୍ଦୋଳନ ନିଜର ପ୍ରାସଙ୍ଗିକତା ହରାଇଛି। ସେହି କାରଣରୁ ସମବାୟ ଆନ୍ଦୋଳନ ଶାସକ ବିଜେଡିର ହାତବାରିସୀ ସାଜି କାର୍ଯ୍ୟ କରୁଛି ଏବଂ ଲୋକାଭିମୁଖି କାର୍ଯ୍ୟକ୍ରମରୁ ଦୁରେଇ ଯାଇଛି । ଭ୍ରଷ୍ଟାଚାରର ଚରା ଭୂଇଁ ହୋଇଛି। ଅଧିକାଂଶ ସ୍ୱତନ୍ତ୍ର ସମବାୟ ସମିତିଗୁଡିକ ବନ୍ଦ ହୋଇଯାଇଅଛି। ସରକାରୀ ସାହାଯ୍ୟ ଉପରେ ନିର୍ଭର କରୁଥିବା ଅନୁଷ୍ଠାନଗୁଡିକ




ଭ୍ରଷ୍ଟାଚାରଯୁକ୍ତ ହୋଇସାରିଛି। ପ୍ରାଥମିକ ସମବାୟ ସମିତିଗୁଡିକ ଚାଷୀମାନଙ୍କର ସୁରକ୍ଷା କବଚ ସାଜିବା ବଦଳରେ ଅସାଧୁ ମିଲର ଏବଂ ଦଲାଲ୍ ମାନଙ୍କର ଆଡ୍ଡାସ୍ଥଳୀରେ ପରିଣତ ହୋଇସାରିଛି । ଫଳସ୍ୱରୁପ ସମିତିଗୁଡିକରେ ଭୂତମାନେ ରାଜୁତି କରୁଛନ୍ତି। ମରିଜିବା ସମିତି ଓ ସଦସ୍ୟଗୁଡିକ ମଧ୍ୟ ସମବାୟ ସମିତିର ତାଲିକାରେ ସ୍ଥାନ ପାଇଛନ୍ତି। ସମବାୟକୁ ତାର ଲକ୍ଷ ପଥରେ ଆଗେଇ ନେବା ସଂଗେ ସଂଗେ ଗଣତାନ୍ତ୍ରୀକ, ଭ୍ରଷ୍ଟମୁକ୍ତ, ସହଯୋଗଯୁକ୍ତ ସମବାୟ ଗଠନ ପାଇଁ ଆଜି ବିଜେପି ରାଜ୍ୟ ସମବାୟ ପ୍ରକୋଷ୍ଠରେ ଆହ୍ୱାନ ଦିଆଯାଇଛି। ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଗୋଲକ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସମବାୟ ପ୍ରକୋଷ୍ଠର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ଉପ ସଭାପତି ସମୀର ମହାନ୍ତି ଓ ସୁକେଶୀ ଓରାମ, ରାଜ୍ୟ ସାଧାରଣ ସଂପାଦକ(ସଂଗଠନ) ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସାଧାରଣ ସଂପାଦକ ରଂଜନ ପଟେଲ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ସୁଦର୍ଶନ ନାୟକ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ ।

ଏହି ବୈଠକରେ ପ୍ରକୋଷ୍ଠର ସହ ସଂଯୋଜକ ପବିତ୍ର ମୋହନ ଦାଶ, କାଳିପ୍ରସାଦ ରାୟଗୁରୁ, ମଳୟ କୁମାର ଜେନା, ପର୍ଶୁରାମ ପରିଡା, କୃଷ୍ଣଚନ୍ଦ୍ର ମହାନ୍ତି, ନନ୍ଦକିଶୋର ଜେନା, କ୍ଷିରୋଦ ଦଳାଇ, ଅଜୟ ବିଶ୍ୱାଳ, ଗୌରିଶ୍ୟାମ ପଟ୍ଟନାୟକ, ଅଶ୍ୱିନି ପତି, ବିଶ୍ୱଜିତ ସ୍ୱାଇଁ, ନାରାୟଣ ପଣ୍ଡା, ଆଦିତ୍ୟ ମହାପାତ୍ର, ରାମଚନ୍ଦ୍ର ପାତ୍ର, ଦେବେନ୍ଦ୍ର ବାହିନିପତି ଏବଂ ପୁର୍ଣ୍ଣିମା କେରକେଟା ପ୍ରମୁଖ ଯୋଗ ଦେଇଥିଲେ ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ମାର୍ଚ୍ଚ - ୦୧ ଏପ୍ରିଲ, ୨୦୧୮

# ଈଶ୍ୱରଙ୍କ ସର୍ବୋତ୍ତମ ପ୍ରେରଣା

**ସ**ମର୍ପିତ ଭାବନାକୁ ନେଇ ଯେକୌଣସି କାର୍ଯ୍ୟ ଆରମ୍ଭ କରାଗଲେ ଏହାର ଫଳ ମିଠା ହୋଇଥାଏ। ସଂସାରରେ ଆତ୍ମିୟତା ନଥିବା ବନ୍ଧୁତା ଯେଭଳି ନିରର୍ଥକ ସେଭଳି ଆତ୍ମିୟତା ବିହୀନ ଯେକୌଣସି କାର୍ଯ୍ୟ ବିଫଳ। ସୁବିଚାର, ପାରସ୍ପରିକ ବୁଝାମଣା ଓ ଅନ୍ତରଙ୍ଗତାପୂର୍ଣ୍ଣ କାର୍ଯ୍ୟଧାରାରେ ସୁଦୂରପ୍ରସାରୀ ପ୍ରଭାବ ରହିଛି। ଉଭୟ ପକ୍ଷଙ୍କ ଚିନ୍ତାଧାରା ସମାନ ନହେଲେ ପରବର୍ତ୍ତୀ ସମୟରେ ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ। ଯେଉଁଥିରେ ପଡୋଶୀ ହୁଅନ୍ତୁ ବା ଦେଶ ଦ୍ୱନ୍ଦ୍ୱ, ମାନସିକ ଚାପ ଓ ଯନ୍ତ୍ରଣାରେ ଛଟପଟ ହେବାକୁ ବାଧ୍ୟ ହୋଇଥାନ୍ତି। ଛୋଟିଆ କଥାଟିଏ ତୁରନ୍ତ ସମାଧାନ ହୋଇନପାରିଲେ ଏହି ନିଆଁର ଧୂଆଁ କୁହୁଳି କୁହୁଳି ପରେ ଚାରିଆଡକୁ ବ୍ୟାପିଯାଇଥାଏ। ଜୀବନରେ ଏଭଳି ଘଟଣାର ଉଣା ଅଧିକେ ଅନୁଭବ ସମସ୍ତଙ୍କ ନିକଟରେ ରହିଥିଲେ ବି ଏହାର ସମାଧାନ ଦିଗରେ କେହି ଯେଭଳି ତତ୍ପର ହୁଅନ୍ତି ନାହିଁ। ଫଳସ୍ୱରୂପ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଦେଶ-ଦେଶ ମଧ୍ୟରେ କଳହର ସୂତ୍ରପାତ ହୋଇ ଏକ ଭୟଙ୍କର ବିପତ୍ତି ଭୋଗିବାକୁ ପଡିଥାଏ। ତେଣୁ ମଣିଷ ନିଜ ଭାବନାରେ ସ୍ୱଚ୍ଛତା ଆଣିବା ସହ ବକ୍ତବ୍ୟରେ ଶାଳୀନତା ରଖି ଦୈନନ୍ଦିନ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିପାରିଲେ ଜୀବନରେ ସାର୍ଥକତା ଆସିଥାଏ। କିନ୍ତୁ ଆଜିକାଲିର ସ୍ୱାର୍ଥପର ମଣିଷ ଆଖିରେ ବିଶାଳ ପୃଥିବୀର ଅପରୂପ ବିଭବ ସତେଯେମିତି କାୟାକଳ୍ପହୀନ ଏକ କ୍ଷୁଦ୍ର ବସ୍ତୁ। ନିଜର କ୍ଷୁଦ୍ରାତି କ୍ଷୁଦ୍ର ଦୁନିଆ ଭିତରେ ରହି ସେ ନିଜର ଆଧିପତ୍ୟକୁ ଜାହିର କରିବା ପାଇଁ ଯେତିକି ତତ୍ପର ହୋଇଉଠେ ସମାଜର ସର୍ବାଙ୍ଗୀନ ବିକାଶ ଦିଗରେ ସେ ଆଦୌ ମନୋନିବେଶ କରିପାରେନାହିଁ। ଯେଉଁ ମଣିଷ ଜୀବଦଶାରେ ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରିବାର ଆଗ୍ରହ ପରିପ୍ରକାଶ କରିନାହିଁ ତା'ର ଜୀବନ ଅତ୍ୟନ୍ତ ଦୁର୍ଦ୍ଦିନ ଭିତରେ ଗତି କରିଥାଏ। ମାୟାକୈନ୍ଦ୍ରିକ ଜୀବନ, ବସ୍ତୁବାଦର ଜୀବନ ଓ ଆଧ୍ୟାତ୍ମିକ ଚେତନାର ଜୀବନ ଭିତରେ ରହିଥିବା ପାର୍ଥକ୍ୟ ଅନୁଭବ କରିପାରୁ ନଥିବା ମଣିଷ ନିଜକୁ ଯେତେ ଶ୍ରେଷ୍ଠ କହିଲେ ବି ସେ ନିଜ ଭିତରେ ନିଜେ ଯନ୍ତ୍ରଣା ଜର୍ଜରିତ ହୋଇ ଅନ୍ତଃର୍ଦାହରେ ଛଟପଟ ହେଉଥାଏ। ଈଶ୍ୱରଙ୍କ ଦାନ ଏ ବିଶାଳ ପୃଥିବୀ, ବିଶାଳ ଗଗନ, ସବୁଜିମା ଭରା ଅରଣ୍ୟାନି ସହ ଉତ୍ତୁଙ୍ଗ ଶିଖର ଥିବା ପର୍ବତ, ପାହାଡ, ଝରଣା ଓ ନଦ ନଦୀର ସମାହାରରେ ପ୍ରାଣୀ ଜଗତ ତିଷ୍ଠି ରହିଛି। ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ଭିତରେ ମଣିଷ ଅହଂକାର ବଶତଃ ବିଶ୍ୱ କଲ୍ୟାଣରୁ ନିବୃତ୍ତ ହୋଇ ନିଜର କଲ୍ୟାଣ ନିମନ୍ତେ ଯେତେ ଯାହା କଲେ ବି ତାହା ଅସଲ ମଣିଷର ପରିଚୟ ଦେଇନଥାଏ। ସାମୟିକ ଭାବେ ସ୍ୱାର୍ଥରୁ ମିଳୁଥିବା ଫାଇଦାକୁ ନେଇ ଯେଉଁମାନେ ଆନନ୍ଦିତ ହୁଅନ୍ତି ପରବର୍ତ୍ତୀ ସମୟରେ ଏହି ସ୍ୱାର୍ଥ ହିଁ ସେମାନଙ୍କୁ ବିପଦରେ ପକାଇଥାଏ। କର୍ମ ଉପରେ ଭରସା ନକରି ଭାଗ୍ୟକୁ ଦୋଷ ଦେଉଥିବା ଭାଗ୍ୟହୀନମାନେ ସର୍ବଦା ଅନ୍ୟପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା ବେଳେ ନିଜ ଆଡକୁ ସେହି ଅଙ୍ଗୁଳିଟି ଦେଖାଇ ନଥାନ୍ତି। ସମୟକ୍ରମେ ଏମିତି ଛୋଟ ଛୋଟ ଭୁଲ ମଣିଷକୁ ବିପଥଗାମୀ କରିବା ସହିତ ନର୍କ ଦିଗକୁ ଟାଣି ନେଉଥାଏ। ଉତ୍ତମ କର୍ମ ବ୍ୟତୀତ ଉତ୍ତମ ଫଳପ୍ରାପ୍ତିର ଆଶା କରିବା ଏକ ନିରର୍ଥକ ଭାବନା। ଏହିଭଳି ଭାବନାରେ ଜଡିତ ରହିଥିବା ବ୍ୟକ୍ତିବିଶେଷ ସାରା ଜୀବନ କଣ୍ଟକିତ ପଥରେ ଚାଲିବାକୁ ବାଧ୍ୟ ହୋଇଥାନ୍ତି। ଆଗକୁ ଆଗକୁ ବାଟ ଚାଲିଲା ବେଳେ ସଠିକ୍ ନିର୍ଣ୍ଣୟ, ପୁଣ୍ୟ ଚିନ୍ତାଧାରା ଏବଂ ସମର୍ପିତ ଭାବନା ନଥିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଏତେ ସହଜ ନୁହେଁ। ଛଦ୍ମବେଶଧାରୀ ମଣିଷମାନେ ସରଳ ଲୋକଙ୍କୁ ମିଥ୍ୟାକଥା କହି ଅଳ୍ପଦିନ ପାଇଁ ଭଣ୍ଡାଇ ପାରୁଥିଲେ ହେଁ ତାହା ଚିରସ୍ଥାୟୀ ନୁହେଁ। କେତେକ କ୍ଷେତ୍ରରେ ଅନ୍ୟପ୍ରତି ଅସୂୟା ଭାବେ ପ୍ରଦର୍ଶନ କରିବା ଏବଂ ଅନ୍ୟର କ୍ଷତି ଘଟାଇବା ଚିନ୍ତାଧାରାରେ ମଜି ରହିଥିବା ଲୋକମାନେ କେବେବି ସୁଖ-ଶାନ୍ତି ପାଇପାରନ୍ତି ନାହିଁ। କାହାକୁ ତିରସ୍କାର କରି ନିଜ ପାଇଁ ପୁରସ୍କାର ହାସଲ କରିବା ଅତି ହୀନ ମାନସିକତାର ପରିଚୟ ଦେଇଥାଏ। କୁଷ୍ଠାକ୍ରାନ୍ତ ବ୍ୟକ୍ତିଟିଏ ସୌଷ୍ଠବ ଯୁବକଟିକୁ ସହ୍ୟ ନକଲା ଭଳି ମାନସିକତା ଯନ୍ତ୍ରଣା ଦିଏ ସିନା ହେଲେ ଆନନ୍ଦ ଦେଇପାରେ ନାହିଁ। ନିରଳସ ଭାବେ ଉତ୍ତମ କାର୍ଯ୍ୟ କରିବା ଓ ଅନ୍ୟକୁ ସହାୟତା ପ୍ରଦାନ କରିବାର ଧର୍ମକୁ ନେଇ ଜୀବନ ଜିଇଁବା ହେଉଛି ଅସଲ ଜୀବନ। ପ୍ରତିନିୟତ ପ୍ରଜ୍ଞାପୂର୍ଣ୍ଣ ଆଚାର ବିଚାର, ଜୀବେଦୟା ଓ ବୃକ୍ଷଲତାଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ବିଶ୍ୱର ମଙ୍ଗଳ କାମନା କରିନପାରିଲେ ମଣିଷ ଜୀବନ ଧନ୍ୟ ହୁଏନାହିଁ। ଅତଏବ ଭଲ ମଣିଷ ହେବାପାଇଁ ନିଜର ସୁଖ, ସ୍ୱାଚ୍ଛନ୍ଦ୍ୟ ପ୍ରତି ଯେତିକି ଯତ୍ନବାନ ସମାଜ କଲ୍ୟାଣ ପ୍ରତି ମଧ୍ୟ ସେତିକି ଯତ୍ନବାନ ହେବା ଉଚିତ୍। ଅପରକୁ ଖାତରେ ପକାଇ ଆନନ୍ଦ ପାଇବାର ମାନସିକତା ମଣିଷକୁ ଦ୍ୱନ୍ଦ୍ୱରେ ପକାଇଥାଏ। ଯାହାକି ପରବର୍ତ୍ତୀ ସମୟରେ ନିଜ ପାଇଁ ଏକ ବିଶାଳ ବିଷବୃକ୍ଷ ଦଣ୍ଡାୟମାନ କରିଥାଏ। ଯେଉଁ ବିଷବୃକ୍ଷର ଜ୍ୱାଳାରେ ମଣିଷ ମୃତ୍ୟୁ ପର୍ଯ୍ୟନ୍ତ ଛଟପଟ ହେବା ବ୍ୟତିରେକ ଅନ୍ୟକିଛି ଉପାୟ ନଥାଏ।

ଈଶ୍ୱରଙ୍କ ତରାଜୁରେ ସତ-ମିଛର ପାର୍ଥକ୍ୟ ସହଜରେ ବାରି ହେଉଥିଲେ ବି ମଣିଷ ଏହା ବୁଝିପାରି ନଥାଏ। ମିଛମାୟାରେ ପଡି ସ୍ୱାର୍ଥ ପଛରେ ଧାଉଁଥିବା ଜୀବନମାନେ ଯେତେବେଳେ ଶାନ୍ତିର ପଥ ଖୋଜିବାକୁ ଚାହାଁନ୍ତି ସେତେବେଳେ ତାହା ସେମାନଙ୍କ ନିକଟରୁ ବହୁ ଦୂରକୁ ଚାଲିଯାଇଥାଏ। ନିରୀହ ପ୍ରାଣୀମାନଙ୍କୁ ଠକିଦେବା ସହଜ ହୋଇଥିଲେ ବି ସମସ୍ତଙ୍କ ବିଚାର କରୁଥିବା ବିଚାରପତିଙ୍କ ଆଖିକୁ ଧୂଳିଦେବା ସହଜ ନୁହେଁ। ମିଛ ଉପରେ ଯେତେପ୍ରକାର ରଙ୍ଗ ବୋଳିଲେ ବି ଏହା ପରିଶେଷରେ ସେହି ମିଥ୍ୟା ବୋଲି ସାବ୍ୟସ୍ତ ହୋଇଥାଏ। ଯେପରି ବିକାରଗ୍ରସ୍ତ ମନ ଶୀତଳତାକୁ ଅନୁଭବ କରିନପାରି ଆଜୀବନ ଉତ୍ତପ୍ତ ଭାବେ ବଞ୍ଚିବାକୁ ବାଧ୍ୟ ହୁଏ। ସେହି ସମୟରେ ତା'ଭିତରେ ଦେଖା ଦେଉଥିବା ବିକଳପଣରୁ ନିସ୍ତାର ପାଇବା ସହଜ ହୋଇନଥାଏ। ବ୍ୟସ୍ତ ଜୀବନ ଭିତରେ ଯେଉଁମାନେ ଅନ୍ୟ ପାଇଁ କ୍ଷଣିକ ସମୟ ଦେଇପାରୁ ନାହାନ୍ତି ସେମାନଙ୍କ ନିକଟରୁ ସମାଜର ମଙ୍ଗଳ ଆଶା କରିବା ବୃଥା। ଆଜିକାଲି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସମୟ ସହିତ ତାଳ ଦେଇ ବଞ୍ଚିବାକୁ ହେଲେ କୃତକର୍ମର ମାନସମନ୍ୱନ ଯେଭଳି ଆବଶ୍ୟକ ସେହିଭଳି ଅପକର୍ମ କଲା ବେଳେ ଭଲ କର୍ମର ବିଭିନ୍ନ ଦିଗ ଉପରେ ତର୍ଜମା କରିବାର ଆବଶ୍ୟକତା ମଧ୍ୟ ରହିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱ ଜନସଂଖ୍ୟା ବୃଦ୍ଧି, ଜଳବାୟୁର ପରିବର୍ତ୍ତନ ଓ ପ୍ରଦୂଷଣକୁ ନେଇ ଯେଭଳି ଚିନ୍ତାପ୍ରକଟ କଲାଣି ସେଥିରେ ଆଧ୍ୟାତ୍ମିକତା ହିଁ ଏକମାତ୍ର ଶାନ୍ତିର ମାର୍ଗ ବୋଲି ପ୍ରତୀତ ହେଉଛି। ପର୍ଯ୍ୟାବରଣକୁ ନେଇ ଚିନ୍ତାଶୀଳ ରାଷ୍ଟ୍ରମାନେ ମଣିଷର ପ୍ରକୃତି ବଦଳାଇବା ପାଇଁ ଚେଷ୍ଟା ନକରିବା ଅତ୍ୟନ୍ତ ଦୁଃଖଦାୟକ। ଜୀବଜଗତ ତିଷ୍ଠି ରହିବାକୁ ହେଲେ ଯେଉଁଭଳି ବିଶ୍ୱର ଆବଶ୍ୟକତା ରହିଛି ସେଭଳି ବିଶ୍ୱର ଚିତ୍ର ଆଙ୍କିବାକୁ ପ୍ରତ୍ୟେକ ସ୍ତରରେ ଯୋଜନା, ଗବେଷଣା ଓ ଆଗ୍ରହ ଦେଖାନଗଲେ ଏହା ଭବିଷ୍ୟତ ପାଇଁ ଭୟଙ୍କର ବିପଦକୁ ଡାକି ଆଣିବ। ତେଣୁ ଏଭଳି ପରିସ୍ଥିତିରେ ବିଶ୍ୱ ତାପାୟନ ନିୟନ୍ତ୍ରଣ ସହିତ ପରିବେଶର ସୁରକ୍ଷାକୁ ଅଗ୍ରାଧିକାର ଦେଇ ବିକାଶର ବୀଜ ବୁଣିଚାଲିବା ଦରକାର। ସର୍ବୋପରି ମଣିଷ-ମଣିଷ ଭିତରେ ଥିବା ଭେଦଭାବକୁ ଭୁଲି ଜଗତ କଲ୍ୟାଣର ନିର୍ଲୋଭ ସ୍ୱପ୍ନ ନଦେଖିବା ପର୍ଯ୍ୟନ୍ତ କାହାରି ମନରେ ସୁଖ, ଶାନ୍ତି ରହିବନାହିଁ। ବୈଜ୍ଞାନିକ ଆକଳନ ଅନୁଯାୟୀ ଆସନ୍ତା ୨୦୫୦ ସୁଦ୍ଧା କାହାରିକୁ ପିଇବା ପାଇଁ ପାଣି ମୁନ୍ଦେ ମିଳିବନାହିଁ। ଏଭଳି ପରିସ୍ଥିତିରେ ମଣିଷ ଅନ୍ୟର ବିନାଶ ଚିନ୍ତା ନକରି ଉତ୍ତମ ସହଯୋଗ ମାଧ୍ୟମରେ ପ୍ରାଣୀ ଜଗତକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା ଜାରି ରଖିଲେ ଏହା ହୁଏତ ଈଶ୍ୱରଙ୍କ ସର୍ବୋତ୍ତମ ପ୍ରେରଣା ହୋଇପାରେ।

ମନ୍ତ୍ରକଥା



ତାରକ ମହାନ୍ତି

# 'ବାପା-ବୋଉ' ବନାମ୍ 'ଡାଡ୍-ମମ୍'



ଅମିନୀଲୁ ରାୟ

**ଏ**ହା ସତ୍ୟ ଯେ - ମାତୃଭୂମି ଓ ମାତୃଭାଷାଠାରୁ ବଳି ମଣିଷର ଅଧିକ ଆପଣାର ଆଉ କିଛି ନାହିଁ । କାରଣ ମାତୃତ୍ୱର ଅନାବିଳ ଧାରା ସନ୍ତାନମାନଙ୍କୁ ଯେପରି ସ୍ନେହପ୍ଲୁତ କରି ରଖିଥାଏ, ଠିକ୍ ସେହିପରି ମାତୃଭୂମି ଓ ମାତୃଭାଷାର ମମତା ଅଖଣ୍ଡ ଐକ୍ୟବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିଥାଏ । ସେ ସାକ୍ଷର ହେଇଥାଉ କିମ୍ବା ନିରକ୍ଷର, ସମସ୍ତଙ୍କ ହୃଦୟରେ ସ୍ୱଭାଷା ପ୍ରତି ଏକ ଅପୂର୍ବ ଆବେଗ ଓ ମମତା ଭରି ରହିଥାଏ । ଉକ୍ତ ଉକ୍ତିକୁ ସ୍ମରଣ କରି ସ୍ୱନାମଧନ୍ୟ ସ୍ୱଭାବ କବି ସ୍ୱର୍ଗତ ଗଙ୍ଗାଧର ମେହେର ଲେଖିଛନ୍ତି –

ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।

ଓଡିଶା ହେଉଛି ଏକ ବହୁଭାଷୀ ରାଜ୍ୟ । କାରଣ କେଉଁ ଅନାଦି କାଳରୁ ଏଠାରେ ବହୁ ଭାଷାଭାଷୀ ଲୋକେ ବସବାସ କରିଆସୁଛନ୍ତି । ୨୦୦୧ ଜନଗଣନା ଅନୁସାରେ ଓଡିଶାରେ ପ୍ରଚଳିତ ସମୁଦାୟ ଭାଷା ଓ ଉପଭାଷା ସଂଖ୍ୟା ୧୫୨ । ସେଥିରୁ ଭାଷା ୩୦ଟି ହୋଇଥିଲାବେଳେ ଉପଭାଷା ୧୨୨ଟି । ବିଭିନ୍ନ ରାଜ୍ୟରୁ ଲୋକମାନେ ଆସି ଏଠାରେ ଆଧିପତ୍ୟ ବିସ୍ତାର କରିସାରିଛନ୍ତି। ବିଶେଷ କରି ବ୍ୟାପାର ବଣିଜ କ୍ଷେତ୍ରରେ ବିଭିନ୍ନ ରାଜ୍ୟର ଲୋକମାନଙ୍କୁ ଏଇ ଓଡିଶାର କୋଣ ଅନୁକୋଣରେ ଦେଖିବାକୁ ମିଳେ । ଭାରତରେ ଯେତେ ସବୁ ରାଜ୍ୟ ଅଛି, ତନ୍ମଧ୍ୟରୁ ଓଡିଶା ଅନ୍ୟତମ । ଏହାକୁ ମନ୍ଦିର ମାଳିନୀ ଓଡିଶା କୁହାଯାଏ । ପୂର୍ବେ ଏହି ଓଡିଶାରେ ରାଜା ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ଦସ୍ୟୁ ରତ୍ନାକର ବାଲ୍ମିକୀରେ ପରିଣତ ହୋଇ ଅନେକ କାବ୍ୟ କବିତା ରଚନା କରିଥିଲେ । ମହାମୁର୍ଖ କାଳୀ ଦାସ ମା ସରସ୍ୱତୀଙ୍କ ଦିବ୍ୟ କୃପା ବଳରେ ମହାପଣ୍ଡିତ ହୋଇ ସୁନାମ ଅର୍ଜନ କରିଥିଲେ । ଶ୍ରୀଅକ୍ଷର ବିବର୍ଯୀତ ସିଦ୍ଧେଶ୍ୱର ପରିଡା ମା ଶାରଳାଙ୍କ ଆଶୀର୍ବାଦରୁ ଶୁଦ୍ର ମୁନୀ ଶାରଳା ଦାସ ନାମରେ ନାମିତ ହେବା ସହ ଓଡିଆ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନୀକା ଇତ୍ୟାଦି ରଚନା କରି ମାଟିର ମହାକବି ଆଖ୍ୟା ବୋଲାଇବା ତଥା ରାଜା କପିଳେନ୍ଦ୍ର ଦେବଙ୍କ ସମସାମୟିକ, ଉତ୍କଳର ବ୍ୟାସ ଭାବେ ସର୍ବତ୍ର ପରିଚିତ ହୋଇପାରିଥିଲେ ।

ବିଶେଷଜ୍ଞମାନଙ୍କ ମତ ଯେ - ମାତୃଭାଷା ମାଧ୍ୟମରେ ଶିକ୍ଷା ହିଁ ସର୍ବଶ୍ରେଷ୍ଠ ଶିକ୍ଷା । ଉନ୍ନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ବଙ୍ଗୀୟ ରାଜକର୍ମଚାରୀମାନେ ଓଡିଶା ଏବଂ ଆସାମ ଉଭୟ ରାଜ୍ୟରେ ବଙ୍ଗଳାକୁ ବିଦ୍ୟାଳୟ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରାଇ ନେବାକୁ ଚକ୍ରାନ୍ତ କରିଥିଲେ । ଏଥିପାଇଁ ଉଭୟ ରାଜ୍ୟରେ ଭାଷା ସୁରକ୍ଷା ଆନ୍ଦୋଳନ ତୀବ୍ରତର ହୋଇଉଠିଥିଲା । ସେତେବେଳେ କଲିକତା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଗୁଣଗ୍ରାହୀ ସାର୍ ଉଇଲିୟମ୍ ଜୋନ୍ସ ମାତୃଭାଷା ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାର ଉତ୍କର୍ଷକୁ ପ୍ରତିପାଦନ କରି ଅସମୀୟା ଭାଷାର ସ୍ୱାତନ୍ତ୍ର୍ୟ ସପକ୍ଷରେ ସୁପାରିଶ କରିଥିବାବେଳେ ବଙ୍ଗଳାର ଛୋଟଲାଟ୍ ଲର୍ଡ ଆସ୍‌ଲି ଓଡିଆ ଭାଷା ସପକ୍ଷରେ ନିଜର ଯୁକ୍ତି ଉପସ୍ଥାପନ କରି ଉକ୍ତ ଭାଷା ଓଡିଶାରେ ବିଦ୍ୟାଳୟ ଶିକ୍ଷାର ମାଧ୍ୟମ ହେବ ବୋଲି ଘୋଷଣା କରିଥିଲେ । ଫଳରେ ପୂର୍ବାଂଚଳରେ ଆସାମ ଏବଂ ଓଡିଶା ଏ ଦୁଇଟି ରାଜ୍ୟ ନିଜର ସ୍ୱାଭିମାନ ସହିତ ମାତୃଭାଷାର ସୁରକ୍ଷା କରିପାରିଥିଲା ।

ହିନ୍ଦୁ ରାଜତ୍ୱ ପରେ ପରବର୍ତ୍ତୀ କାଳରେ ଇଂରେଜମାନେ ଏ ଦେଶରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ସେମାନେ ତାଙ୍କ ନିଜ ଭାଷା ଇଂରାଜୀକୁ ରାଜଭାଷା ରୂପେ ପ୍ରଚଳନ କରିବାରୁ ଆମ୍ଭମାନଙ୍କର ସ୍କୁଲ୍ କଲେଜ୍‌ରେ ଏହାକୁ ଶିକ୍ଷାର ମାଧ୍ୟମ ବୋଲି କହିଦେଲେ । ଦୀର୍ଘ କାଳ ଧରି ଭାରତବାସୀ ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇ ରହିବା ଫଳରେ ସେମାନେ ନିଜର ସ୍ୱକୀୟ ମୌଳିକତା ଓ ସଂସ୍କୃତିକୁ ଏକ ପ୍ରକାର ବିସ୍ମୃତ ହୋଇଗଲେ । ସେମାନେ ଇଂରାଜୀ ଭାଷାକୁ ଏପରି ଆଦରି ନେଲେ ଯେ ତାହା ଆମର ଶିକ୍ଷା ଓ ସାମାଜିକ ଜୀବନରେ ଓତପ୍ରୋତ ଭାବରେ ଜଡିତ ହୋଇ ରହିଲା । ଏହା ପଛରେ ଅବଶ୍ୟ କେତେକ ମନସ୍ତାତ୍ତ୍ୱିକ କାରଣ ଥିଲା । ଇଂରାଜୀ ଶିକ୍ଷାରେ ଶିକ୍ଷିତ ହୋଇ ପାଶ୍ଚାତ୍ୟ ଢାଂଚାରେ ନିଜକୁ ଗଢି ଲାଟ୍ ସାହେବ୍ ବୋଲାଇବା ଏବଂ ତାହା ଫଳରେ ଶାସିତମାନେ ଶାସକମାନଙ୍କର ନିକଟବର୍ତ୍ତୀ ହୋଇ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଥିଲା ଉଦ୍ଦେଶ୍ୟ । ଇଂରାଜୀ ଶିକ୍ଷା ପ୍ରତି ଆମ୍ଭମାନଙ୍କର ଏଭଳି ମୋହ ପାଶ୍ଚାତ୍ୟରେ କେବଳ ଯେ କେତୋଟି ମନସ୍ତାତ୍ତ୍ୱିକ କାରଣ ବା ଭାବପ୍ରବଣତା ନିହିତ ଥିଲା ତାହା ନୁହେଁ, ଏହା ଥିଲା ଏକ ଫଳଦାୟୀ ତଥା ଲାଭଜନକ ଶିକ୍ଷା । ଜ୍ଞାନବିଜ୍ଞାନର ନବୀକରଣ ସହିତ ଚାକିରି କ୍ଷେତ୍ରରେ ମଧ୍ୟ ଏହା ସହାୟକ ହୋଇଥିଲା । କିନ୍ତୁ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ଇଂରାଜୀ ସ୍ଥାନରେ ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ମାନ୍ୟତା ପ୍ରଦାନ କରାଗଲା । ଗୋଟିଏ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ପକ୍ଷେ ଇଂରାଜୀ ଭଳି ଏକ ବିଦେଶୀ ଭାଷାକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ଦିଆଯିବା କେବେ ଉଚିତ କାର୍ଯ୍ୟ ନଥିଲା । ଭାରତୀୟମାନେ ଇଂରାଜୀ ଭାଷା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇସାରିଥିବାରୁ ଇଂରାଜୀକୁ ଏକ ଲିଙ୍କ୍ ଭାଷା ବା ସଂଯୋଗକାରୀ ଭାଷା ରୂପେ ରଖାଗଲା ।

୧୯୬୪ ମସିହାରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ତତ୍କାଳୀନ ଚେୟାରମ୍ୟାନ୍ ଅଧ୍ୟାପକ ଡି.ଏସ୍. କୋଠାରୀଙ୍କ ଅଧ୍ୟକ୍ଷତାରେ ଗୋଟିଏ ଶିକ୍ଷା କମିଶନ ଗଠିତ ହୋଇଥିଲା । ଏହି କମିଶନ ତାଙ୍କ ରିପୋର୍ଟରେ ଜାତୀୟ ଭାଷା ନୀତି ସମ୍ପର୍କରେ ସୁପାରିଶ କରି ବିଭିନ୍ନ ରାଜ୍ୟର ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଯିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ପୁନଶ୍ଚ ବିଦେଶୀ ଇଂରାଜୀ ଭାଷା ତୁଳନାରେ ମାତୃଭାଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ଆହରଣ ପ୍ରକ୍ରିୟା ସହିତ ସୁସ୍ପଷ୍ଟଭାବ ପ୍ରକାଶ ସହଜ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ୧୯୬୬ରେ ମିଳିଥିବା କମିଶନ୍‌ଙ୍କ ରିପୋର୍ଟ, ୧୯୬୭ରେ ଦିଲ୍ଲୀଠାରେ ଅନୁଷ୍ଠିତ ଭାରତର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସମ୍ମିଳନୀରେ ଆଲୋଚିତ ହୋଇ ମୂଳ ନୀତି ସହିତ ସହମତ ପ୍ରକାଶ ପାଇଥିଲା । ପରେ ୧୯୬୮, ଜାନୁୟାରୀ ୧୮ରେ ଭାରତର ପାର୍ଲାମେଂଟ୍‌ରେ ଏହି ଜାତୀୟ ଭାଷାନୀତି ଗ୍ରହଣ କରାଗଲା । ପରେ ପରେ ବିଭିନ୍ନ ରାଜ୍ୟ ନିଜ ନିଜ ଅଂଚଳରେ ଏହି ନୀତିକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତି କଲେ । ଆବଶ୍ୟକୀୟ ପାଠ୍ୟ ପୁସ୍ତକ ପ୍ରଣୟନ ପାଇଁ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ଗଠନ କରାଗଲା । ବିଭିନ୍ନ ଆଂଚଳିକ ଭାଷାରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ପାଠ୍ୟପୁସ୍ତକ ପ୍ରସ୍ତୁତି ନିମନ୍ତେ କେନ୍ଦ୍ର ସରକାର ଅର୍ଥ ବିନିଯୋଗ କରିଥିଲେ ।

ଗତ ୩୫ରୁ ଉର୍ଦ୍ଧ୍ୱ ବର୍ଷ ଧରି ଭାରତର ବିଭିନ୍ନ ରାଜ୍ୟରେ ଆଂଚଳିକ ଭାଷାରେ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସିଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏ ଦିଗରେ କିଛି ଉତ୍ସାହଜନକ ସାଫଲ୍ୟ ଅର୍ଜନ କରାଯାଇପାରି ନାହିଁ। ଏଯାବତ୍ କେବଳ କଳା ବିଷୟକ ପାଠ୍ୟକ୍ରମରେ କେତେ ଖଣ୍ଡ ପାଠ୍ୟ ପୁସ୍ତକ ପ୍ରଣୟନ କରାଯାଇଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନ ସମ୍ପର୍କୀୟ ପାଠ୍ୟ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ହୋଇପାରି ନାହିଁ । ଏ ଶ୍ରେଣୀୟ ଶିକ୍ଷା ପୂର୍ବବତ୍ ଇଂରାଜୀ ମାଧ୍ୟମରେ ଚାଲିଛି । ଅନୁଭୂତିରୁ ଦେଖାଯାଇଛି ଯେ - କେବଳ କଳା ଶ୍ରେଣୀର କେତେକ ସାଧାରଣ ଶ୍ରେଣୀର ଛାତ୍ର ବିଶ୍ୱବିଦ୍ୟାଳୟ ସ୍ତରରେ ମାତୃଭାଷା ମାଧ୍ୟମରେ ଅଧ୍ୟୟନ କରୁଥିବାବେଳେ ଉଚ୍ଚତର ଜ୍ଞାନ ପିପାସୁ ମେଧାବୀ ଛାତ୍ରମାନେ କେବଳ ଇଂରାଜୀ ମାଧ୍ୟମକୁ ହିଁ ପସନ୍ଦ କରୁଛନ୍ତି । ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଆଂଶିକ ଭାବେ ଆଂଚଳିକ ଭାଷା ସହିତ ହିନ୍ଦୀ ଭାଷାକୁ ଅନୁମୋଦନ କରାଯାଇଥିବାବେଳେ ଅଧିକାଂଶ ଛାତ୍ର କେବଳ ଇଂରାଜୀ ମାଧ୍ୟମକୁ ହିଁ ବାଛି ନେଉଛନ୍ତି । କ୍ରମେ ଅଧିକରୁ ଅଧିକ ଇଂରାଜୀ ଭାଷା ପ୍ରତି ମୋହ ବଢିବାରେ ଲାଗିଛି । ଏହି ଇଂରାଜୀ ଭାଷା ଏବେ ଗ୍ରାମାଭିମୁଖୀ ହୋଇ ପଲ୍ଲୀ ଅଂଚଳରେ ତା'ର ପ୍ରାଧାନ୍ୟ ଓ ଆଦର ବଢାଇବାକୁ ଲାଗିଲାଣି । ବହୁ ଅପ୍ରଧାନ ସ୍ଥାନରେ ମଧ୍ୟ ଅଧିକ ସଂଖ୍ୟକ ଇଂରାଜୀ ମାଧ୍ୟମ ସ୍କୁଲମାନ ମୁଣ୍ଡ ଟେକିବାକୁ ଲାଗିଲେଣି।

ସମ୍ପ୍ରତି ଓଡିଶାରେ ଇଂରାଜୀ ଭାଷାର ପ୍ରଚଳନ ଦୃଢ ଭାବରେ ଚାଲିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୃଷ୍ଟାନ୍ତସ୍ୱରୂପ ସ୍କୁଲ୍ କଲେଜ୍‌ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ବିଭିନ୍ନ ପ୍ରକାର ଦୋକାନ ବଜାରରେ, ଛୋଟ ବଡ ଅଫିସ୍‌ମାନଙ୍କରେ ଲାଗିଥିବା ସାଇନ୍ ବୋର୍ଡସବୁ ଏବେ ସୁଦ୍ଧା ଇଂରାଜୀ ଭାଷାରେ ଲେଖା ହୋଇଥିବା ଦେଖିବାକୁ ମିଳୁଛି । ଖାଦ୍ୟ ସାମଗ୍ରୀର ପ୍ୟାକିଂ କଭର୍ ମଧ୍ୟ ଅଧିକାଂଶ ଇଂରାଜୀ ଭାଷାରେ ଛପା ଯାଉଛି । ଅଭିଭାବକମାନେ ଓଡିଆ ମାଧ୍ୟମ ସ୍କୁଲରେ ସେମାନଙ୍କର ପିଲାମାନଙ୍କୁ ପାଠ ପଢାଇବାକୁ ଆଗ୍ରହ ପ୍ରକାଶ କରୁନଥିବାବେଳେ ଇଂରାଜୀ ମାଧ୍ୟମ ସ୍କୁଲରେ ମୋଟା ଅଙ୍କର ଅର୍ଥ ଦେଇ ପାଠ ପଢାଇବାକୁ ପସନ୍ଦ କରୁଛନ୍ତି । ଓଡିଶାରେ ବର୍ତ୍ତମାନ ଯାହା ଦେଖାଯାଉଛି – ବାପାମାଆମାନଙ୍କ ସମ୍ମୁଖରେ ତାଙ୍କ ପିଲାଏ ଇଂରାଜୀ ଭାଷାରେ କଥା ହେଲେ ସେମାନେ ନିଜକୁ ବେଶୀ ଖୁସି ଅନୁଭବ କରିବା ସହିତ ଗର୍ବିତ ମନେକରୁଛନ୍ତି । ପୁଣି ପିଲାଟିଏ ଜନ୍ମ ହେଉ ହେଉ ତାକୁ 'ବାପା-ବୋଉ' ଶିଖାଇବା ପରିବର୍ତ୍ତେ 'ଡାଡି-ମମି' ବା 'ଡାଡ୍-ମମ୍' ଶିଖାଯାଉଛି । ସ୍କୁଲକୁ ଯିବା ପୂର୍ବରୁ ପିଲାଟିକୁ ଘରେ ଏକ, ଦୁଇ, ତିନି,..... ଶିକ୍ଷା ବଦଳରେ ଆରମ୍ଭରୁ ୱାନ୍, ଟୁ, ଥ୍ରି, ... ପୁନଶ୍ଚ ଅ, ଆ, ଇ,... ପରିବର୍ତ୍ତେ ଏ, ବି, ସି, ଡି, ...ଇତ୍ୟାଦି ଶିକ୍ଷା ଦିଆଯାଉଛି । ଯାହା ଫଳରେ ପିଲାଟି ଜନ୍ମରୁ ଇଂରାଜୀ ଭାଷା ସହ ଅଙ୍ଗାଙ୍ଗୀ ଭାବେ ଜଡିତ ହେବାରୁ ପରବର୍ତ୍ତୀ ସମୟରେ ଓଡିଆ ଭାଷା ପ୍ରତି ତା'ର ଆଉ ଆଗ୍ରହ ରହୁ ନାହିଁ । ଯେଉଁ ଉତ୍କଳରେ ଓଡିଆ ବୀର ପାଇକମାନେ ନିଜ ଜୀବନକୁ ବାଜି ଲଗାଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ, କେତେ କେତେ ବୀର ସୈନିକ ସହିଦ୍ ହୋଇଥିଲେ, ଆଜି ସେହି ମହାନ୍ ପୁରୁଷଙ୍କ ଯୋଗୁଁ ଦେଶ ସିନା ସ୍ୱାଧୀନ ହୋଇଛି, ଇଂରେଜମାନଙ୍କ ହୁକୁମ୍ ଓ ପାଦ ଚିହ୍ନ ଓଡିଶା ମାଟିରୁ ସମ୍ପୂର୍ଣ୍ଣ ଭାବେ ଲିଭି ଯାଇଛି, ହେଲେ ତାଙ୍କ ପ୍ରଚଳିତ ଇଂରାଜୀ ଭାଷା ଆଜି ପର୍ଯ୍ୟନ୍ତ ଓଡିଶା କଣ ସମଗ୍ର ଭାରତବର୍ଷରୁ ତଥା ଭାରତୀୟଙ୍କ ହୃଦୟରୁ ଅପସରି ଯାଇନାହିଁ କିମ୍ବା ଅପସରି ଯିବାର ସମ୍ଭାବନା ନାହିଁ ।

ଶିକ୍ଷାର ଅନ୍ୟ ଏକ ଆସ୍ତିବାଚକ ଦିଗ ହେଉଛି ମାତୃଭାଷାର ଉନ୍ନତି । ଏହାଦ୍ୱାରା କେବଳ ଆଂଚଳିକ ଭାଷା ଓ ସାହିତ୍ୟର ଅଭିବୃଦ୍ଧି ଘଟିବ ନାହିଁ ବରଂ ସମସ୍ତଙ୍କ ମନରେ ସ୍ୱଦେଶୀ ଭାବନା ଜାଗ୍ରତ ହେବ । ଇଂରାଜୀ ଭାଷା ପ୍ରତି ଆମର ମୋହ ନ ତୁଟିଲେ ଅତୀତର ଉପନିବେଶବାଦ କାଳର ଘୃଣ୍ୟ ଦାସ ମନୋଭାବ ମନରୁ ଦୂର ହେବ ନାହିଁ । ଇଂରାଜୀ ଭାଷା ଆମକୁ ପାଶ୍ଚାତ୍ୟାଭିମୁଖୀ କରିବା ସଙ୍ଗେ ସଙ୍ଗେ ଜାତୀୟ ଐତିହ୍ୟ ଓ ସଂସ୍କୃତିଠାରୁ ଦୂରେଇ ଦେଉଛି । ତେଣୁ ଅତି ସଂକ୍ଷେପରେ କହିଲେ ଋଷ ଭଳି ଉନ୍ନତ ରାଷ୍ଟ୍ର ଇଂରାଜୀ ପରିବର୍ତ୍ତେ ନିଜର ସ୍ୱଦେଶୀ ଭାଷାରେ ପରିଚାଳିତ ହୋଇ ଆଧୁନିକ ବିଶ୍ୱରେ କମ୍ ଅଗ୍ରଗତି କରିନାହିଁ । ତେଣୁ ମାତୃଭୂମିର ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଆମ୍ଭମାନଙ୍କ ହୃଦୟରେ ସ୍ୱଦେଶୀୟ ଭାଷା ଜାଗ୍ରତ ହେବା ନିତାନ୍ତ ଆବଶ୍ୟକ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ- ୯୯୩୭୪୧୨୫୧୫*

# ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଓ ପ୍ରତିଶ୍ରୁତିର ଭେଲିକି

**ବିଶ୍ୱ ପ୍ରକାଶ ଦେବତା**

ଓଡ଼ିଶାର ସ୍ୱାସ୍ଥ୍ୟସେବା ବିଷୟରେ ଚର୍ଚ୍ଚାକଲେ ମହାଭାରତ, ରାମାୟଣ ଠାରୁ ଆହୁରି ମୋଟାପୋଥି ହୋଇଯିବ - କେନ୍ଦ୍ର-ରାଜ୍ୟ ସମ୍ପର୍କ, ରାଜନୀତିକ ଗୋଳିଆପାଣି ଭିତରେ ସବୁଠାରୁ ଅତ୍ୟନ୍ତ ଅପରିହାର୍ଯ୍ୟ କୁହାଯାଉଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ର କିନ୍ତୁ ସ୍ଥାଣୁ। କେନ୍ଦ୍ରୀୟ ଅବହେଳା ବାହାନାରେ ରାଜ୍ୟ ସରକାର କେନ୍ଦ୍ର ବିରୁଦ୍ଧରେ ନିଜର ପ୍ରତିବାଦର ମୋର୍ଚ୍ଚା ଜୋରଦାର କରୁଥିବାବେଳେ ରାଜନୀତିର କାଦୁଅ ଫିଙ୍ଗା ଭିତରେ କିନ୍ତୁ ବଳି ପଡ଼ିଯାଏ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜଣେ ରୋଗୀ ଆଉଟଡୋର ବା ଇନ୍‌ଡୋର ଚିକିତ୍ସା ବ୍ୟବସ୍ଥା ତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଚିକିତ୍ସା ହେଉ ବା ନିଦାନ ସେ ଲୋକଟି ହେଉଛି ଜଣେ ଫାର୍ମାସିଷ୍ଟ ବା ଓଡ଼ିଆରେ ଯାହାକୁ ଭେଷଜ ତତ୍ତ୍ୱାବଧାରକ କୁହାଯାଏ। ଅନେକ ହୁଏତ ଜାଣିନଥାନ୍ତି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁ ଦିଗକୁ ଦୃଷ୍ଟିରେ ରଖି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇଥାନ୍ତି ଏହି ଫାର୍ମାସିଷ୍ଟମାନେ। ଭାରତ ବର୍ଷରେ ଅନ୍ୟାନ୍ୟ ରାଜ୍ୟରେ ଫାର୍ମାସିଷ୍ଟ ମାନଙ୍କ ଭୂମିକା ଓ ଦାୟିତ୍ୱକୁ ସରକାର ଗୁରୁତ୍ୱ ଆରୋପକରି ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଆନୁସଙ୍ଗିକ ସୁବିଧା ସୁଯୋଗ ସହ ଚାକିରୀ ନିରାପତ୍ତା, ବଦଳି, ପ୍ରମୋସନ କ୍ଷେତ୍ରକୁ ଗୁରୁତ୍ୱ ଦେଇଥାନ୍ତି କାରଣ ଫାର୍ମାସିଷ୍ଟ ମାନଙ୍କ ହାତରେ ହିଁ ସରକାରୀ ଚିକିତ୍ସାର ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଓଡ଼ିଶା କଥା ଚିନ୍ତା କଲାବେଳକୁ ହାଲତ୍ ସାଙ୍ଘାତିକ ଖରାପ। ରାଜ୍ୟରେ ଦିନକୁ ଦିନ ଛତୁ ଫୁଟିବା ପରି ବେସରକାରୀ ଡାକ୍ତରଖାନା ଖୋଲୁଛି। ସରକାର ମଧ୍ୟ ଭୋଟ ବ୍ୟାଙ୍କ ବଢ଼ାଇବା ପାଇଁ ଦିନକୁ ଦିନ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି। ଯଦିଓ ସରକାରୀ କ୍ଷେତ୍ରରେ ଉଦାସୀନତା ରହୁଛି କିନ୍ତୁ ଫାର୍ମାସିଷ୍ଟ ମାନଙ୍କ ଅବଦାନକୁ ଯତେଯେପରି ସମସ୍ତେ ହିଁ ଭୁଲିଯାଉଛନ୍ତି। ଜଣେ ରୋଗୀଟି ଡାକ୍ତରଙ୍କ ପାଖରେ ତା ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ନିୟମିତ ଚିକିତ୍ସା ଧାରାରେ ତା ପାଇଁ ଚବିଶ ଘଣ୍ଟା ଅହର୍ନିଶ ନଜର ରଖିଥାନ୍ତି ଏହି ଫାର୍ମାସିଷ୍ଟମାନେ। କିନ୍ତୁ ଓଡ଼ିଶାରେ ଫାର୍ମାସିଷ୍ଟମାନେ ସାବତ ପୁଅପରି ବ୍ୟବହାର ପାଇଥାନ୍ତି। ବର୍ଷ ବର୍ଷ ଧରି ଖରାତରାକୁ ଖାତିର ନକରି ନିଜ ଘରୋଇ ଓ ବ୍ୟକ୍ତିଗତ ଜୀବନକୁ ପଛରେ ପକାଇ ରୋଗୀ ସେବାରେ ନିଜକୁ ବ୍ୟସ୍ତ ରଖି ଯାହାପାଉଛନ୍ତି ତାହା ମାଆ ଗଙ୍ଗେଇକୁ ଜଣା।

ନିକଟରେ ଓଡ଼ିଶା ଫାର୍ମାସିଷ୍ଟ ସର୍ଭିସ ଆସୋଏସିଏସନର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସର୍ବସମ୍ମତିକ୍ରମେ ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉଣେଇଶ ଛୟାଅଶୀ ମସିହା ରାଜ୍ୟ ବେତନ ନିର୍ଦ୍ଧାରଣ ପରଠାରୁ ଫାର୍ମାସିଷ୍ଟ ମାନଙ୍କର ଦରମା ହାରରେ ରହି ଆସିଥିବା ଅସଙ୍ଗତି ଦୂର ସହ 'ସମ ଡିପ୍ଲୋମା ସ୍କେଲ' ଲାଗୁ କରି ଦରମାହାରରେ ତେୟାନବେଶହ ଗ୍ରେଡ଼ ପେ, ବୟାଳିଶ ଶହ ଲାଗୁ କରାଯିବା ପାଇଁ ଦାବି ସହ ଷଷ୍ଠ ବର୍ଷ ଠାରୁ ଅଧିକ ଦିନ ଧରି ନିୟମିତ ଅପେକ୍ଷାରେ ଥିବା ଫାର୍ମାସିଷ୍ଟ ମାନଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ କରାଯିବା ପାଇଁ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଦୁଇହଜାର ତେର ମସିହା ଅଗଷ୍ଟ ଚବିଶରେ ହୋଇଥିବା କ୍ୟାଡ଼ର ରିଷ୍ଟ୍ରକଚରରେ ଥିବା ଅସଙ୍ଗତ ଦୂର କରାଯାଇ ଆରଏସିପି ଦୁଇହଜାର ତେର ମସିହା ମତେ ଗ୍ରେଡ୍ ପେ ବୟାଳିଶ ଶହ, ଛୟାଳିଶ ଶହ, ଅଠଚାଳିଶ ଶହ, ବର୍ଷ ଦଶ, କୋଡ଼ିଏ, ତିରିଶ ବର୍ଷ ପାଇଁ ଲାଗୁ କରାଯାଉ ବୋଲି ଆଲୋଚନା ହୋଇଥିଲା। ଏହା ସହିତ ଏମ୍‌ଏଚ୍‌ୟୁ ଓ ଆରବିଏସଆର କାମ କରୁଥିବା ଫାର୍ମାସିଷ୍ଟ ମାନଙ୍କ ଚାକିରିକୁ ସ୍ଥାୟୀ କରାଯିବା ନେଇ ଅଭିଯୋଗ ରହିବା ସ୍ୱାଭାବିକ। ଏଥି ସହିତ ନିରାମୟକୁ ସଫଳ କରିବା ପାଇଁ ଅତିରିକ୍ତ ଫାର୍ମାସିଷ୍ଟ ପଦବୀ ସୃଷ୍ଟି ସହିତ ଗ୍ରୁପ୍-ଡ଼ି କର୍ମଚାରୀଙ୍କୁ ସହାୟକ ଭାବେ ନିଯୁକ୍ତ କରାଯାଉ। ଏହିସବୁ ଦାବିଗୁଡ଼ିକ ପାଇଁ ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ତରଫରୁ ଆସନ୍ତା ମାର୍ଚ୍ଚ ଅଠେଇଶ ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରାଜ୍ୟର ସମସ୍ତ କାର୍ଯ୍ୟକାରୀ ସଦସ୍ୟ, ସମସ୍ତ ଜିଲ୍ଲା ଓ ମେଡ଼ିକାଲ କଲେଜର ଶାଖା ପ୍ରତିନିଧି ଓ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ସମେତ ଏସସିବିର ସମ୍ପାଦକ ଶ୍ରୀକାନ୍ତ ଜେନା, ସଭାପତି ଅଜିତ୍ ସାହୁ, ରାଜ୍ୟ ଶାଖାର ପୂର୍ବତନ ସମ୍ପାଦକ ସୁଧାଂଶୁ ପତି, ଶିବରାମ ପ୍ରହରାଜ, କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ସରୋଜ ବୋଷ, ସନାତନ ସେଠୀ, ବିଜୟାନନ୍ଦ ଜେନା, ଜ୍ୟୋତିରଞ୍ଜନ ନାୟକ, ସାରଦା ବେହେରା, ଲକ୍ଷ୍ମୀଧର ସାହୁ ସମେତ ରାଜ୍ୟ ସଭାପତି ଜଳଧର ସେଠୀ, ରାଜ୍ୟ ସହ-ସମ୍ପାଦକ ଶକ୍ତିନାଥ ତରାଇ. ଅନ୍ତୁ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷ ବର୍ଷ ଧରି କାର୍ଯ୍ୟରତ ଏହି ଫାର୍ମାସିଷ୍ଟମାନେ ନିଜ ସମସ୍ୟା, ଅଭିଯୋଗ ଉଚ୍ଚକର୍ତ୍ତୃପକ୍ଷଙ୍କ ଠାରେ ଦାବି ମାଧ୍ୟମରେ ଉପସ୍ଥାପିତ କରିଥିଲେ ମଧ୍ୟ ଫଳଘର ଶୂନ। ମୁଣ୍ଡ ଉପରେ ମାର୍ଚ୍ଚ ମାସ, ଆସନ୍ନ ଗ୍ରୀଷ୍ମର ତାତି ସହ ରାଜନୈତିକ ମଇଦାନ ମଧ୍ୟ ସରଗରମ ଏହି ମାସରେ ହୋଇଥାଏ। ନେତାମାନେ ପ୍ରତିଶ୍ରୁତିର ଭେଳିକି ଦେଖାଇ ଓଡ଼ିଶାବାସୀଙ୍କୁ ଚୂନ ଲଗାଇବାରେ ଓସ୍ତାଦ୍ କିନ୍ତୁ ବର୍ଷ ବର୍ଷର ଅଭାବ, ଅଭିଯୋଗ, ଅନଟନ ଏ ସବୁକୁ ନେଇ ପେସି ହେଉଥିବା ଫାର୍ମାସିଷ୍ଟମାନେ କୌଣସି ଆନ୍ଦୋଳନାତ୍ମକ ବା ଆଇନ ବିପର୍ଯ୍ୟସ୍ତ ଘଟଣା ସଙ୍ଗଠିତ କଲେ ସମ୍ଭବତଃ ଚେଇଁ ଶୋଇଥିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବୋଧେ ନିଦରୁ ଉଠିବ। ନେଡ଼ୀ ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ସରକାରୀ ସ୍ତରରେ ଏହି ଗୁରୁତ୍ୱପୂର୍ଣ୍ଣ ଦାବିକୁ ନଜର ଅନ୍ଦାଜ କରାନଯାଇ ଆଲୋଚନା ମାଧ୍ୟମରେ ଏହାର ରାସ୍ତା ଖୋଜାଯାଉ।

**ଆବାହକ, ଓଡ଼ିଶା ହେଲଥ ଆଣ୍ଡ ମିଡ଼ିଆ ୱାଚ୍, ୨୮ ଶହୀଦ ନଗର, ଭୁବନେଶ୍ୱର**

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୯୪୩୭୧୩୩୭୭୭



ଉପନ୍ୟାସ

# ଅମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା

ଭାଗ-୨୫

**ଏ**ସବୁରୁ ମୁହଁ ଉଠାଇ ସେ ଦେଖେ ଗୋଟେ ଅସନି ଝିଅକୁ। ତା ଡାକଟା ଏବେ ବି କାନର ରନ୍ଧ୍ର ଫଟାଇଦିଏ- ଦେବା..ଆରେ ଶୁଣିଯା'..। ଏ ଦେବା..ଶୁଣ୍ ତ ଟିକେ। ତୋ ବସ୍ ଆସିବାକୁ ପାଂଚ ମିନିଟ୍ ଡେରି ଅଛି ପରା! ଡଗଡଗ ହୋଇ ଏମିତି କଣ ଧାଇଁଛୁ ଯେ! ଏ ଦେବା..। ରହିଯା' ଟିକେ ଭଲା। ମୋର ପରା ଅନେକ କଥା କହିବାର ଥିଲା। ତୁ ଶୁଣୁନୁ କାହିଁକି ଯେ! ଓଃ..ଏତେ ଶୀଘ୍ର ଶୀଘ୍ର ପାଦ କାଇଁ ପକାଉଛୁ? ଷ୍ଟାଣ୍ଡ୍ ତ ଦୁଶିଲାଣି! କୋଉ ଦଶ କୋଶ ବାଟ ହୋଇଛି ଯେ ତୁ ଦୌଡୁଛୁ ଏକମୁହାଁ ହୋଇ? ମୁଁ ଏତେ ଦୌଡି ପାରିବିନି ତୋ ପଛରେ..। ତଥାପି ଦେବଦାସ ନଶୁଣିଲାଙ୍କ ପରି ଆଗକୁ ପାଦ ପକାଇ ଚାଲିଥିଲା ଶୀଘ୍ର ଶୀଘ୍ର, ତାଠୁ ମୁକୁଳିବାକୁ ହୁଏତ।

ଆଚ୍ଛା, ତୁ ତାହେଲେ ମୋ କଥା ଶୁଣିବୁନି? ପଚାରୁଥିଲା ସେ ଅସନି ଝିଅ ଯେ ଏବେ ଖୁବ୍ ଦୂରରେ ରହିଯାଇଥିଲା ଏବେ।

ଡେରି ହୋଇଯାଉଛି ମୋର..। ଆଉ ମୁଁ ବି ଜାଣେ ତୁ କଣ କଣ ସବୁ ବକିବୁ ଏବେ। ତରବରରେ ଜିନିଷ ପତ୍ର ଧରି ଯାଉଯାଉ ଦେବଦାସ କହିଲା।

ଆରେ ମୋର ଯାହା କହିବା କଥା ମୁଁ ତ କହିବି। ମୋହ ମାୟା ତୁଟାଇ ଯିବାକୁ ଚାହୁଁଛୁ କି? ସେ କଥା ହୋଇପାରିବନି। ମୋ କଥା ତୋତେ ଶୁଣିବାକୁ ହେବ। ତୁ ତ ଜାଣୁ ମୋ ବାପା କିମିତିଆ ଲୋକ! ଆଉ ଥରେ ମନେପକାଇ ଦିଏ। ହଁ,ନୂଆ ମୋବାଇଲ୍‌ଟେ କିଣି ଦେଇଥିଲି ତୋତେ, ଛଅହଜାର ଟଙ୍କାର,ତୋ ବହି ଖାତା ବାବଦକୁ ଚାରିହଜାର ତିନିଶହ ଚାରି। ତୋ ପାଇଁ ଦେଇଥିବା ମୁଢିମୁଆଁ,ଲେମ୍ବୁ ଆଚାର ଆଉ ବାଦାମ ଲଡୁ ପାଇଁ ବେଶୀ ନାହିଁ ମାତ୍ର ଚଉବନ ଟଙ୍କା,ତୋ ଜିନ୍ ପ୍ୟାଂଟ୍ ନୂଆ ସାର୍ଟ ମିଶିକି ସାତଶହ ଟଙ୍କା..। ଆଉ ତୁ ନେଇଥିବା ଏୟାର୍ ବ୍ୟାଗ୍ ଭଲ ହଳେ ଯୋତା..। ସବୁତକ ଭଲ ଦାମିକିଆ ଜିନିଷ ଖାସ୍ ତୋ ପାଇଁ କଟକରୁ ମଗାଇଥିଲି। ତୁ ବାହାରକୁ ଯିବୁ ତ ଅନ୍ୟମାନଙ୍କ ସହିତ ତୋତେ ବି ସମାନ ହୋଇ ଚଳିବାକୁ ପଡିବ। ସେଥିପାଇଁ ଆଉ ଅଧିକ ପାଂଚଅଁହଜାର ଟଙ୍କା ଲାଗିଲା।

ହେଲେ ଏବେ ଏ ଖର୍ଚ୍ଚବାର୍ଚ୍ଚକୁ ଧ୍ୟାନ ନଦେଇ ତୁ ଖାଲି ମନଦେଇ ପାଠପଢ। ତୋ ପାଖରେ ଖଡଖଡିଆ ନୋଟ୍ ଯେତେବେଳେ ହୋଇଯିବ ତୁ ମୋ ପାଉଣା ଫେରେଇ ଦେବୁନି! ମୋର ତ ତୋ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି। କିନ୍ତୁ ମୁଁ କହିଦିଏ ସବୁମିଶି କେତେ ହେଲା..?

ସେସବୁକୁ ମିଶାଇଲେ..ଉଁ..ଉଁ..ଆରେ ଟିକେ ରହ ଏତେ ଡଗଡଗ ହୋଇ କଣ ଚାଲୁଛୁ ଯେ ମୁଁ ତୋ ପାଦ ସହିତ ପାଦ ମିଶାଇ ପାରୁନି। ରହ ଟିକେ,ମୁଁ ହିସାବଟା କରିଦିଏଁ। ଧିମେଇ ଯାଉଥିଲା ପାରୋ ଓରଫ୍ ପାର୍ବତୀର ପାଦ ଦୁଇଟି। ହେଲେ ହିସାବ ପତ୍ରରେ ବାପା ପରି ପୁରା ପକ୍କା। ଅନ୍ୟମନସ୍କ ଭାବେ ଆସୁ ଆସୁ ପଥରରେ ଝୁଂଟି ତା ପାଦ ନଖ ଫାଟି ଗଲାଣି! ରକ୍ତ ବି ବୋହୁଛି। ଛୋଟେଇ ଛୋଟେଇ ଆସୁଛି ସେ ତଥାପି। ଦେବଦାସ୍‌ର କିନ୍ତୁ ତା ପ୍ରତି କିମ୍ବା ତା କଥା ପ୍ରତି ନିଘା ନଥିଲା। ସେ ଖନେଇ ଖନେଇ ଡାକୁଛି ନାଁ ଟିଏ-ଦେବା,ରହ ଟିକେ। ମୋ ପାଦ ଖଣ୍ଡିଆ ହୋଇଗଲାଣି। ଟିକେ ତ ଧୀରେ ଚାଲ୍। ଏତେ କଣ ତରବର ହେଉଛୁ ଯେ!

ତୋତେ କିଏ କହୁଛି ମୋ ପଛରେ ଆସିବାକୁ? ମୁଁ ତ କହିନଥିଲି! ଏବେ ଭୋଗ୍ ଯାହା ଭୋଗିବାର କଥା। ମୋର କିଛି ଯାଏ ଆସେ ନାହିଁ। ଦେବା ବେଫିକର ହୋଇ ଉତର କଲା। ପାର୍ବତୀ ସେଇ ରକ୍ତବୁହା ପାଦରେ ବଡ କଷ୍ଟମଷ୍ଟେ ଆସୁଥିଲା ଦେବା ପଛରେ। ବେଳେବେଳେ ଯନ୍ତ୍ରଣାରେ ବତୁରିଯାଇ ଚିତ୍କାର କରୁଥିଲା-ବୋଉ ଲୋ..! ଆନମନା ଥିଲା ଦେବଦାସ। ଭବିଷ୍ୟତର ଆହ୍ୱାନରେ ମୂକ ଓ ବଧିର ପାଲଟିଯାଇଥିଲା କି କଣ ସେ ଆଉ ଶୁଣିପାରୁନଥିଲା ତା ଡାକ କିମ୍ବା କଷ୍ଟ!

ପାର୍ବତୀ ତା ଅପରିପକ୍ୱ ଅଙ୍ଗୁଳିରେ ହିସାବ କରୁକରୁ ବଡପାଟିରେ କହିଉଠିଲା-ହଁ ହଁ ସବୁ ହିସାବ ହୋଇଗଲା- ପୁରା ଷୋହଳ ହଜାର ଅଠାବନ। ଅଠାବନଟା କାଟି ଦଉଛି..ଖାଲି ଷୋହଳ ହଜାର ଓ ଦଶ ପ୍ରତିଶତ ସୁଧ ହିସାବ କରି ଦେଇଦେବୁ ମୋତେ। ବାପାଠୁ ଲୁଚେଇକି ଦେଇଛି। ସେତକ ଫେରାଇବାକୁ ପଡିବ। ଭୁଲି ଯିବୁନି..! ମନଦେଇ ପାଠପଢି ଭଲ ଚାକିରୀ କଲେ ସିନା ମୋ ପାଉଣା ପରିଶୋଧ କରିପାରିବୁ,ନହେଲେ..ତୋର ତ ଆଉ କେହି ନାହାନ୍ତି ଯେ ଘରବାଡି ଓ ଟଙ୍କା ସବୁକୁ ପରିଶୋଧ କରିପାରିବ! ତୁ ଶୁଣୁଚୁ ନା ନାହିଁ..? ଏ ଦେବା..ଆରେ ଶୁଣ୍ ତ ଟିକେ ମୋ କଥା! କିଛି ଉତ୍ତର କରୁନୁ କାହିଁକି..? ଦେବା..!! ସେପଟୁ ବସ୍‌ଟା ମାଡିଆସୁଥିଲା ବନ୍ୟାଜଳ ପରି! ଲାଗୁଥିଲା ଦେବଦାସ ସୁଅ ମୁହଁର ପତରଟେ ପରି ଭାସିଯିବ ଏବେ..ଆଉ ଟିକେ ପରେ!

(କ୍ରମଶଃ...)

## ବିଶେଷ କବିତା

# ତାରିଖ



ଶକ୍ତି ମହାନ୍ତି

**ସ**ମୟ ବାହାରେ ଛିଡ଼ା ଗୋଟେ ନିଶାସକ୍ତ ରାତି
ଲାଲ୍ ଆଖି, ଦେଖିବାକୁ ସାଇତିଥିବା ସ୍ୱପ୍ନର ମେନୁ
ଏସବୁକୁ ତକିଆ ତଳେ ଗୁଞ୍ଜିଦେଇ ବାହାରିଯା
ଗଲା ବର୍ଷର ଶବକୁ କାନ୍ଧ ଦବାକୁ।
ମହମର ତା' କୋଳରେ ସାରାଦିନର ସୂର୍ଯ୍ୟକୁ ଧରି
ସେ ଝିଅ ଛିଡ଼ା ହୋଇଥିବ ତୋ ପାଇଁ ସେମିତି,
ଗାଢ଼ ରାତି ଓ ଭୋର୍ ମଝିର ଦର୍ଜା ଫାଙ୍କରେ
ଚପି ଯାଇଥିବ ତା'ର ଆଙ୍ଗୁଠି

ଖରାର ଦର୍ପଣ ଓ ବଉଦର ରଙ୍ଗ ଧରି
ସପିଙ୍ଗ୍ ମଲ୍ ପରି ଦିଶିବି ଏ ଦିଗନ୍ତ,
ନଖରୁ ରକ୍ତ ପୋଛି ସେ ମାନେକ୍ୱିନ୍ ହୋଇ ଛିଡାହବ



ତାକୁ ଝିଙ୍କି ନବାକୁ ଇଚ୍ଛାହୁଏ ତୋର ନିଜର
ସୁଡଙ୍ଗ ମଧ୍ୟକୁ, ଯେଉଁଠି ସ୍ୱପ୍ନଭର୍ତ୍ତି ଟ୍ରେନ୍‌ସବୁ
ସାରାରାତି ଧାଏଁ, ହତ୍ୟାକରି ସମୟର ଅଲୋଡା କ୍ଷଣକୁ
କଜ୍ଜ୍ୱଳ ଗାରରେ ଲୁଚାଇ ଯେତକ ଅନ୍ଧାର ଓ ଅଭିମାନ
ଦେହରୁ ପୋଛିନେଇ ଅପ୍ରେମର ଦାଗ, ସେ ଧାଉଁଥାଏ
ଆବୋରିବାକୁ ତୋ ପଞ୍ଜରାର ଉଷୁମ ପ୍ରଶ୍ୱାସ

କ୍ୟାଲେଣ୍ଡର୍ ପୃଷ୍ଠାସବୁ ତାସ୍‌ପତା ପରି ଫେଣ୍ଟି
ସେଇ କ୍ଷୀଣ ଆଲୁଅରେ ସେ ପଚାରିବ ତତେ,
"ନିଅ ଖୋଜିନିଅ ତମ ତାରିଖସବୁ, ଯାହା
ବିତିଥିଲା ମୋ ସହ ଅତି ଅବାଞ୍ଛିତ ଭାବେ,
ଏସବୁ ତ ତୁମ ଭାଗ୍ୟର ଚିଟାଉ, ନିଅ ଖୋଜିନିଅ..."

ହେଲେ ତୁ ଜାଣୁ, ପ୍ରତିଟି ସକାଳ ଗୋଟେ ଜୁଆ
ଯେଉଁଠି ତୁ ବାରମ୍ବାର ହାରିଛୁ
ସ୍ମୃତିର ତରଳ ତାରିଖସବୁ,
ପାରୁଛୁ ତ ନୂଆବର୍ଷଟେ ସାଙ୍ଗରେ ଧରି
ପଶିଯା ଗୋଟେ କ୍ୟାସିନୋ ଭିତରକୁ,
ତୋ ନିରୁଦ୍ଦିଷ୍ଟ ସମୟର ଘଡିକୁ ବାଜି ଲଗେଇ
ଆଗାମୀ ଦିନ ପାଇଁ ଅଫେରା ତାରିଖସବୁ ଜିତିଯା।

*ଜୟବଡ, ଜଗତସିଂହପୁର*

# ବିସ୍ତରଣ





ଯୋଗେନ୍ଦ୍ର କୁମାର ନାୟକ

**ଆ**କାଶ ଓ ମାଟି ମଝିରେ
ଦୂରତା ମାପୁ ମାପୁ
ବଦଳି ଯାଉଥିବ ପୃଥ୍ୱୀ
ବିସ୍ତରି ଯାଉଥିବ ପକ୍ଷ।
ଯୋଉ ଡେଣାରେ
ଉଡ଼ିବାକୁ ଚେଷ୍ଟା କରିଛି
କୋଉ ଅଦୃଶ୍ୟ ବ୍ୟାଧର ତୀରଭେଦରେ
ଛିଣ୍ଡି ପଡ଼ିଛି ତାର ଟିକି ଟିକି ପର।
ଅଣଚାଶ ବିନ୍ଦୁରୁ ଅନ୍ତରୀକ୍ଷ ଯାଏ
କେତେ ବା ନ କରିଛି
ଏଇ ଡେଣାକଟା ମୂହୁର୍ତ୍ତ ମାନଙ୍କ ଲାଗି
ସଂଜୀବନି ଉଚ୍ଚାରଣ।
ତେବେ ବି ବାଞ୍ଛିତ ଆକାଶ
କେବେ ଥରେ ଚାଲି ଆସିନି
ହାତ ପାଆନ୍ତାକୁ
ତୋଳି ଆଣିବାକୁ ମନ ମାଫିକ୍
ସ୍ୱପ୍ନ ମାନଙ୍କ ତାରାଫୁଲ।
ତା ନୀଳ ଘୁମର ବେଶ ଛାଡ଼ି
କେବେ ବି ଲେଉଟି ଆସିନି
ଥରେ ଟିକେ ଆଉଁସି ଦେବାକୁ
ଜହ୍ନ ତାରାଙ୍କ କୋଳାହଳ ଭିତରୁ।
ଏଇ ମାଟି ଉପରେ ଠିଆ ହୋଇ
ତାକୁ ମୁଁ ହାତ ପାତି ମାଗୁଥାଏ
ଆଞ୍ଜୁଳାଏ ପାଣି ଅବା ଦଲକାଏ ପବନ
ମେଘସନ୍ଦିରୁ ମେଞ୍ଚାଏ କଅଁଳିଆ ଖରା।
ଏଇଠି ବି ପାଦଥାପି ଦେଖୁଥାଏ
ଭସାମେଘର ସ୍ୱପ୍ନ
ଆଡ଼େଇ ଆଡ଼େଇ ଉସର ଭୂଇଁ
ଅସରନ୍ତି ଛାଇ ମାନଙ୍କ ସହ ମିଶି
ଗୀତ ଗାଏ ନୀଳ ନିବିଡ଼ତାର
ଆଗାମୀ ଦିନ ମାନଙ୍କ ପାଇଁ।
ସେ କିନ୍ତୁ ଉଠି ଆସେନା
ମୋ ଓଠ ଫାଙ୍କକୁ
ଜହ୍ନର ଶୀତଳତା ନେଇ
ଟୋପାଟିଏ ଅମୃତ ହେଇ
ବୁଲି ବି ଆସେନା ଗୋଟେ
ଦଦରା କପାଳକୁ
ସରୁ ଭାଗ୍ୟରେଖାଟିଏ ହୋଇ।
ଯେବେଠୁ ନିଜର କଲି ମାଟିକୁ
ନିଜର ହେଇ ରହିଗଲା କାଳ କାଳକୁ
ଯେତେ ମୋର ଚିହ୍ନା ଅଚିହ୍ନା ଛାଇ
ସବୁ ବିଞ୍ଛିହେଇ ପଡ଼ିଛନ୍ତି
ଏଇ ମାଟି ଉପରେ ଚିରଦିନ ପାଇଁ।
ମୁଁ ନା ମାଟିର ନା ଆକାଶର
ମୁଁ ତ ମୋର ହେଇ ରହିଥିବି ନିରନ୍ତର
ମାଟି ଓ ଆକାଶ ମଝିରେ
ମେଲିଦେଇ ଅଦୃଶ୍ୟ ବିସ୍ତରଣ।



*ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ,*
*ସଚିବାଳୟ, ଭୁବନେଶ୍ୱର-୧*
*ମୋ-୯୪୩୭୩୦୧୫୨୭*

# କୁନାବାପାଙ୍କ କୁନିକଥା

୩୯

**ଏ**ଇ ଗଲା ମଙ୍ଗଳବାର କଥା। ସହଜେ ତ ଏବେ ବିଧାନସଭା ଚାଲିବ ବୋଲି ବହୁ ସଂଗଠନର ଆନ୍ଦୋଳନ ଚାଲିଛି ଗାନ୍ଧି ମାର୍ଗରେ। ତେବେ ଶିକ୍ଷକଙ୍କ ଆନ୍ଦୋଳନ ଟିକିଏ ବ୍ୟାପକ ହୋଇ ମାଟ୍ରିକ ଖାତାଦେଖା ସେଣ୍ଟ ଗୁଡିକ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ସମ୍ପୂର୍ଣ୍ଣ ସରକାରୀ ସ୍କୁଲର ଶିକ୍ଷକମାନେ ମାଟ୍ରିକ ଖାତା ଦେଖିବାକୁ ଗଲାବେଳେ, ଆନ୍ଦୋଳନକାରୀ ଶିକ୍ଷକମାନେ ଖାତା ଦେଖାକୁ ବର୍ଜନ କରିଥାନ୍ତି। ଖାଲି ସେତିକି ନୁହେଁ, ଖାତା ଦେଖିବାକୁ ଆସୁଥିବା ସରକାରୀ ସ୍କୁଲର ଶିକ୍ଷକଙ୍କୁ ଖାତା ଦେଖିବାରୁ ବିରତ ରହିବା ପାଇଁ ଅନୁରୋଧ କରିବାର ଖବର ବି ଆସିଥିଲା ଆଗରୁ। ତେବେ ସମବେଦନା ସତ୍ତ୍ୱେ ସରକାରୀ ଶିକ୍ଷକ ଖାତା ଦେଖିବାକୁ ବାଧ୍ୟ, କାରଣ ଶିକ୍ଷାମନ୍ତ୍ରୀଙ୍କ ଅନୁସାରେ ଏହା ଶିକ୍ଷକଙ୍କ କର୍ତ୍ତବ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେବେ ସରକାରୀ ଶିକ୍ଷକ ଖାତା ଦେଖିବାକୁ ନ ପହଞ୍ଚିଲେ ଚାକିରୀ ଉପରେ ବିପଦ। ଏଭଳି ଦ୍ୱନ୍ଦ୍ୱ ଭିତରେ ଖାତା ଦେଖିବାକୁ ଆସିଥିବା ଶିକ୍ଷକଙ୍କୁ ଆନ୍ଦୋଳନରତ ଶିକ୍ଷକ ବିଭିନ୍ନ ଉପାୟରେ ରୋକିବାକୁ ଚେଷ୍ଟାକଲେ। କିଏ ବାଟ ଜଗିଲେ, କିଏ ମୁଖ୍ୟ ଫାଟକ ଆଗରେ ଦଳବଦ୍ଧ ହୋଇ ବସିଲେ, କିଏ ଅନୁନୟ ବିନୟ ହୋଇ ଅନୁରୋଧ କରୁଥାନ୍ତି ତ କୋଉଠି ଫାଟକ ଆଗରେ କିଏ କାହାର ଗୋଡଧରି ଅନୁରୋଧ କରିବାର ଦୃଶ୍ୟମଧ୍ୟ ଟିଭି ପରଦାରେ ଦେଖାଉଥାଏ। ତେବେ କ୍ୟାପିଟାଲ ହାଇସ୍କୁଲ ସାମନା ଦେଇ ଗଲାବେଳେ କୁନାବାପା ଦେଖିଲେ, ଫାଟକ ଆଗରେ ମଠା କଲର ସାଢ଼ି ପରିହିତା ମହିଳା ଓ କଳା ଧଳା ପୋଷାକ ପରିହିତ ପୁରୁଷଙ୍କ ଭିଡ। ଅଚିରେ ବୁଝିଲେ ଯେ ଏଥିରେ କିଛି ସରକାରୀ ଶିକ୍ଷକ ତ କିଛି ଆନ୍ଦୋଳନକାରୀ ଶିକ୍ଷକ ଏବଂ ଜଣେ ସାଧାରଣ ନାଗରିକଙ୍କ ସହ କିଛି ଶିକ୍ଷକ ଯୁକ୍ତିତର୍କ କରୁଥାନ୍ତି। ହଠାତ ଜଣେ ଶିକ୍ଷୟିତ୍ରୀ ଫାଟକ ଦେଇ ଭିତରକୁ ଯିବାକୁ ଉଦ୍ୟମ କରନ୍ତେ, ଦଳବଳ ହୋଇ ଆନ୍ଦୋଳନରତ ଶିକ୍ଷକ ତାଙ୍କୁ ଦର ଆଉଜା ଫାଟକକୁ ବନ୍ଦକରି ପ୍ରାଚୀର ଭଳି ଠିଆହେଲେ ଏବଂ ଶିକ୍ଷୟିତ୍ରୀ ଜଣକ ତାଙ୍କୁ ବାଟ ଛାଡିବାକୁ କହିବା ବେଳେ ଆଉ କିଛି ଆନ୍ଦୋଳନକାରୀ ଶିକ୍ଷକ ଅତର୍କିତ ଭାବେ ଆସି ବଳ ପ୍ରଦର୍ଶନ କଲେ। ତାଙ୍କରି ଭିତରୁ ଜଣେ ଶିକ୍ଷୟିତ୍ରୀଙ୍କୁ ବୁଝାଇବା ପରିବର୍ତ୍ତେ ତାଙ୍କୁ ବଳ ପୂର୍ବକ ହାତଧରି ଭିଡି ଆଣିଲେ। ଏଇ ସମୟରେ ଶିକ୍ଷୟିତ୍ରୀଙ୍କୁ ଛାଡିବାକୁ ଆସିଥିବା ତାଙ୍କ ପୁଅର ମାନସିକ ଅବସ୍ଥା କ'ଣ ହୋଇଥିବ ଭାବନ୍ତୁ। ସେ ଏହାର ବିରୋଧ କରି ଏଭଳି ଅଶାଳୀନ ଆଚରଣ ପାଇଁ କ୍ଷମା ମାଗିବାକୁ କହିଲେ। ଏଇ ଯୁକ୍ତିତର୍କ ଭିତରେ ମିଡିଆରେ କ୍ୟାମେରା ଗୁଡିକ ମଧ୍ୟ ଏଇ ଘଟଣାର ଭିଡିଓ କଲେ ଓ ଗୋଟିଏ ବଡ ଚ୍ୟାନେଲରେ ସଂଧ୍ୟାରେ ଏହି ଭିଡିଓଟିର ପ୍ରସାରଣ ମଧ୍ୟ କଲେ।

ସଞ୍ଜରେ କୁନାବାପା ଖଟିଆଡେ ବୁଲିଗଲେ। ଖଟିରେ ଋଷୀ ଆନ୍ଦୋଳନ ସାଙ୍ଗକୁ ଅନ୍ୟ ଆନ୍ଦୋଳନ ବିଷୟରେ କଥା ପଡିଥାଏ। ଧଡୁବାବୁ କହିଲେ, ହଇହୋ ଯୋଉମାନେ ତାଙ୍କ ଜୀବଦ୍ଦଶାରେ ଚାଷ ଜମିରେ ଆଗ ହଳହେବ ନା ଧାନ ବୁଣାହେବ ଜାଣନ୍ତିନି, ସେମାନେ ଋଷୀ ଆନ୍ଦୋଳନର ମଙ୍ଗ ଧରିଛନ୍ତି। ଏମିତି ଆନ୍ଦୋଳନ ହେଲେ ଲାଭ କାହାର? ଯିଏ ମୁଖିଆ ସିଏ ସରକାରୀ ଦଳକୁ ଆଦରିବେ ଆଉ କର୍ମୀମାନେ ସେଇ ଦଳର କର୍ମୀ ହେବାର ଗୌରବ ଅର୍ଜନ କରିବେ। ଗଜିବାବୁ କହିଲେ, ଆହେ ଦେଖୁନା, ଶିକ୍ଷକମାନେ କିଭଳି ଅଭିନବ ଆନ୍ଦୋଳନ କରୁଛନ୍ତି ଖାତାଦେଖା ବର୍ଜନ କରି। ମୋତେତ ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ଭଳିଆ ଲାଗୁଛି। ଟିଭିରେ ମଦପିଇ ଟଳଟଳ ହେଉଥିବା ଶିକ୍ଷକ ଆଉ ଭାତ ଡାଲି ବାଢୁଥିବା ଛାତ୍ରଙ୍କୁ ଦେଖିଲା ବେଳକୁ ଓଡ଼ିଶାର ଶୈକ୍ଷିକ ଜଗତର ପରିସ୍ଥିତି ମନକୁ ଆମ୍ବିଳା କରୁଛି। ସେଥିରେ ପୁଣି ଆନ୍ଦୋଳନ ବେଳେ ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ କର୍ତ୍ତବ୍ୟରୁ ନିବୃତ୍ତ ରଖିବା ପାଇଁ ଗେଟ ପାଖରୁ ଭିଡିନେବା କେତେ ଯୁକ୍ତିଯୁକ୍ତ ପରଖି, ତା'ର ବୌଦ୍ଧିକ ଉନ୍ନତିର ପଥରେ ଆଗେଇନେବା ପରିବର୍ତ୍ତେ, ସେମାନଙ୍କ ଦୁର୍ବଳତାକୁ ଦର୍ଶେଇ ପାରିବା ପାଣିଆ ଦେଖାଉଛନ୍ତି ଖାଲି। ଘନବାବୁ କହିଲେ, ଯାହାବି ହେଉ, ପୋଲିସର ଆନ୍ଦୋଳନ ଶିକ୍ଷକଙ୍କ ଉପରେ ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ନିନ୍ଦନୀୟ। ସେମାନେ କ'ଣ ଶିକ୍ଷକଙ୍କଠାରୁ ପାଠ ନପଢ଼ି ନିଜ ଦକ୍ଷତାରୁ ଚାକିରି ପାଇଗଲେ? ଜଣେ ଶିକ୍ଷୟିତ୍ରୀଙ୍କୁ ବିନା ମହିଳା ପୋଲିସରେ ଜୋର ଜବରଦସ୍ତ ଉଠାଇନେବା କ'ଣ ନିୟମ ବିରୁଦ୍ଧ ନୁହେଁ? ସାରଦିଆ ବୁଦ୍ଧିବାଲା ବିନୁବାବୁ ମଝିରୁ ଉଠି କହିଲେ, ହଇହୋ ନିଜ ଉପରେ ପଡିଲେ ଦୋଷ, ନିଜେ କରିଦେଇ ଖସ। ସେଇ କ୍ୟାପିଟାଲ ହାଇସ୍କୁଲ ଆଗରେ ଆନ୍ଦୋଳନରତ ଶିକ୍ଷକମାନେ ଶିକ୍ଷୟିତ୍ରୀଙ୍କୁ ଡେଣାରୁ ଧରି ବାହାର କରିଦେବେ ଠିକ, ଆଉ ପୋଲିସ ଉଠାଇ ନେଲା ବୋଲି ଭୁଲ। କୁନାବାପା ସବୁ ଶୁଣିସାରି କହିଲେ, ଉଭୟ ଭୁଲ। ଜଣେ ମହିଳାଙ୍କ ପ୍ରତି ଏଭଳି ଅଶୋଭନୀୟ ଆଚରଣ ସର୍ବଦା ନିନ୍ଦନୀୟ। ତେବେ ସମସ୍ତଙ୍କର ସଦବୃଦ୍ଧି ଉଭୟ ହେଉ। ସର୍ବେ ଭବନ୍ତୁ ସୁଖୀନଃ।

– ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ସମର୍ପଣ



କମଳିନୀ ମଲ୍ଲିକ୍

**ଏ**ତେ ଦୟା, କ୍ଷମା, ଏତେ ଧୈର୍ଯ୍ୟ
ମୋର ଆଉ କାହିଁ ମା'
ତୋ ବ୍ରହ୍ମାଣ୍ଡରେ ମୁଁ କ୍ଷୁଦ୍ର କଣିକାଟିଏ
ଫୁଙ୍କି ଦେଲେ ଗଡିଯିବି, ଉଡିଯିବି
ମୁଁ ତ ତୋ ପରି ଦେବୀ ନୁହଁ ଯେ
ଇଚ୍ଛା କଲେ ସୃଷ୍ଟି, ଇଚ୍ଛା କଲେ
ସଂହାର କରିପାରୁଥିବି
ମୁଁ ତୋ ସୃଷ୍ଟି ଓ ସଂହାରର ସନ୍ଧିକାଳରେ
ଏକ ନିର୍ଦ୍ଦେଶିତ ସାମାନ୍ୟ ମାନବୀ।

କେତେ ଆଉ ଘିଅ ବଳିତା ଜାଳି
ମୋ ଅନ୍ଧାରି ଦୁନିଆଁକୁ
ଆଲୋକିତ କରୁଥିବି
କେତେ ଆଉ ଧୂପ, ଝୁଣା ଦେଇ
ମୋ ନିଷ୍ପେସିତ ଜୀବନକୁ
ମହକିତ କରୁଥିବି
କେତେ ଆଉ ଯୂପକାଠିରେ
ନିଜକୁ ତିଳ ତିଳ ବଳି ପକେଇ
ଅଭାବୀ ସଂସାରକୁ
ଲହୁ ଲୁହାଣ କରୁଥିବି।

ତୁ ବା କେମିତି ଜାଣିବୁ
ହଜି ଯାଇଥିବା ମୋର ସୁର, ଲୟ, ତାଳ
ତୁ ତ' ଉଭା ସର୍ବଦା ନାଟ୍ୟ ମଣ୍ଡପରେ
ତୋ ନାଲି ଅଳତା ପାଦରେ
ନିକଣିତ ଘୁଙ୍ଗୁରମାଳ
ତୁ ସିନା ସକାଳର କଅଁଳ କାକର
ସଂଧ୍ୟାରେ ରକ୍ତିମ ଗୋଧୂଳୀ
ମୁଁ ଯେ ମଧ୍ୟାହ୍ନର ଖାଁ ଖାଁ ଡାହୁକ
ନିର୍ଜନ ନିଶାର ନିର୍ବାପିତ ଦୀପାଳୀ।

ଦେବାକୁ ଆଉ କ'ଣ ଅଛି
ମୁଁ ହୋଇଯାଇଛି ନିଃସ୍ୱ, ଶୂନ୍ୟ, ଦୀନ
ପାରୁଛୁ ତ' ନେଇଯା'
ମୋ ଭିତରେ ଯେତେ ଜମା ଅଛି
ଦମ୍ଭ, ଅହଙ୍କାର, ଅବସୋସ, ଅଭିମାନ
ଦେଖୁଚୁ ମୋ ଭଙ୍ଗା ଉଜୁଡା ଦେହରୁବି
ଫିଟି ଯାଉଛି ସାତସିଆଁ ଲୁଗାଟା
ନେ ମା', ପାରୁଛୁ ତ ତୋ ମନ୍ଦିର ଚୂଳରେ
ବାନା କରି ବାନ୍ଧି ଦେ' ମା'
ମୋତେ ଆଉ ସଙ୍ଗମରେ ନୁହେଁ
ଏଥର ସମାଧିରେ ରୁନ୍ଧି ଦେ।

*ୟୁନିଟ୍-୧, ଭୁବନେଶ୍ୱର*

# ପ୍ରମାଦ, ଦାନ ଓ ଜୀବନ



ଡ. ସତ୍ୟନାରାୟଣ ମିଶ୍ର

**ଏ**କଦା ଭିକ୍ଷୁ ସଂଗ୍ରାମ ବୁଦ୍ଧଦେବଙ୍କୁ ପ୍ରଶ୍ନ କଲେ - ଭଗବାନ, ଦୟାକରି କୁହନ୍ତୁ ସଂସାରରେ ପ୍ରମାଦରେ ପଡିବା କଥା ଜାଣିବା କିପରି? ଭଗବାନ୍ ବୁଦ୍ଧ କହିଲେ, ଅପେକ୍ଷା କର ଯଥା ସମୟରେ ଉତ୍ତର ମିଳିବ। ତା'ପରଦିନ କୁଣ୍ଡିଆ ନଗରବାସୀ କୋଳିୟପୁତ୍ରୀ ସୁପ୍ରବାସୀଙ୍କ ଗୃହରେ ଭୋଜିର ବ୍ୟବସ୍ଥା ହୋଇଥିଲା। ବୁଦ୍ଧଙ୍କ କରୁଣାରୁ ସୁପ୍ରବାସୀ ଏକ ପୁତ୍ର ସନ୍ତାନ ପ୍ରାପ୍ତି କରିଥିଲେ। ବୁଦ୍ଧ ସୁପ୍ରବାସୀଙ୍କୁ ପ୍ରଶ୍ନକଲେ, 'କନ୍ୟା' ସୁପ୍ରବାସୀ! କୁହତ, ତୁମେ ଆଉ କେତେ ପୁତ୍ର କାମନା କରୁଛ? ସୁପ୍ରବାସୀ ଉତ୍ତର ଦେଲେ, ପ୍ରଭୁ ମୋର ଆଉ ସାତଟି ପୁତ୍ର ଜାତ ହେଲେ ଭଲ ହୁଅନ୍ତା। ନିକଟରେ ସଂଗ୍ରାମ ଭିକ୍ଷୁ ଉପବେଶନ କରିଥିଲେ। ଭଗବାନ୍ କହିଲେ, ଦେଖ ଭିକ୍ଷୁ। କାଲିଯାଏଁ ଯିଏ ପ୍ରସବ ପୀଡାରେ କଷ୍ଟ ପାଇ ବ୍ୟାକୁଳ ହେଉଥିଲା, ଆଜି ପୁଣି ସାତପୁତ୍ର କାମନା କରୁଛି। ଏହା ଶ୍ରବଣ କରି ଭିକ୍ଷୁ ସଂଗ୍ରାମ ଆଶ୍ଚର୍ଯ୍ୟ ହୋଇ ବୁଦ୍ଧଦେବଙ୍କ ଆଡକୁ ଚାହିଁଲେ। ବୁଦ୍ଧ ପୁନଶ୍ଚ ହସିକରି କହିଲେ, ଭିକ୍ଷୁ ମନୁଷ୍ୟର କାମନା ପ୍ରତ୍ୟହ ପୂର୍ଣ୍ଣ-ଅପୂର୍ଣ୍ଣ ହେବାର ହେଲେ ବି, ସେ ନୂତନ କାମନାର ମୋହରୁ ମୁକ୍ତ ହୁଏନାହିଁ। ଏହାହିଁ ପ୍ରମାଦୀର ଲକ୍ଷଣ।

ସେହିପରି ଆଉଦିନେ ଭଗବାନ ବୁଦ୍ଧ ଶିଷ୍ୟମାନଙ୍କ ଗହଣରେ ବସିଥିଲେ। ତାଙ୍କୁ ସାକ୍ଷାତ କରିବା ପାଇଁ ଲୋକମାନଙ୍କର ଧାଡି ଲାଗିଥିଲା। ପ୍ରତ୍ୟେକ ଭଗବାନ ବୁଦ୍ଧଙ୍କୁ କିଛି ନା କିଛି ଉପହାର ଦେଉଥିଲେ। ଦାନ ଦେଉଥିବା ଜନତାମାନଙ୍କ ମଧ୍ୟରେ ଅନେକ ବିତ୍ତଶାଳୀ ଥିଲେ। ମହାତ୍ମା ବୁଦ୍ଧ ଯେଉଁମାନଙ୍କର ଚଉଟି ଗ୍ରହଣ କରୁଥିଲେ, ସେମାନଙ୍କୁ ନିଜର ଡାହାଣ ହାତ ଆଶୀର୍ବାଦ ମୁଦ୍ରାରେ ଉଠାଇ ଦେଇ ଆଶୀର୍ବାଦ ଦେଉଥିଲେ। ସେହି ଲୋକମାନଙ୍କ ଧାଡିରେ ଏକ ବୃଦ୍ଧା ଠିଆ ହୋଇଥିଲା। ସେ ସବା ପଛରେ ହିଁ ଧାଡିରେ ମହାତ୍ମାଙ୍କର ଦର୍ଶନ ପାଇଁ ଅପେକ୍ଷା କରିଥିଲା। ଯେତେବେଳେ ସମସ୍ତେ ଭେଟି ଦେଇସାରିଥିଲେ, ବୃଦ୍ଧା ସଙ୍କୋଚ କରି ମହାତ୍ମା ବୁଦ୍ଧଙ୍କ ପାଖରେ ପହଞ୍ଚି କହିଲା- ଭଗବାନ ମୁଁ ଅତ୍ୟନ୍ତ ଦରିଦ୍ର୍ୟ। ଆଜି ଗୋଟିଏ ଆମ୍ବ ଗଛରୁ ଖସିପଡିଥିବା ଆମ୍ବଟିଏ ମୋତେ ମିଳିଅଛି। ମୁଁ ସେଥିରୁ ଅଧା ଖାଇ ଦେଇଥିବା ବେଳେ, ଆପଣ ନଗରରେ ବିଜେ କରୁଛନ୍ତି ବୋଲି ଖବର ପାଇଲି। ସେହି ଅଧାଖିଆ ଆମ୍ବଟି ତତ୍‌କାଳ ସାଇତି ରଖିଛି ଆପଣଙ୍କୁ ଭେଟି ଦେବି ବୋଲି। ଦୟାକରି ଏହାକୁ ଗ୍ରହଣ କରିବା ହେବେ। ତତ୍‌କ୍ଷଣ ଭଗବାନ ବୁଦ୍ଧ ଆସନରୁ ତଳକୁ ଓହ୍ଲାଇ ଆସି ଆମ୍ବଟିକୁ ନିଜର ଦୁଇହାତରେ ଗ୍ରହଣ କରିନେଲେ। ଉପସ୍ଥିତ ଶିଷ୍ୟମାନେ ପ୍ରଶ୍ନ କଲେ, ଭଗବାନ୍ ଆପଣ ଅନେକ ବହୁମୂଲ୍ୟ ଉପହାର କେବଳ ହାତ ଉଠାଇ ସ୍ୱୀକାର କରିଛନ୍ତି। ମାତ୍ର, ଏହି ବୃଦ୍ଧାଙ୍କ ଅଇଁଠା ଆମ୍ବକୁ ଗ୍ରହଣ କରିବା ପାଇଁ, ଆପଣ ଆସନରୁ ଓହ୍ଲାଇ ଆସି ଦୁଇ ହାତରେ ଗ୍ରହଣ କଲେ। ଏଥିରେ କ'ଣ ଏମିତି କିଛି ବିଶେଷତା ଥିଲା? ମହାତ୍ମା ବୁଦ୍ଧ ମୁରୁକି ହସି ଉତ୍ତର ଦେଲେ 'ଶିଷ୍ୟଗଣ! ଏଇ ବୃଦ୍ଧା ଆଜି ନିଜର ସମସ୍ତ ପୁଞ୍ଜି ମୋତେ ଦାନ କଲେ। ଅନ୍ୟମାନେ ଯାହା ଦାନ କଲେ, ତାହା ସେମାନଙ୍କ ସମ୍ପତ୍ତିର ଏକ ସାମାନ୍ୟ ଅଂଶ ଥିଲା ଏବଂ ପ୍ରତିବଦଳରେ ଅହଂକାର ବି ସେମାନଙ୍କର ମନରେ ଜାତ ହେଉଥିଲା। ଏଇ ବୃଦ୍ଧା ମାତାଟି ମୋ ପ୍ରତି ଅତୁଳନୀୟ ଶ୍ରଦ୍ଧା, ବିଶ୍ୱାସ ଓ ପ୍ରେମ ସହକାର, ତାଙ୍କ ନିକଟରେ ଯାହାବି କିଛିଥିଲା, ମୋତେ ଅର୍ପଣ କରିଦେଲେ, ତଥାପି ତାଙ୍କ ମୁଖ ମଣ୍ଡଳରେ କେତେ ଶାଳୀନତା ଓ ବିନମ୍ରତା ରହିଅଛି ଦେଖ। ଦାନ ପଛର ଭାବ ହିଁ ଜଣାଇଦିଏ ଦାନ କେତେ ମୂଲ୍ୟବାନ।

ଆଉଥରେ ଭଗବାନ ବୁଦ୍ଧ ନିଜ ଜୀବନ କାଳରେ ଜୀବନର ସ୍ୱରୂପ କିପରି ତାହା ନିଜର ଭିକ୍ଷୁମାନଙ୍କୁ ବୁଝାଉଥିଲେ। ତାଙ୍କ ହାତରେ ସେ ଗୋଟିଏ ଧଳା ରୁମାଲ ଥିଲା। ଯାହାକୁ ସେ ଭିକ୍ଷୁମାନଙ୍କ ସମ୍ମୁଖରେ ହଲାଇଲେ। ପୁଣି ସେ ରୁମାଲରେ କିଛି ଗଣ୍ଠି ପକାଇଦେଲେ। ଏହାପରେ ସେ ପଚାରିଲେ, ଭିକ୍ଷୁଗଣ, ଏବେ କୁହତ, ରୁମାଲର ଗଣ୍ଠି ଖୋଲିବା ପାଇଁ ମୋତେ କ'ଣ କରିବାକୁ ହେବ। ପୁନଶ୍ଚ କୁହତ' ଏହି ଗଣ୍ଠି ପଡିଥିବା ରୁମାଲ, ପୂର୍ବ ଗଣ୍ଠି ନପଡିଥିବା ରୁମାଲ ଭଳି ନା ତା'ଠାରୁ ଭିନ୍ନ। ଭିକ୍ଷୁ ରେବତ ଉତ୍ତର ଦେଲେ 'ପ୍ରଭୁ' ଗୋଟିଏ ଅର୍ଥରେ ଏହି ରୁମାଲ ପ୍ରଥମ ଭଳି ଅଟେ, ଗଣ୍ଠି ଯଦିଓ ପଡିଛି, ତାହା ସତ୍ତ୍ୱେ ଏହା ପ୍ରଥମ ରୁମାଲ ଅଟେ। କିନ୍ତୁ ଭିନ୍ନ ଅର୍ଥରେ, ଏଥିରେ ଗଣ୍ଠି ଅଛି। ମୂଳ ରୁମାଲରେ ଗଣ୍ଠି ନଥିଲା। ଏହାପରେ ବୁଦ୍ଧ କହିଲେ 'ଏହା ହେଉଛି ମାନବ ଜୀବନର ସ୍ଥିତି। ଗଭୀର ତଳରେ ସେଥିରେ ସଦାବେଳେ ଭଗବତ୍ତା ପ୍ରଭାବିତ ହେଉଛି। ଯଦିଓ ଉପର ସ୍ତରରେ ସେଥିରେ ସଂସାର ଓ କର୍ମର ଗଣ୍ଠି ଲଗାଯାଇଛି। ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ ଲବକୁତ୍ରକ କହିଲେ, ରୁମାଲର ଗଣ୍ଠି ଖୋଲିବାକୁ ହେଲେ ଏହାର ବିପରୀତ କ୍ରିୟା କରିବାକୁ ହେବ। ବୁଦ୍ଧ କହିଲେ - ତୁମେ ଠିକ୍ କଥା କହିଛ। ଜୀବନରୁ ସଂସ୍କାର ଓ କର୍ମର ଗଣ୍ଠି ଖୋଲିବାକୁ ହେଲେ, ଅନାସକ୍ତି ହିଁ ହେବ ପ୍ରକୃତ ପ୍ରକ୍ରିୟା।

*ଲିଙ୍ଗରାଜ ବିହାର,*
*ଭୁବନେଶ୍ୱର, ଓଡ଼ିଶା*

# ମଲେ ଭତ୍ତା ମିଳ୍‌ବା କାଏଁ ?

**ସୁବର୍ଣ୍ଣପୁର :** ଆମର ବୁଢ଼ାବୁଢ଼ୀ ମାନ୍‌କର ଲାଗି ସରକାର କେତେ କାଣା କରୁଛନ୍। ବୁଢ଼ାବୁଢ଼ୀ ଉତ୍ତାନୁ ମୁଲ୍‌କରି ସେମାନ୍‌କୁ ମାହାଲିଆ (ମାଗଣାରେ) ତୀର୍ଥ କରେଇ ନେଉଛନ୍। ହେଲେ ଆମେ ଆଏଜ୍ ତକ୍ ବୁଢ଼ାବୁଢ଼ୀ ଭତ୍ତା ଲାଗି ସରକାରୀ ବାବୁମାନଙ୍କୁ କହି କହି ଥକି ଗଲୁଁନ। ହେଲେ ଆମର ଭତ୍ତା ଟିକେ କେହି ନାହିଁ କରେଇ ଦେବାର। ଆମେ ସଭେ ମଲେ ଭତ୍ତା ମିଳ୍‌ବା କାଏଁ... ? ଏହା ଥିଲା ଆମ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକର ଉପାନ୍ତ ଅଞ୍ଚଳ ଏସ୍. ପତ୍ରାପାଲି ଗ୍ରାମ ପଞ୍ଚାୟତର ଗିନ୍ଦିଲ ଆମାଲ ଗାଁରେ ରହୁଥିବା ବୃଦ୍ଧବୃଦ୍ଧାଙ୍କ ମନର କୋହ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୃଦ୍ଧବୃଦ୍ଧାଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ଯୋଜନା ପରେ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏହାକୁ ବାସ୍ତବ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକାରୀ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସେସବୁ ଯୋଜନା ଆଜିବି ଗିନ୍ଦିଲିଆମାଲରେ ରହୁଥିବା ଏହି ବୃଦ୍ଧବୃଦ୍ଧାମାନଙ୍କ ନିକଟରେ ଅପହଞ୍ଚ। ଏବେବି ଗାଁର ମେନସନ କାଙ୍ଗାରୀ, ପ୍ୟାରୀ ଭୂୟାଁ, ମାରସେଲ ଜର୍ଜ, ଚେରଡିଆ ଭେଙ୍ଗ୍ରା, ସଲିମ ଜେଜୋ, ପ୍ୟାରୀ ଜେଜୋ, ଡିଭତିର ଭୂୟାଁ, ମାରଚିନ ଟପୋ, ହରବେଦନ ଗୁଡିଆ, ସୁଦୁଲି ଭେଙ୍ଗା, ସାଉ ଭେଙ୍ଗ୍ରାଙ୍କ ଭଳି ଗାଁର ୧୧ଜଣ ଆଦିବାସୀ ଶ୍ରେଣୀର ବୃଦ୍ଧବୃଦ୍ଧା ଆଜିବି ସାମାନ୍ୟ ବାର୍ଦ୍ଧକ୍ୟଭତ୍ତା ଟିକିଏ ପାଇଁ ବାରଦୁଆର ହେଉଛନ୍ତି। ଏପରିକି ଏମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନେ ଅଭିଯୋଗ କରିଛନ୍ତି। ଗୋଟିଏପଟେ ସରକାର ପେଟରେ ପିଲା ରହିବା ଦିନଠାରୁ ଶ୍ମଶାନକୁ ଯିବା ପର୍ଯ୍ୟନ୍ତ ଯୋଜନା ପରେ ଯୋଜନା ପ୍ରସ୍ତୁତ କରି କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଏହିସବୁ ଯୋଜନାରୁ ଗୋଟେବି ଯୋଜନାର ଆଲୋକ ପହଞ୍ଚି ପାରିନାହିଁ ଏହି ଅସହାୟ ବୃଦ୍ଧବୃଦ୍ଧାଙ୍କ ପାଖରେ। ଅନ୍ୟପକ୍ଷରେ କୋଠାବାଡି, ଗାଡିମୋଟର ଥିବା ବ୍ୟକ୍ତିମାନେ ଏଭଳି ଯୋଜନାରେ ଆଗତୁରା ସାମିଲ ହୋଇ ପାରୁଥିବା ବେଳେ ଗିନ୍ଦିଲ ଆମାଲ ଗାଁର ଏହି ଅସହାୟମାନେ ଏଭଳି ଯୋଜନାରେ ସାମିଲ ପାଇଁ ଜୀବନର ଶେଷ ସମୟରେ ସଂଘର୍ଷ କରିବା ଯୋଜନାର କାର୍ଯ୍ୟକାରୀ କରୁଥିବା ସରକାରୀ ବାବୁମାନଙ୍କ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ନୁହେଁ କି ? ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# 'ପାଠ ଭଳି ଖେଳ ମଧ୍ୟ ଗୁରୁତ୍ୱପୂର୍ଣ୍ଣ'




**ଭୁବନେଶ୍ୱର :** ଆମ ବସ୍ତିରେ ପାଦ ପକାଇବାକୁ ଜାଗା ନାହିଁ ଖେଳ ପଡ଼ିଆ ଆସିବ କେଉଁଠୁ ଯେ ଆମ୍ଭେମାନେ ଖେଳିବୁ? ରାସ୍ତା ଉପରେ ଖେଳୁଛୁ । ଭୟ ମଧ୍ୟ ଲାଗୁଛି । ଗାଡିମଟର ଯା ଆସ କରୁଛି । ଏଥିଲା ସାଇନସ୍ ପାର୍କ ବସ୍ତିର ଶିଶୁ କ୍ଲବର ପିଲାମାନଙ୍କର କ୍ଷୋଭ । ଏହିପରି ଡୁୟୁଘୁଟୁ ବସ୍ତିରେ ଖେଳ ପଡିଆ ନାହିଁ । ଯେଉଁ ସ୍ଥାନଟିରେ ପିଲାମାନେ କ୍ରିକେଟ୍, ଫୁଟବଲ, ବାଟି, ଦଉଡିଡିଆଁ ଟିକେ ଖେଳୁଥିଲେ ସେ ସ୍ଥାନଟି ଅପରିଷ୍କାର ଅବସ୍ଥାରେ ପଡିଛି । ନଖେଳିବା ଦ୍ୱାରା ଆମ ମୁଣ୍ଡ ଜାମ୍ ହେଉଛି ଭାରି ଟେନ୍‌ସନ୍ ଲାଗୁଛି ବୋଲି ଡୁୟୁଘୁଟୁ ଶିଶୁ ସଂଘର ପିଲାମାନେ ଏକଥା କହିଛନ୍ତି । ଏହିପରି ନିଳାଦ୍ରୀ ବିହାର ବସ୍ତିରେ ଖେଳ ପଡିଆ ନାହିଁ । ପିଲାମାନେ ଖେଳିବା ପାଇଁ ସୁଯୋଗ ପାଉ ନାହାଁନ୍ତି । ପଥର ବନ୍ଧ ବସ୍ତିର ଶିଶୁମାନେ ଖେଳ ପଡିଆ ଅଭାବରୁ ବସ୍ତିକୁ ଯାଇଥିବା ରାସ୍ତା ଉପରେ ଖେଳୁଛନ୍ତି । କିଏ କିଏ ମୋବାଇଲ୍‌ରେ ଖେଳ ଖେଳୁଛନ୍ତି । ଏହିପରି ଶିଖରଚଣ୍ଡି ବସ୍ତିରେ ଖେଳପଡିଆ ଅଭାବରୁ ପିଲମାନେ ଶୈଶବକୁ ଠିକ୍ ଭାବରେ ଉପଭୋଗ କରିପାରୁ ନାହାଁନ୍ତି ବୋଲି ଅଭିଯୋଗ ବାଢିଛନ୍ତି । ଏହିପରି ବସ୍ତିର କିଛି ପୁରୁଖା ଲୋକମାନଙ୍କୁ ଖେଳ ବିଷୟରେ ପଚରାଯାଉଥିଲା । ସମସ୍ତଙ୍କର ଗୋଟିଏ ମତ ଯେ ଖେଳପଡିଆ ନାହିଁ । ପିଲମାନଙ୍କ କଥାକୁ କିଏ ବୁଝୁଛି ଯେ ଆମ୍ଭମାନଙ୍କର ପିଲାମାନେ ଖେଳିବେ । ଘର ଭିତରେ, ରାସ୍ତା ଉପରେ ଯାଇ କିଛି ଖେଳୁଛନ୍ତି ।

# ସୁନା ବନ୍ଧକ ନାଁରେ ଗ୍ରାହକଙ୍କୁ ଶୋଷଣ କରୁଛି ଆଇଆଇଏଫ୍‌ଏଲ୍ !

**ଖୋରଧା :** ନୂଆବସଷ୍ଟାଣ୍ଡ ନିକଟସ୍ଥ ଆନ୍ଧ୍ରାବ୍ୟାଙ୍କ ଉପର ମହଲାରେ ଶାଖା କାର୍ଯ୍ୟାଳୟ ଖୋଲି ସୁନା ବନ୍ଧକ ରଖି ଋଣ ନେବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଘରୋଇ ଅର୍ଥ ଲଗାଣ ସଂସ୍ଥା ଆଇ.ଆଇ.ଏଫ୍.ଏଲ୍ ଗ୍ରାହକମାନଙ୍କୁ ଶୋଷଣ କରୁଥିବାର ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ ପ୍ରଶାସନ ଉକ୍ତ ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରେ ଉକ୍ତ ସଂସ୍ଥା ଧିରେ ଧିରେ ତାର କାୟା ବିସ୍ତାର କରି ଚାଲିଛି। ଦିନ ଆସିବ ଚିଟ ଫଣ୍ଡ ସଂସ୍ଥା ଗୁଡ଼ିକ ପରି ହଠାତ୍ କାର୍ଯ୍ୟାଳୟ ବନ୍ଦ କରି ଏହି ସଂସ୍ଥା କେଉଁ ଆଡ଼େ ଚମ୍ପଟ ମାରିବ। ନିକଟରେ ଏହି ସଂସ୍ଥା ବିରୋଧରେ ଗ୍ରାହକଙ୍କୁ ହଇରାଣ ହରକତ ଏବଂ ଠକେଇ ସମ୍ପର୍କରେ ଖୋରଧାରେ କାର୍ଯ୍ୟରତ କେତେକ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ପାଖରେ ଖବର ପହଞ୍ଚିବା ପରେ ଏହାର ସତ୍ୟା ସତ୍ୟ ଜାଣିବା ନିମନ୍ତେ ଆଇ.ଆଇ.ଏଫ.ଏଲ୍ ସଂସ୍ଥାର ଶାଖା ପରିଚାଳକଙ୍କ ମତାମତ ନେବାକୁ ଯାଇଥିବା ସମୟରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କ କୌଣସି ପ୍ରଶ୍ନର ସନ୍ତୋଷ ଜନକ ଉତ୍ତର ଶାଖା ପରିଚାଳକ ଦେଇ ପାରି ନଥିଲେ ଏବଂ ଗଣ ମାଧ୍ୟମର ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ସେଠାରେ କାର୍ଯ୍ୟରତ ସୁରକ୍ଷା କର୍ମୀ ନିର୍ଦ୍ଦେଶ ଦେଇଥିଲେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗଳା ଧକ୍କା ଦେଇ ବାହାର କରିଦେବାକୁ। ଫଳରେ ସେଠାରେ ଏକ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରୁ ଗଣମାଧ୍ୟମର ପ୍ରତିନିଧିମାନେ ଚାଲିଆସି ଖୋରଧା ଟାଉନ ଥାନା ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଉକ୍ତ ସଂସ୍ଥାର ଶାଖା ପରିଚାଳକ ଏବଂ ଆକାଉଣ୍ଟାଣ୍ଟଙ୍କ ନାମରେ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବରଂ ଅହେତୁକ ଅନୁକମ୍ପା ପଦର୍ଶନ କରାଯାଇଛି। ଯାହା ଫଳରେ ଏହାର ସୁଯୋଗ ନେଇ ଉକ୍ତ ଠକ ସଂସ୍ଥା ଗ୍ରାହକଙ୍କୁ ଶୋଷଣ କରିବାରେ ଲାଗିପଡ଼ିଛନ୍ତି। ନିକଟରେ ଜଣେ ଗ୍ରାହକଙ୍କ ବନ୍ଧକ ସୁନାକୁ ବିନା କୌଣସି ସୂଚନାରେ ନିଲାମ କରି ଦିଆଯାଇଛି। ନିଜ ବନ୍ଧକ ସୁନା ଫେରି ନ ପାଇ ତା.୧୯.୦୩.୨୦୧୮ରିଖ ଦିନ ଆଇ.ଆଇ.ଏଫ.ଏଲ ଶାଖାର ପରିଚାଳକଙ୍କୁ ମାଡ଼ ମାରି ଘୋଷାଡ଼ି ଘୋଷାଡ଼ି ଖୋରଧା ଟାଉନ ଥାନାକୁ ନେଇଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ କେତେକ ଗଣମାଧ୍ୟମର ପ୍ରତିନିଧି ଖୋରଧା ଟାଉନ ଥାନାରେ ଯାଇ ଆଇ.ଆଇ.ସି ଏବଂ ସେଦିନ ଦାୟିତ୍ୱରେ ଥିବା ଡ଼ି.ସି.ଓଙ୍କୁ ପଚାରିବାରୁ ସେମିତି କିଛି ଘଟଣା ଘଟି ନଥିବା ଏବଂ ଥାନାରେ କିଛି ଅଭିଯୋଗ ହୋଇନଥିବା ପ୍ରକାଶ କରିଥିଲେ। କିନ୍ତୁ ଥାନା ଭିତରେ ଦେଖିବାକୁ ମିଳିଥିଲା କେତେକ ମଧ୍ୟସ୍ଥିଙ୍କ ମାଧ୍ୟମରେ ଘଟଣାଟିର ରଫା ଦଫା କରିବାକୁ ଉଦ୍ୟମ ଚାଲିଛି ଏବଂ ଏଥିରେ କେତେକ ପୋଲିସ୍ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଅଛନ୍ତି। ଏ ସମ୍ପର୍କରେ ବିଦ୍ଧିବଦ୍ଧ ଭାବରେ ତଦନ୍ତ କରାଯାଇ ଉକ୍ତ ସଂସ୍ଥା ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ



**ଖୋରଧା :** ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏ.ସି.ଏଫ୍. ଦିଲ୍ଲୀପ କୁମାର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଚିଲିକାର ବନଖଣ୍ଡ ଅଧିକାରୀ ତଥା ଖୋରଧାର ଭାରାପ୍ରାପ୍ତ ବନଖଣ୍ଡ ଅଧିକାରୀ ବିକାଶ ରଂଜନ ଦାଶ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ସୁଧାକର ମହାପାତ୍ର ଓ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ବନିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଙ୍ଗଲ ଲୋପ ପାଇବା ଯୋଗୁଁ ମଣିଷ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛି ତାର କାରଣମାନ ଉଲ୍ଲେଖ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଖୋରଧା ବନାଞ୍ଚଳ ଅଧିକାରୀ ଉତ୍ତମ ଗଡ଼ନାୟକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ ଜଗଦ୍ଦେବ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫୋକସ୍‌ରେ ...

ବ୍ୟୟ ଭଳି ଆଖିଦୃଶିଆ ଘୋଷଣା କରିଛନ୍ତି। ବଜେଟ୍‌ରେ କୌଣସି ନୂଆ ଟିକସ ନଥିବାବେଳେ ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଅର୍ଥବରାଦ କରି ଗ୍ରାମାଞ୍ଚଳର ଭିତ୍ତିଭୂମିକୁ ସୁଧାରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବଜେଟ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇ କହିଛନ୍ତି ଯେ, ୨୦୧୮-୧୯ ବର୍ଷ ପାଇଁ ୧ଲକ୍ଷ ୨୦ହଜାର ୨୮ କୋଟି ଟଙ୍କାର ବ୍ୟୟ ଅଟକଳକୁ ରାଜ୍ୟ ସରକାର ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ ୧ଲକ୍ଷ ୨୦୦କୋଟି ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ ପ୍ରାପ୍ତିରୁ ୧୯ହଜାର ୬୭୮କୋଟି ଟଙ୍କା ମାଧ୍ୟମରେ ଭରଣା କରିବେ। ଏଥି ମଧ୍ୟରେ ୧୫,୪୬୦ କୋଟି ଟଙ୍କା ଋଣ ଆହରଣ କରିବେ ବୋଲି ସୂଚନା ଦେଇଛନ୍ତି। ବିତ୍ତୀୟ ନିଅଣ୍ଟକୁ ରାଜ୍ୟ ଜିଡିପିର ୩.୫ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଥିବାବେଳେ ରାଜସ୍ୱ ବଳକା ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି)ର ୨.୨୫% ରହିବ। ରାଜ୍ୟ ସରକାର ୨୦୧୯ ସୁଦ୍ଧା ସମସ୍ତ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ଥିବାବେଳେ ୨୦୧୮ ଡିସେମ୍ବର ସୁଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୨୦ଲକ୍ଷ ପକ୍କାଘର ନିର୍ମାଣ କରିବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା ମାଧ୍ୟମରେ ୩ହଜାର ୫୯୨କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସେହିପରି ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ୧ହଜାର କୋଟି, ସହରାଞ୍ଚଳରେ ୩୫୦କୋଟି ଟଙ୍କାର ବରାଦ କରିଥିବାବେଳେ ୮ଟି ଖଣି ଜିଲ୍ଲାରେ ୩ହଜାର କୋଟି ଟଙ୍କା ବ୍ୟୟ କରିବେ। ୨୦୧୮ ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ବିଦ୍ୟୁତ୍ ଯୋଗାଣର ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ୫୬୦କୋଟି ଟଙ୍କା ଓ ପ୍ରତି ଗରିବ ପରିବାରକୁ ମାଗଣାରେ ୪ଟି ଏଲ୍‌ଇଡି ବଲ୍‌ବ ପ୍ରଦାନ କରିବାକୁ ୧୨୫କୋଟି ଟଙ୍କା ବ୍ୟୟ କରିବେ। ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ସୁଧାର ପାଇଁ ୫୩୦କୋଟି ଟଙ୍କାର ବରାଦ କରିଛନ୍ତି। ଗ୍ରାମାଞ୍ଚଳକୁ ରାସ୍ତା ସଂଯୋଗ ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ୨୯୦୦କୋଟି ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪୦୦କୋଟି ଟଙ୍କା ବରାଦ ହୋଇଛି। ବିଜୁ ସେତୁ ଯୋଜନାରେ ୬୦୦କୋଟି ଟଙ୍କା ବରାଦ ହୋଇଥିବାବେଳେ କେବିକେ ଜିଲ୍ଲାରେ ରାସ୍ତାଘାଟର ଉନ୍ନତି ପାଇଁ ୧୨୫କୋଟି ଟଙ୍କା ବରାଦ କରିଛନ୍ତି। ନକ୍ସଲ ଉପଦ୍ରୁତ ୧୪୨ଟି ବିଚ୍ଛିନ୍ନ ଗାଁକୁ ରାସ୍ତା ସଂଯୋଗ ପାଇଁ ୧୦୦କୋଟି, ଗାଁ ଲୋକଙ୍କ ଭିତ୍ତିଭୂମି ଆବଶ୍ୟକତା ପୂରଣ ପାଇଁ ଆମ ଗାଁ ଆମ ବିକାଶ ଯୋଜନାରେ ୧୨୫୦କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମାଞ୍ଚଳରେ ଶୌଚାଳୟ ନିର୍ମାଣ ପାଇଁ ୧ହଜାର କୋଟି ଓ ସହରାଞ୍ଚଳରେ ୨୦୦କୋଟି ଟଙ୍କାର ବରାଦ ହୋଇଛି।ସେହିପରି ଗାଁର ଗରିବ ଲୋକ ଜୀବନଧାରଣ ମନରେ ଉନ୍ନତି କରିବା ପାଇଁ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନାରେ ୪୦୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଗ୍ରାମାଞ୍ଚଳରେ ସହରୀ ସୁବିଧା ନିମନ୍ତେ ରୁର୍ବାନ ମିଶନରେ ୧୦୦କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସେହିପରି ଗ୍ରାମାଞ୍ଚଳ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବାକୁ ମନରେଗା ଯୋଜନାରେ ୧୨୮୩ କୋଟି ଟଙ୍କା ବରାଦ କରିଛନ୍ତି। ଏସବୁ ବ୍ୟତୀତ ୨୦୧୮-୧୯ ଆର୍ଥିକ ବର୍ଷରେ ୨ଲକ୍ଷ ୫୦ହଜାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ, ବୈଷୟିକ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ୨୮୦କୋଟି, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ବାବଦରେ ୧୩୭୫କୋଟି, ସ୍କୁଲ ସ୍ଥାପନ ଓ ପରିଚାଳନା ପାଇଁ ୨୫୦କୋଟି, ନିରାମୟ ଯୋଜନାରେ ମାଗଣା ଔଷଧ ପାଇଁ ୩୦୪କୋଟି, ବସ୍ତିବାସିନ୍ଦାଙ୍କ ପାଇଁ ୨୫ହଜାର ବାସଗୃହ ନିର୍ମାଣ ପାଇଁ ୪୦୦କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା କାର୍ଯ୍ୟକାରୀ ହୋଇନଥିବାରୁ ମମତା ଯୋଜନାରେ ୨ଟି ପିଲା ଜନ୍ମ ପାଇଁ ସହାୟତା ନିମନ୍ତେ ୧୫୫ କୋଟି, ଦିବ୍ୟାଙ୍ଗଙ୍କ ସାମାଜିକ ନିରାପତ୍ତା ପାଇଁ ୮୬୩କୋଟି ଟଙ୍କା, ଖାଦ୍ୟ ନିରାପତ୍ତା ଯୋଜନାରେ ୯୦୨କୋଟି ଟଙ୍କାର ପ୍ରାବଧାନ ହୋଇଛି। ଏସବୁ ବ୍ୟତୀତ ଭୁବନେଶ୍ୱର ଓ ରାଉରକେଲା 'ସ୍ମାଟ ସିଟି ମିଶନ'କୁ ୪୦୦କୋଟି ଟଙ୍କା, ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତା ନିମନ୍ତେ ଭୁବନେଶ୍ୱରରେ ପରିବହନ ବ୍ୟବସ୍ଥାର ସୁଧାର ନିମନ୍ତେ ୧୨୫କୋଟି, ଏୟାରଷ୍ଟ୍ରିପ୍ ଗୁଡ଼ିକ ବିକାଶ ପାଇଁ ୧୦୦କୋଟି ଟଙ୍କା, ବାଲୁକା କଳା ସଂଗ୍ରହାଳୟ ନିମନ୍ତେ ୨କୋଟି ଟଙ୍କା, ପର୍ଯ୍ୟଟନର ବିକାଶ ପାଇଁ ୨୧୩କୋଟି ଟଙ୍କା, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ୧ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୫୦ହଜାର ହିତାଧିକାରୀଙ୍କୁ ମାସିକ ୧୨୦୦ଟଙ୍କା ଭତ୍ତା ପ୍ରଦାନ ନିମନ୍ତେ ୬୦କୋଟି ଟଙ୍କା, ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ୨୯କୋଟି ଓ ବିପର୍ଯ୍ୟୟ ପ୍ରଶମନ ପାଇଁ ୨୦୯୦କୋଟି ଟଙ୍କାର ବ୍ୟୟବରାଦ ହୋଇଛି।

### ବିଜୁଳି ଦର ...

ଏଥିସହିତ ନୂଆ ବିଦ୍ୟୁତ ସଂଯୋଗ ନେବାକୁ ମଧ୍ୟ ଉତ୍ସାହିତ କରାଯାଇଛି। ୫ କିଲୋୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ନେବାକୁ ଆବେଦନକାରୀଙ୍କୁ ଏଥର କୌଣସି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ବିଦ୍ୟୁତ ବିତରଣକାରୀ ସଂସ୍ଥା ସମସ୍ତ ଖର୍ଚ୍ଚ ନିଜ ତରଫରୁ ବହନ କରିବେ। ଏହା ଫଳରେ ଆପାର୍ଟମେଣ୍ଟ ବାସିନ୍ଦା ଓ ଘରୋଇ ସଂସ୍ଥା ଉପକୃତ ହେବେ। ସେହିପରି ଯେଉଁ ଗ୍ରାହକମାନେ ୧୧ ମାସରେ ନିୟମିତ ଦେୟ ଭରଣା କରିଥିବେ, ସେମାନଙ୍କୁ ଶେଷ ମାସରେ ଦୁଇଗୁଣା ରିହାତି ମିଳିବ ବୋଲି ଓଇଆର୍‌ସି ନିଷ୍ପତ୍ତି ନେଇଛି। ଗ୍ରୀଡ୍‌କୋକୁ କେନ୍ଦ୍ରୀୟ ସଂସ୍ଥା ବ୍ୟତୀତ ଅନ୍ୟ ଘରୋଇ ସଂସ୍ଥା ଠାରୁ ବିଦ୍ୟୁତ କ୍ରୟ କରିବାକୁ ମଧ୍ୟ ସୁଯୋଗ ମିଳିଛି। ଓଡ଼ିଶାର ବାର୍ଷିକ ବିଦ୍ୟୁତ ଚାହିଦା ୨୬୦୦୦ ମିଲିଅନ୍ ୟୁନିଟ୍ ହୋଇଥିଲା ବେଳେ ପ୍ରାୟ ଗ୍ରୀଷ୍ମ ଋତୁରେ ଗ୍ରୀଡ୍‌କୋ ଏନ୍‌ଟିପିସି ଓ ଏନ୍‌ଏଚ୍‌ପିସି ଠାରୁ ୟୁନିଟ୍ ପିଛା ୨ଟଙ୍କାରୁ ଉର୍ଦ୍ଧ୍ୱ ଦରରେ ବିଦ୍ୟୁତ କ୍ରୟ କରିଥାଏ। ମାତ୍ର ଚଳିତ ବର୍ଷ ଠାରୁ ଗ୍ରୀଡ୍‌କୋ ଇଣ୍ଡିପେଣ୍ଡେଣ୍ଟ ପାୱାର୍ ପ୍ରଡ୍ୟୁସର୍ (ଆଇପିପି) ଠାରୁ ଜଳ ବିଦ୍ୟୁତ କ୍ରୟ କରିପାରିବ ବୋଲି ଓଇଆର୍‌ସି ଅନୁମତି ଦେଇଛି। ସେହିପରି ବିଭିନ୍ନ ବିତରଣକାରୀ ସଂସ୍ଥା ପ୍ରଦାନ କରିଥିବା ନିଜର ବକେୟା ଦେୟ ୧୧,୨୬୫ କୋଟି ଟଙ୍କାକୁ ଓଇଆର୍‌ସି ଗ୍ରହଣ କରିନାହିଁ। ବିତରଣକାରୀ ସଂସ୍ଥାର ବକେୟା ଦେୟ ୯୫୬୨ କୋଟି ଟଙ୍କାକୁ ଅନୁମୋଦନ ମିଳିଛି। ସେହିପରି ବିତରଣକାରୀ ସଂସ୍ଥା ବିଦ୍ୟୁତ୍ ବିତରଣଜନିତ କ୍ଷତି ୨୬.୩୨ ପ୍ରତିଶତ ଦର୍ଶାଇଥିବା ବେଳେ ଓଇଆର୍‌ସି କେବଳ ୨୧.୩୨ ପ୍ରତିଶତ କ୍ଷତିକୁ ଗ୍ରହଣ କରିଛନ୍ତି। ଓପିଟିସିଏଲ୍‌କୁ ଗ୍ରୀଡ୍‌କୋ ପ୍ରଦାନ କରୁଥିବା ଆଭରେଜ୍ ବଲ୍‌କ ସପ୍ଲାଇ ମୂଲ୍ୟରେ ମଧ୍ୟ ହ୍ରାସ କରାଯାଇଛି। ଗତବର୍ଷ ଗ୍ରୀଡ୍‌କୋ ଓପିଟିସିଏଲ୍‌କୁ ୟୁନିଟ୍ ପିଛା ୨୭୭.୨୧ ପଇସା ପ୍ରଦାନ କରୁଥିଲା ବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ଏହା ୨୭୬.୬୬ ପଇସା ରହିବ। ଓପିଟିଏସ୍‌ଏଲ୍‌କୁ ବିଦ୍ୟୁତ୍ ପରିବହନ ଦେୟ ବାବଦକୁ ସେସୁ, ୱେସ୍କୋ, ନେସ୍କୋ ଓ ସାଉଥ୍‌କୋ ଆଦି ବିତରଣକାରୀ ସଂସ୍ଥା ୟୁନିଟ୍ ପିଛା ୨୫ ପଇସା ଲେଖାଏ ଦେବାକୁ ସ୍ଥିର ହୋଇଛି।

### ନିଶାମୁକ୍ତ ...

ଗୁଜରାଟ ଓ ବିହାରର ଉଦାହରଣ ଦେଇ ଏହା କହିଛନ୍ତି। ନିଶାମୁକ୍ତି କରୁଥିବା ରାଜ୍ୟମାନେ ଯେଉଁ ରାଜସ୍ୱ କ୍ଷତି ସହିବେ, କେନ୍ଦ୍ର ସରକାର ଏହାର ୫୦ ଭାଗ ଅର୍ଥ ସହାୟତା ଆକାରରେ ଯୋଗାଇ ଦିଅନ୍ତୁ ବୋଲି ଶ୍ରୀ ନାୟକ ପ୍ରଧାନମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି। ଅବକାରୀ ରାଜ୍ୟ ସରକାରଙ୍କ ବିଷୟ। ତଥାପି ଦେଶରେ ଲୋକଙ୍କର ଶାନ୍ତି ତଥା ବିଶେଷ ଭାବରେ ଆଦିବାସୀ, ଦଳିତ ଓ ଗରିବ ପରିବାର ତଥା ମହିଳାଙ୍କର ସ୍ୱାର୍ଥ ରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ ଏପରି ପଦକ୍ଷେପ ଦେଶ ପାଇଁ ମଙ୍ଗଳକର ହେବ ବୋଲି ଶ୍ରୀ ନାୟକ କହିଛନ୍ତି।

### ବାର୍ଷିକ ମୁଣ୍ଡପିଛା ...

ବର୍ଷରେ ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୭୨,୭୮୦ଟଙ୍କା ଥିବାବେଳେ ୨୦୧୭-୧୮ରେ ଏହା ୬.୦୬ ପ୍ରତିଶତ ବୃଦ୍ଧି ପାଇ ୭୭,୧୯୩ ଟଙ୍କାରେ ପହଞ୍ଚିଛି। ତେବେ ବର୍ତ୍ତମାନ ଦରରେ ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୯୨,୭୨୭ ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସେହିପରି ୨୦୧୭-୧୮ରେ ରାଜ୍ୟ ଜିଡିପିର ବାସ୍ତବ ଅଭିବୃଦ୍ଧି ହାରରେ କୃଷି କ୍ଷେତ୍ରର ଭାଗିଦାରୀ ଗତବର୍ଷ ତୁଳନାରେ ୪.୭୦% ହ୍ରାସ ପାଇବ। ଗତବର୍ଷ ରାଜ୍ୟ ଜିଡିପିରେ କୃଷି କ୍ଷେତ୍ରର ଭାଗିଦାରୀ ୧୯.୬୫ ପ୍ରତିଶତ ରହିଥିଲା। କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ୨୦୧୭ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ୨୨ଟି ଜିଲ୍ଲାରେ ମୋଟ ୨୫୨ଟି ବୃହତ୍ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ହୋଇଛି। ଏଥିରେ ମୋଟ ୯୨,୭୮୮ କୋଟି ଟଙ୍କା ନିବେଶ ହୋଇଥିବାବେଳେ ୧.୧୮ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିପରି ରାଜ୍ୟ ଜିଡିପିରେ ସେବା କ୍ଷେତ୍ରର ଭାଗିଦାରୀ ୪୫ ପ୍ରତିଶତ ଥିବାବେଳେ ଶିଳ୍ପ କ୍ଷେତ୍ରର ଭାଗିଦାରୀ ୩୪.୮ ପ୍ରତିଶତ ଓ କୃଷି କ୍ଷେତ୍ରର ଭାଗିଦାରୀ ୧୫.୩% ରହିଛି। ରାଜ୍ୟରେ ଗତ ୩ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ମୋଟ ୧୧.୫୨ଲକ୍ଷ ପରିବାରକୁ ପକ୍କାଘର ଯୋଗାଇ ଦିଆଯାଇଥିବାବେଳେ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଗ୍ରାମାଞ୍ଚଳର ୩୩.୭୫ ଲକ୍ଷ ପରିବାରକୁ ଜୀବିକା ଯୋଗାଇ ଦିଆଯାଇଛି। ସେହିପରି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଓଡ଼ିଶା ଆଖିଦୃଶିଆ ସଫଳତା ହାସଲ କରିଛି। ଜାତୀୟସ୍ତରରେ ଦାରିଦ୍ର୍ୟ ହ୍ରାସ ହାର ୨.୧୮ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହାର ହାର ୩.୫% ରହିଛି। କେବଳ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହ୍ରାସ ହାର ୧୭.୭%ରୁ ୭.୦୧%କୁ ହ୍ରାସ ପାଇଛି। ରାଜ୍ୟରେ ସାକ୍ଷରତା ହାର ୭୨.୯ ପ୍ରତିଶତ ରହିଛି। ରାଜ୍ୟରେ ୨୦୦୦ରୁ ୨୦୧୭ ମସିହା ମଧ୍ୟରେ ମୋଟ ୧୫,୮୪୧ଟି ଗାଁକୁ ସବୁଦିନିଆ ରାସ୍ତା ସଂଯୋଗ କରାଯାଇଛି। ସେହିପରି ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଜାତୀୟ ହାର ତୁଳନାରେ ଅଧିକ ରହିଛି। ଓଡ଼ିଶାରେ ବେକାରୀ ହାର ୩.୮% ରହିଥିବାବେଳେ ଜାତୀୟ ହାର ୩.୭ ପ୍ରତିଶତ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

### ତଦନ୍ତ ହେଲେ ...

ଖାତା ନଂ- ୧୯୪, ପ୍ଲଟ୍ ନଂ- ୧୨୭୩ ଅମଣିଆ ସ୍ୱତ୍ୱ ସ୍ଥିତିବାନ ୪୫ ଡିସିମିଲିର ଜମି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ରହିଅଛି। କିନ୍ତୁ ବୋଦର ଗ୍ରାମର ଜନୈକ ବ୍ୟକ୍ତି ତଞ୍ଚକତା ପୂର୍ବକ ରାଜସ୍ୱ ବିଭାଗର ବନ୍ଦୋବସ୍ତରେ ପୂର୍ବ ହାଲ ପଟ୍ଟା ଓ ଶାବକ ପଟ୍ଟା ଉଭୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଉକ୍ତ ଜମିଥାଇ ପଟ୍ଟାର ମନ୍ତବ୍ୟ ନୋଟ୍‌ରେ ବେନିୟମ ଭାବେ ନିଜର ନାମ ଯୋଡିବାରେ ସଫଳ ହୋଇଛନ୍ତି। ଯାହା ଶାବକ ଖାତା ନଂ- ୪୧୬/୫୦ ସ୍ଥିତିବାନ ପ୍ଲଟ ନଂ- ୮୯୯, ୯୩୯,୯୫୮ ଅଟେ। ଫଳରେ ଜନୈକ ବ୍ୟକ୍ତି ଉକ୍ତ ଜମି ଉପରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ଜୋର ଜବରଦସ୍ତ ପୋଖରୀ ଖୋଳୁଛନ୍ତି। ଏହାଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ହଡପ ହେବା ସହିତ ସ୍ଥାନୀୟ ଜନସାଧାରଣଙ୍କ ଚଳପ୍ରଚଳରେ ମଧ୍ୟ ଘୋର ଅସୁବିଧା ସୃଷ୍ଟି କରୁଛି। ଏ ସଂପର୍କରେ ଅଭିଯୋଗକାରୀ ଶ୍ରୀ ସ୍ୱାଇଁ ସ୍ଥାନୀୟ ତହସିଲଦାରଙ୍କୁ ଗତ ୦୯.୦୩.୨୦୧୮ ଓ ଜିଲ୍ଲାପାଳ, କଟକ ଓ ଆରଡିସିଙ୍କୁ ଗତ ମାର୍ଚ୍ଚ ୧୭ ତାରିଖରେ ଲିଖିତ ଭାବେ ଜଣାଇ ଅଛନ୍ତି। ତେବେ ଶେଷ ସୂଚନା ଅନୁଯାୟୀ ସ୍ଥାନୀୟ ତହସିଲଦାର ଉକ୍ତ ଜମିକୁ ଶ୍ରୀମନ୍ଦିର ଖାତାକୁ ନ ନେଇ କେବଳ ପୋଖରୀ ଖୋଳା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

### ୪ରେ ପରବର୍ତ୍ତୀ ...

କାଉନସିଲ ସଦସ୍ୟ ରୁମ୍‌ରେ ତାଲା ପକାଇ ଦେଇଥିଲେ ବୋଲି ଆବେଦନକାରୀ ସତ୍ୟପାଠରେ ଦର୍ଶାଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଭିନିତ୍ ଶରଣ ଓ ବିଚାରପତି ଡକ୍ଟର ବିଆର ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରି ଆସନ୍ତା ୪ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ରାଜ୍ୟ ଆଇନ୍‌ଜୀବୀ ପରିଷଦ ଅଧ୍ୟକ୍ଷ ପଦବୀରୁ ମାନସ ମହାପାତ୍ର ଗତ ଜୁଲାଇ ୮ ତାରିଖରେ ସର୍ବସମ୍ମତିକ୍ରମେ ଭାବେ ଚିନ୍ମୟ ମହାନ୍ତିଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ପ୍ରସ୍ତାବକୁ ୨୨ଜଣ ସଦସ୍ୟ ସମର୍ଥନ କରିବା ପରେ ଶ୍ରୀ ମହାପାତ୍ର ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ। ଏହାପରେ ଜୁଲାଇ ୧୬ରେ ପୁନର୍ବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଯୋଗ ଦେଇଥିବା ସମସ୍ତ ସଦସ୍ୟ ପୂର୍ବ ବୈଠକର ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲେ। କିନ୍ତୁ ଇତ୍ୟବସରରେ ଆଡ୍‌ଭୋକେଟ୍ ଜେନେରାଲ ଅଧ୍ୟକ୍ଷ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଯାହାକି ଆଇନ ସମ୍ମତ ହୋଇନଥିବାରୁ କାଉନସିଲ ସଦସ୍ୟ ଆତ୍ମା ପ୍ରକାଶ ମହାନ୍ତି ଆଇନର ଆଶ୍ରୟ ନେଇଥିଲେ। ତାଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। ଏହାପରେ ଶ୍ରୀ ଚାନ୍ଦ ଆଉ ଏକ ମାମଲା ରୁଜୁ କଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଉଭୟ ମାମଲାର ଏକାଠି ଶୁଣାଣି ପାଇଁ ରଖିଲେ। ଉଲ୍ଲେଖଯୋଗ୍ୟ, ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ କରିବା ପାଇଁ ଆଡ୍‌ଭୋକେଟ୍ ଜେନେରାଲଙ୍କ ନିକଟରେ ବାର ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାପରେ ଏଜିଙ୍କ ପକ୍ଷରୁ ଜାନୁଆରୀ ୨୧ ତାରିଖରେ ନିର୍ବାଚନ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ନିର୍ବାଚନରେ ବିଶୃଙ୍ଖଳା ହେବା ଆଶଙ୍କା କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ନିର୍ବାଚନ ସମୟରେ ସିସିଟିଭି ବ୍ୟବସ୍ଥା, ହାଇକୋର୍ଟଙ୍କ ପକ୍ଷରୁ ଜଣେ ପର୍ଯ୍ୟବେକ୍ଷକ ନିଯୁକ୍ତ ପ୍ରଦାନ ସହ ନିର୍ବାଚନ ସମୟରେ ସୁରକ୍ଷା ଦେବା ପାଇଁ ପ୍ରାର୍ଥନା କରି ମାମଲା ରୁଜୁ କରିଥିଲେ। ଏଥିରେ ବାରର ସମସ୍ତ ସଦସ୍ୟ, ଆଡଭୋକେଟ ଜେନେରାଲ, ଗୃହ ବିଭାଗ ସଚିବ ଓ ବାର କାଉନସିଲ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହାପରେ ଆଉଜଣେ ସଦସ୍ୟ ଆତ୍ମାପ୍ରକାଶ ମହାନ୍ତି ନିର୍ବାଚନ କରିବାରେ ଏଜିଙ୍କ କୌଣସି ଆଇନଗତ କ୍ଷମତା ନାହିଁ ବୋଲି ଦର୍ଶାଇ ଆଉ ଏକ ମାମଲା ରୁଜୁ କରିଥିଲେ। ତେବେ ହାଇକୋର୍ଟ ଉଭୟ ମାମଲାର ଏକତ୍ର ଶୁଣାଣି କରି ନିର୍ବାଚନ ଉପରେ ସ୍ଥଗିତାଦେଶ ଜାରି କରି ସମସ୍ତ ବାର କାଉନସିଲ ସଦସ୍ୟଙ୍କୁ ନୋଟିସ ଜାରି କରିବା ସହ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ମାନସଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡକ୍ଟର ଅଶୋକ କୁମାର ମହାପାତ୍ର, ଜଗନ୍ନାଥ ପଟ୍ଟନାୟକ ଓ ଆତ୍ମା ପ୍ରକାଶଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜୟନ୍ତ ଦାସ, ପିତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ପର୍ଯ୍ୟଟନ ଋତୁ

ଆତିଥେୟତା

# ମମତା ଆଗରେ ସବୁ ମୂଲ୍ୟହୀନ

ଆସ ବୁଲିଯିବା

ଗୋଆ

ଉପସ୍ଥାପନା
ଜାହ୍ନବୀସୁତ

ମାପୁସାରେ ରହଣୀ ସମୟ ସରିଆସୁଥିଲା। ଭାବୁଥାଇ ପାରନ୍ତି ଯେ, ଗୋଆର ବିଭିନ୍ନ ସ୍ଥାନରେ ରହଣୀ ସମୟରେ ମୁଁ କ'ଣ କେବଳ ମନ୍ଦିର ବୁଲୁଛି ନା ଆଉ କିଛି ଦର୍ଶନୀୟ ସ୍ଥାନ ବି ଦେଖିଥିଲି। ଯେତେବେଳେ ଏହି ସ୍ତମ୍ଭ ଲେଖିବା ଆରମ୍ଭ କରିଥିଲି, ସେତେବେଳେ ସୂଚନା ଦେଇଥିଲି ଯେ, ଆମ ସମସ୍ତଙ୍କ ମନରେ ଏକ ଧାରଣା ଥାଏ ଗୋଆ କହିଲେ କେବଳ ବେଳାଭୂମି ଓ ବଡ ବଡ ଚର୍ଚ୍ଚ କିମ୍ବା ନାଇଟ୍ ଲାଇଫ୍‌ର ଏନ୍‌ଜୟମେଣ୍ଟ। ଏସବୁ ତ ରହିଛି ଗୋଆରେ ତା ସହ ମଧ୍ୟ ହିନ୍ଦୁ ଧର୍ମର ଅନେକ ପ୍ରାଚୀନ ଏବଂ ଐତିହ୍ୟ ପୂର୍ଣ୍ଣ ଧର୍ମସ୍ଥାନ ଏଠାରେ ରହିଛି। ତେଣୁ ପ୍ରଥମେ



ମନ୍ଦିର ଗୁଡିକ ସମ୍ପର୍କରେ ଆପଣ ମାନଙ୍କୁ ସୂଚନା ଦେଉଛି। କିନ୍ତୁ ଏହା ମଧ୍ୟ କହି ରଖିବି ଯେ ଯେଉଁ ସ୍ଥାନରେ ମୁଁ ଅବସ୍ଥାନ କରିଥିଲି ସେହି ସ୍ଥାନରେ ଥିବା ବିଚ୍, ଚର୍ଚ୍ଚ ସହ ନାଇଟ୍ ଲାଇଫ୍‌କୁ ମଧ୍ୟ ମୁଁ ଦେଖିଛି। ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ସୂଚନା ଦେବି। ତେବେ ଏବେ ଗୋଆର ରାଜଧାନୀ ପାଣାଜୀ। ମାପୁସାରେ ମୋର ରହଣୀ ସମ୍ପର୍କରେ ଲେଖୁଛି ଯାହା କେବେ ଭୂଲି ପାରିବି ନାହିଁ। ମୁଁ ରହୁଥିବା ଗେଷ୍ଟ ହାଉସ୍ ଆତିଥେୟତା ଠାରୁ ଆରମ୍ଭ କରି ମାପୁସାର ଶୁକ୍ରବାର ହାଟ ସବୁକିଛି ସବୁଦିନ ପାଇଁ ମୋର ମନେ ରହିବ। ଜିନିଷପତ୍ର ପ୍ୟାକ୍ କରି କେବଳ ଅପେକ୍ଷାରେ ଥିଲି ମୋର ଗାଡି ଆସିବା ପାଇଁ। ଗେଷ୍ଟ ହାଉସ୍‌ର ଝର୍କା ପାଖରେ ଛିଡା ହୋଇ କିଛି ଫଟୋ ନେବାକୁ ଚେଷ୍ଟା କରୁଥିଲି। ଠିକ୍ ସେତିକି ବେଳକୁ ମୋର ନଜର ପଡିଲା ମୋର ଗାଡି ଡ୍ରାଇଭର ଏକ ବଡ ଫୁଲ ତୋଡା ଧରି ଗେଷ୍ଟହାଉସ୍ ଭିତରକୁ ଆସୁଛନ୍ତି। ତାହା ଦେଖି ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲି। ହେଲେ କାହା ପାଇଁ ସେ ଫୁଲ ତୋଡା ଆଣୁଛନ୍ତି ତାହା ମୋତେ ଜଣା ନଥିଲା। ଏତିକି ବେଳକୁ ମୋର ବନ୍ଧୁ ତାଙ୍କ ନିତ୍ୟକର୍ମ ସାରି ବାହାରିଲେ। ତେଣୁ ଆମର ସମୟ ହୋଇଯାଇଥିଲା। ରୁମ୍ ଛାଡିବା ପାଇଁ। ଆମେ ଦୁହେଁ ପ୍ରସ୍ତୁତ ହେଉଥିବା ସମୟରେ ରୁମ୍‌ରେ କଲିଂ ବେଲ୍ ବାଜିଲା। ଦୁଆର ଖୋଲିବା ବେଳକୁ ଡ୍ରାଇଭର ଏବଂ ରୁମ୍ ବୟ ଆସିଥିଲେ ଆମ ବ୍ୟାଗ୍ ଗୁଡିକ ନେବା ପାଇଁ। ମୋର ବ୍ୟାଗ ସେମାନଙ୍କୁ ମୁଁ ବଢ଼େଇଦେଲି। ହେଲେ ଏହି ସମୟରେ ମୋର ଡ୍ରାଇଭରଙ୍କ ମୁହଁରେ ଏକ ଅଦ୍ଭୁତ ଭାବ ଭଙ୍ଗୀ ଦେଖିବାକୁ ପାଇଥିଲି।



ତେବେ ସେ ବିଶେଷ କିଛି ମୋତେ ନ ଜଣାଇ ମୋର ବ୍ୟାଗ୍ ନେଇ ତଳକୁ ଯାଇଥିଲେ। ହେଲେ ଠିକ୍ ସେତିକି ବେଳକୁ ମୋର ବନ୍ଧୁ ତାକୁ କିଛି ଇଶାରା ଦେବା ମୁଁ ଦେଖିବାକୁ ପାଇଥିଲି। ମୁଁ ଦୁହିଁଙ୍କ ମୁହଁକୁ ଲକ୍ଷ୍ୟ କଲି ଏବଂ କିଛି ନ କହି ଗେଷ୍ଟ ହାଉସର ତଳ ମହଲାକୁ ଆସିଥିଲି। ଆଉ ତଳ ମହଲାର ପରିବେଶ ଯାହା ଥିଲା ତାହା ଅବର୍ଣ୍ଣନୀୟ। ସେ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଲି। ତଳ ମହଲାର ଡାଇନିଙ୍ଗ୍ ହଲରେ ସଜା ହୋଇଥିଲା ବେଲୁନ୍। ଏକ ଟେବୁଲ୍‌ରେ ରଖା ହୋଇଥିଲା ଏକ କେକ୍। ତା'ସହ ମହମ ବତୀ ବି ଥିଲା। ମୁଁ ଭାବିଲି ବୋଧେ ଗେଷ୍ଟହାଉସ୍‌ରେ ରହୁଥିବା କେଉଁ ଅତିଥିଙ୍କର ବାର୍ଥ ଡେ ଥାଇପାରେ। ହେଲେ ସେହି ସ୍ଥାନରେ ଦେଖିବାକୁ ପାଇଲି ସ୍ମିତ ହାସ୍ୟରେ ଛିଡା ହୋଇଥିବା ଗେଷ୍ଟ ହାଉସ୍ ମାଲିକଙ୍କ ପରିବାର। ମୁଁ ସେଠାରେ ପହଞ୍ଚିବା କ୍ଷଣି ସେମାନେ ମୋତେ ଏକ ଫୁଲତୋଡା ଦେଇ ସ୍ୱାଗତ କଲେ ଏବଂ ମୋର ବନ୍ଧୁ ଗେଷ୍ଟ ହାଉସ୍ ମାଲିକଙ୍କ ପୁଅ ଆଉ ଆମ ଗାଡି ଚାଳକ ଏକାଠି ହୋଇ ଗୀତ ଗାଇବା ଆରମ୍ଭ କଲେ। ହାପି ବାର୍ଥ ଡେ ଟୁ ୟୁ...। ପ୍ରକୃତରେ ଏତେ ସବୁ ଘଟଣାକୁ ଏକାଠି କରି ମନେ ପକାଇପାରୁନଥିଲି ଯେ ଆଜି ମୋର ଜନ୍ମ ଦିନ ବୋଲି। ହେଲେ ମୋର ବନ୍ଧୁ ମୋର ଜନ୍ମଦିନକୁ ଏତେ କାର୍ଯ୍ୟ ଭିତରେ ମଧ୍ୟ ମନେ ରଖିଥିଲେ। ଆଉ ସବୁ ଆୟୋଜନ ତାଙ୍କ ଦ୍ୱାରା ହିଁ ହୋଇଥିଲା। ଏଥିରେ ତାଙ୍କୁ ସହଯୋଗ କରିଥିଲେ ମୋର ଗାଡି ଚାଳକ ଏବଂ ଗେଷ୍ଟହାଉସ୍ ମାଲିକଙ୍କ ପରିବାର। ଗେଷ୍ଟହାଉସ୍‌ର ମାଲିକାଣୀ ଏକ ଥାଳିରେ ଅରୁଆ ଚାଉଳ, ସିନ୍ଦୁର, ଦୁବବରକୋଳି ପତ୍ର ଧରି ଆସି ମୋ ମୁଣ୍ଡରେ ଦେଲେ। ମୁଁ ତାଙ୍କ ଆଶୀର୍ବାଦ ନେଇଥିଲି। ପ୍ରକୃତରେ ସେତେ ବେଳକୁ ମୋର ଆଖିରୁ ଲୁହ ଚାଲି ଆସିଥିଲା। ସେ ତାହା ଦେଖି ତାକୁ ପୋଛିଦେଲେ ଆଉ ଖୁସି ଦିନରେ ଏପରି କରିବା ପାଇଁ ମୋତେ ମନା କଲେ। ମୁଁ ଓଡ଼ିଶାରେ ମୋର ଘର ପୁରୀ ସହରଠାରୁ ଏତେ ଦୂରରେ ଥିଲେ ମଧ୍ୟ ମୋତେ ଲାଗିଲା ସତେ ଯେମିତି ମୋ ବୋଉ ମୋତେ ପିଢ଼ାରେ ବସାଇ ବନ୍ଦାବନା କରୁଛି ମୋ ଜନ୍ମ ଦିନରେ। ପାରମ୍ପରିକତା ପରେ କେକ୍ କଟାଇ ପର୍ବ ଥିଲା ଅବଶ୍ୟ ମୋ ଜନ୍ମ ଦିନରେ କେକ୍ କାଟିବା ମୋ ପାଇଁ ଏହା ପ୍ରଥମ ଥିଲା। ତେବେ ମୋର ଇଚ୍ଛା ନଥିଲେ ମଧ୍ୟ ଅନ୍ୟମାନଙ୍କ ଭାବାବେଗକୁ ସମାନ ଜଣାଇ କେକ୍ କାଟିଥିଲି। ହେଲେ ସେତେବେଳକୁ ମୋର ପାଣାଜୀ ଯବାକୁ ସମୟ ହୋଇସାରିଥିଲା। ହେଲେ ମୁଁ ଭାବିଲି ଆଉ କିଛି ସମୟ ଏଠାରେ ରହିବି ତା'ପରେ ରାତିରେ ପାଣାଜୀ ଯିବି। ମୁଁ ରହିବା କଥା ଜାଣି ଗେଷ୍ଟହାଉସ୍ ମାଲିକଙ୍କ ପୁଅ ସଙ୍ଗେ ସଙ୍ଗେ ରୋଷେଇର ଆୟୋଜନ କଲେ। କଥା ହେଲା ଯେ, ମୁଁ ରୋଷେଇ କରିବି ସେମାନେ ସାହାଯ୍ୟ କରିବେ। ତେବେ ଏହା ନିଷ୍ପତ୍ତି ହେଲା ଯେ, ପୁରୀର ପାରମ୍ପରିକ ଖାଦ୍ୟ ଅଦାହେଙ୍ଗୁ ଖେଚୁଡି। ମାଛ ବେସର ଦହି ପାଚେଡି ହେବ। ଆଉ ତା'ପରେ ମୋର ଗାଡି ଚାଳକଙ୍କ ସହ ଆମେ ବାହାରିଲୁ ମାର୍କେଟିଂ କରିବା ପାଇଁ। ସତରେ ସ୍ନେହ ମମତା ସାମ୍ନାରେ ସବୁ ମୂଲ୍ୟହୀନ। ନିହାତି ଏହି ଭାବନା ମୋର ଆସୁଥିଲା। କାରଣ ଏମାନେ କେହି ମୋର ସମ୍ପର୍କୀୟ ନଥିଲେ ମୁଁ ମୋର ଘର ଠାରୁ ବହୁତ ଦୂରରେ ଥିଲେ ମ ଧ ମୋତେ ଏହି ବିଶେଷ ଦିନରେ କେତେ ଖୁସି ଦେଉଥିଲେ ଏମାନେ।

*କ୍ରମଶଃ...*



# ଲାଞ୍ଚୁଆ ଆର୍‌ଆଇଙ୍କୁ ଜେଲ୍‌ଦଣ୍ଡ

**ବ୍ରହ୍ମପୁର :** ଆଜିକାଲି ବେସରକାରୀ ଠାରୁ ସରକାରୀ କର୍ମଚାରୀ କେହି ହେଲେ ଲାଞ୍ଚ ନିଶାରୁ ବର୍ତ୍ତିପାରୁ ନାହାନ୍ତି। ସେମାନଙ୍କୁ ଲାଞ୍ଚର ନିଶା ଏତେ ତଳକୁ ନେଇଯାଇଛି ଯେ ତାହା ନ କହିବା ଭଲ। ଗଞ୍ଜାମ ଜିଲ୍ଲା ବୁଗୁଡା ତହସିଲ ଅନ୍ତର୍ଗତ ଅମ୍ବରୁଚୁଲା ଆର୍‌ଆଇ ଲାଞ୍ଚ ନେବା ଅଭିଯୋଗରେ ନିନା ପ୍ରଧାନଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଈଶାନ କୁମାର ଦାସ ୧ବର୍ଷ ୬ ମାସ ଜେଲ୍ ଦଣ୍ଡାଦେଶ ସହ ୩ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବାର ନିର୍ଦ୍ଦେଶ ରହିଛି। ୨୦୧୧ ଏପ୍ରିଲ ୧୧ରେ ଭିଜିଲାନ୍ସ କେସ୍ ନଂ ୧୬/ ୧୯ରେ ଲିଗାଲହେର ସାର୍ଟିଫିକେଟ୍ ପାଇଁ ୪ଶହ ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି। ଦମ୍ଭଗ୍ରୀବ ପାଢ଼ୀଙ୍କ ସମ୍ପର୍କୀୟ ଲକ୍ଷ୍ମୀକାନ୍ତ ଲିଗାଲ ହୋଲ ସାର୍ଟିଫିକେଟ୍ ପାଇଁ ବାରମ୍ବାର ଆର୍‌ଆଇଙ୍କ କାର୍ଯ୍ୟାଳୟକୁ ଦୌଡିବା ପରେ ଲାଞ୍ଚ ମାଗିବାରୁ ସେ ଭିଜିଲାନ୍ସ ବିଭାଗର ଆଶ୍ରୟ ନେଇଥିଲେ। ମଙ୍ଗଳବାର ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ସ୍ୱତନ୍ତ୍ର ଜଜ୍ ଉପଯୁକ୍ତ ପ୍ରମାଣ ମିଳିବାରୁ ଅଭିଯୁକ୍ତକୁ ଦଣ୍ଡାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଆଇନ୍‌ଜୀବୀ ପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ପରଲୋକରେ ଅଭିନେତା ଅବ୍‌ଦୁଲ ହମିଦ୍



**ଭବାନୀପାଟଣା :** ନିକଟରେ ବିଶିଷ୍ଟ ମଞ୍ଚ ଅଭିନେତା, ନିର୍ଦ୍ଦେଶକ ଓ ଫୁଟବଲ ଖେଳାଳୀ ଅବ୍‌ଦୁଲ ହମିଦ୍ ଖାନ୍‌ଙ୍କ ପରଲୋକ ହୋଇଯାଇଛି। ୮୭ ବର୍ଷ ବୟସ୍କ ଶ୍ରୀ ଖାନ୍ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ଅବଦୁଲ କାଦିର, ମଝିଆ ପୁଅ ଅବଦୁଲ ରସିଦ୍, ମହମ୍ମଦ ଖାଦୁଲ, ଝିଅ ଅନିଫା ଓ ତାହେନା ସମେତ ପୁତ୍ରବଧୂ ଓ ନାତିନାତୁଣି ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଅବ୍‌ଦୁଲ ହମିଦ୍ ଖାନ୍ ଜଣେ ଉଚ୍ଚକୋଟିର ମଞ୍ଚ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ। ବୃତ୍ତିରେ ଅବକାରୀ ବିଭାଗର ଡେପୁଟି ଅଧିକ୍ଷକ ଭାବରେ ସେବା ନିବୃତ୍ତ ହୋଇଥିଲେ। ସେ ଜଣେ ଦକ୍ଷ ଫୁଟବଲ ଖେଳାଳୀ ଭାବରେ କଳାହାଣ୍ଡି ଜିଲ୍ଲା ଦଳକୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସେ ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବରେ ଚାକିରୀରେ କାର୍ଯ୍ୟ କରିଥିବା ବିଭିନ୍ନ ଜିଲ୍ଲାରେ ନାଟକ ମଞ୍ଚସ୍ଥ କରି ଶ୍ରଦ୍ଧାଭାଜନ ହୋଇଥିଲେ। ତାଙ୍କର ଜୀବନ ବ୍ୟାପି କଳା ପ୍ରତି ଅବଦାନ ଯୋଗୁଁ ୨୦୧୧ ମସିହାରେ କଳାହାଣ୍ଡି ଉତ୍ସବରେ କଳା ସଂସ୍କୃତି କ୍ଷେତ୍ରରେ ବରପୁତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଚାକିରିରୁ ଅବସର ପରେ ସେ କଂଗ୍ରେସ ଦଳର ଜଣେ ସକ୍ରିୟ ସଦସ୍ୟ ଭାବରେ ନିଷ୍ଠାର ସହିତ କାର୍ଯ୍ୟ ତୁଲାଇଥିଲେ। ସେ ଭବାନୀପାଟଣା ନଗର କଂଗ୍ରେସର ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ।

# ବସ୍ତି ଉଚ୍ଛେଦ ପ୍ରତିବାଦରେ ତହସିଲ କାର୍ଯ୍ୟାଳୟ ଘେରାଉ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ପ୍ରଶାସନ ଭବାନୀପାଟଣା ସହରରେ ଜବରଦଖଲ ଉଚ୍ଛେଦ ଅଭିଯାନ ପ୍ରତିବାଦରେ ବାହାଦୁର ବଗିଚାପଡା ସମେତ ସହରର ୨୦ ଟି ୱାର୍ଡର ବିଭିନ୍ନ ପଡାର ବସ୍ତବାସିନ୍ଦାମାନେ ପୁରୁଷ ମହିଳା ଏକ ବିଶାଳ ଶୋଭାଯାତ୍ରାରେ ଆସି ତହସିଲଦାର କାର୍ଯ୍ୟଳୟ ଘେରାଉ କରିବା ସହିତ ସେଠାରେ ପ୍ରତିବାଦ ସଭା କରିଥିଲେ। ଯେପର୍ଯ୍ୟନ୍ତ ସରକାର ଓ ଜିଲ୍ଲା ପ୍ରଶାସନ ଆମର ଦାବି ନଶୁଣିଛନ୍ତି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଏ ସମ୍ପର୍କିତ ଏକ ଖବର 'ଏକମାତ୍ର'ର ଗତ ସଂଖ୍ୟାରେ ପ୍ରକାଶ ପାଇଥିଲା। ଏଥିରେ ସ୍ଥାନୀୟ ତହସିଲଦାରଙ୍କ ବେନିୟମ କାର୍ଯ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯାଇଥିଲା। ତେଣୁ ଏହି ପରିପ୍ରେକ୍ଷୀରେ ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ଯଦି ପ୍ରଶାସନ ଜୋର ଜବରଦସ୍ତି ଏବଂ ପୋଲିସର ବନ୍ଧୁକ ମୁନରେ ଯଦି ଉଚ୍ଛେଦ କରିବାର ପ୍ରାୟସ କରନ୍ତି ସେମାନଙ୍କୁ ସମସ୍ତ ବସ୍ତିବାସିନ୍ଦା ତୀବ୍ର ବିରୋଧ କରି ଏବଂ ପ୍ରଶାସନ ଆମକୁ ହତ୍ୟା କରି ଆମର ଶବ ଉପରେ ଚଢିଯାଇ ଆମକୁ ଉଚ୍ଛେଦ କରିବେ ବୋଲି ଚେତାବନୀ ଦେଇଥିଲେ। ପରେ ୩ ଦଫାର ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିବା ସହିତ ତହସିଲଦାରଙ୍କୁ ଏହାର ଉତ୍ତର ସିଧାସଳଖ ମାଗିଥିଲେ। ଜିଲ୍ଲା ପ୍ରଶାସନ



ଭବାନୀପାଟଣା ବିଭିନ୍ନ ପଡାରେ ବର୍ଷ ବର୍ଷ ଧରି ବିଭିନ୍ନ ସରକାରୀ ଜମି ଦେବୋତ୍ତର ଜମିରେ ବସବାସ କରି ଆସୁଛନ୍ତି। ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଗତ ୧ ବର୍ଷ ହେଲା ପ୍ରୟାସ ଜାରି ରଖିଛି। ପ୍ରଶାସନର ଏହି ଉଚ୍ଛେଦ କାର୍ଯ୍ୟକ୍ରମକୁ ଭବାନୀପାଟଣା ସହରର ସମସ୍ତ ପଡାର ବସ୍ତିବାସିନ୍ଦାକୁ ନେଇ ଗଠନ କରାଯାଇଥିବା ଜନମମାଟି ସୁରକ୍ଷା ସଂଗ୍ରାମ ସମିତି ତରଫରୁ ତୀବ୍ର ବିରୋଧ କରିବା ସହିତ ବିଭିନ୍ନ ପ୍ରକାର ଆନ୍ଦୋଳନ ଜାରି ରହିଛି। ଫଳରେ ପ୍ରଶାସନ ଗତ କିଛି ମାସ ହେଲା ଏହି ଉଚ୍ଛେଦ କାର୍ଯ୍ୟକ୍ରମରୁ ବିରତି ଥିଲେ। ପୁଣି ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଭବାନୀପାଟଣା ତହସିଲଦାର ବାହାଦୁର ବଗିଚାପଡାରେ ଦିର୍ଘ ବର୍ଷ ଧରି ସରକାରୀ ଜମିରେ ଘରକରି ରହିଥିବା ଗରିବ, ଖଟିଖିଆ ଓ ଦିନମଜୁରିଆଙ୍କ ଘରକୁ ଉଚ୍ଛେଦ କରିବାପାଇଁ ନୋଟିସ୍ ଦେବା ଫଳରେ ଗତ କିଛି ମାସ ହେଲା ଶାନ୍ତ ପଡିଥିବା ସହର ପୁଣି ଅସାନ୍ତ ହୋଇଯାଇଛି। ବସ୍ତିବାସିନ୍ଦାମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇ ଆସୁଛନ୍ତି। ଏହାର ପ୍ରତିବାଦରେ ବାହାଦୁର ବଗିଚାପଡା ସମେତ ସହରର ୨୦ ଟି ୱାର୍ଡର ବିଭିନ୍ନ ପଡାର ଶହଶହ ପୁରୁଷ ମହିଳା ପିଲାଛୁଆ ଧରି ପୃଥକ ପୃଥକ ଭାବେ ବିଭିନ୍ନ ପଡାରୁ ଶୋଭାଯାତ୍ରାରେ ଆସି ତହସିଲଦାର କାର୍ଯ୍ୟଳୟ ଘେରାଉ କରିବା ସହିତ ସେଠାରେ ଜନମମାଟି ସୁରକ୍ଷା ସଂଗ୍ରାମ ସମିତି ଅଧ୍ୟକ୍ଷ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜନମମାଟି ସୁରକ୍ଷା ସଂଗ୍ରାମ ସମିତି ଓ ସଚେତନ ନାଗରିକ ମଞ୍ଚର ସାମନ୍ତ ଖମାରୀ, ବଦ୍ରି ପଟ୍ଟନାୟକ, ଗିରିଧାରୀ ପାତ୍ର, ତ୍ରିଲୋଚନ ପାଣିଗ୍ରାହୀ, ସରୋଜ ବାଗ, ରାଜେଶ ଦୀପ, ଦିଲ୍ଲିପ ନାଏକ, ମନିନ୍ଦ୍ର ମହାନ୍ତି, ନିରୋଜ ରାଉତ, ସୁରେଶ ମାଝୀ, ସୁଶାନ୍ତ ପଟ୍ଟାନୟକ, ଅବଦୁଲ୍ ଅଜିତ ଖାଁ, ସସ୍ମିତା ଚାଟ୍ଟାର୍ଜୀ, ମନୋରମା ମେହେର, ସସ୍ମିତା ନାଏକ, ରଞ୍ଜିତା କୋର, ନିର୍ମଳା କୋର ପ୍ରମୁଖଙ୍କ ନେତୃତ୍ୱରେ ତହସିଲଦାର କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପରେ ଆନ୍ଦୋଳନକାରୀ ପୁରୁଷ ଓ ମହିଳାମାନେ ତହସିଲାଦାର କାର୍ଯ୍ୟଳୟ ସମ୍ମୁଖରେ ରାସ୍ତା ଅବରୋଧ କରି ଧାରଣା ଦେବା ସହିତ ପ୍ରତିବାଦ ସଭା କରିଥିଲେ। ପରେ ତହସିଲଦାର ଲକ୍ଷ୍ମଣ ଅମାତ ମୁଖ୍ୟ ଗେଟ ପାଖକୁ ଆସି ଆନ୍ଦୋଳନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ ଓ ଆନ୍ଦୋଳନକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ମୁଁ ସରକାର ଓ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଯାହା ଆଇନ ଭିତରେ କାର୍ଯ୍ୟକରୁଛି। ମୋ ତରଫରୁ ସବୁ ପ୍ରକାର ସହଯୋଗ ରହିଛି ରହିଥିବ ବୋଲି ପ୍ରକାଶ କରିଥିଲେ।

# ଗଠିତ ହେଲା ବିଜୁ ଯୁବବାହିନୀ

**ଦଶପଲ୍ଲା :** ରାଜ୍ୟ ସରକାରଙ୍କର ଅଭିନବ ପ୍ରୟାସରେ ବିଜୁ ଯୁବ ସଶକ୍ତିକରଣ ଯୋଜନା ଅର୍ନ୍ତଭୁକ୍ତ ଉପଯୋଜନା ବିଜୁ ଯୁବବାହିନୀ ଗଠନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦଶପଲ୍ଲା ବ୍ଲକ ଅନ୍ତର୍ଗତ ୨୦ ଗୋଟି ଗ୍ରାମ ପଂଚାୟତ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ, ଦଶପଲ୍ଲା ବ୍ଲକ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଡି.ପି.ଏମ୍.ୟୁ (ପ୍ରେମ୍)ଙ୍କ ବ୍ଲକ ଯୁବ ସଂଯୋଜକ ବରୁଣ କୁମାର ସାହୁଙ୍କ ସହାୟତାରେ ୯ ଗୋଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ବିଜୁ ଯୁବବାହିନୀର ପ୍ରଥମ ବୈଠକ ତା ୧୭.୦୩.୨୦୧୮ରେ ଅନୁଷ୍ଠିତ ହୋଇଯାଇଛି।




ଦଶପଲ୍ଲା ବ୍ଲକର ଭୋଗବାଡି ଗ୍ରାମ ପଂଚାୟତରେ ୪୭,ଚଢେୟାପଲ୍ଲୀ ଗ୍ରାମ ପଂଚାୟତରେ ୨୫,ଘୋଳାହାଣ୍ଡି ଗ୍ରାମ ପଂଚାୟତରେ ୪୫,ଘୁଗୁଡି ପଡା ଗ୍ରାମ ପଂଚାୟତରେ ୨୫,ନଛିପୁର ଗ୍ରାମ ପଂଚାୟତରେ ୫୧,ପୋଖରୀ ଗୋଛା ଗ୍ରାମ ପଂଚାୟତରେ ୫୩,ସରିଗଣ୍ଡା ଗ୍ରାମ ପଂଚାୟତରେ ୪୯,ସିମିଳିସାହି ଗ୍ରାମ ପଂଚାୟତରେ ୨୯,ଟାକରା ଗ୍ରାମ ପଂଚାୟତରେ ୩୭ ଜଣ(୧୫ରୁ ୩୫ ବର୍ଷ ମଧ୍ୟରେ) ପୂର୍ବରୁ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ଆବେଦନକାରୀଙ୍କର କାଗଜପତ୍ର ଚୟନ ପ୍ରକ୍ରିୟା ବିଭିନ୍ନ ନୋଡାଲ ଅଫିସର ମାନଙ୍କ ମାଧ୍ୟମରେ ନିଜ ପଂଚାୟତ କାର୍ଯ୍ୟାଳୟରେ ଯାଂଚ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀର ସଂଯୋଜକ ଏହାର କାର୍ଯ୍ୟକାରିତା,ମୁଖ୍ୟ ଉଦ୍ଦେଶ୍ୟ,ଓ ଲକ୍ଷ୍ୟ ଉପରେ ଆଲୋକପାତ କରି ଯୁବଶକ୍ତିର ଏକତା ହିଁ ସବୁଠାରୁ ବଡ ଏକତା ଏବଂ ସେମାନଙ୍କ ଦ୍ୱାରା ସବୁ ସମ୍ଭବ, ତତ୍ ସହିତ ସ୍ୱେଚ୍ଛାସେବୀ,ସ୍ୱାବଲମ୍ବୀ,ସବଳ, ହୋଇ ଉତମ ପରିବେଷ ସଂଗଠନ କରିପାରିବାପାଇଁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ମାର୍ଚ୍ଚ - ୦୧ ଏପ୍ରିଲ, ୨୦୧୮







## ବକ୍ରବାଣୀ

ସଭା ସମିତିକୁ ଆଉ ଯିବିନାହିଁ, ଋଷୀ
ମୁଲିଆଙ୍କ କଥା କହିବା ପାଇଁ।
ଚିଟ୍‌ଫଣ୍ଡ ଟଙ୍କା ଯିଏ ଖାଉଛି ଖାଉ।
ଏମ୍‌ପି ପଦବୀଟା ମୋର ବଞ୍ଚିକି ଥାଉ।
ପ୍ରେଷ୍ଟିଜ୍, ପେନ୍‌ସନ ଚୁଲିକୁ ଯାଉ।
ଖଣ୍ଡପଡା ଟିକଟ ମୋ ଝିଅ ପାଉ।
ଲୋକେ ଭୁଲିଯିବେ ଦି'ଦିନ ପରେ।
ଫୁଲମାଳ ଦେବେ ଆସି ମୋ ଘରେ।

ଟୁଟୁ

### ଦକ୍ଷତା ବିକାଶ ଓ କୃଷି ମନ୍ତ୍ରାଳୟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

# 'ଗ୍ରାମାଞ୍ଚଳ ଯୁବକଙ୍କ ଦକ୍ଷତା ବୃଦ୍ଧି ପାଇବ'

**ଭୁବନେଶ୍ୱର :** ଗ୍ରାମୀଣ ଯୁବକଙ୍କ ମଧ୍ୟରେ ଦକ୍ଷତା ବିକାଶ ସହିତ ଓ ସେମାନଙ୍କ ମଧ୍ୟରେ ଉତ୍ପାଦକତା ବୃଦ୍ଧି କରିବା ପାଇଁ ନୂଆଦିଲ୍ଲୀରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରଣାଳୟ ଓ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର୍ ହୋଇଛି । ଉଭୟ ମନ୍ତ୍ରଣାଳୟର ସଚିବମାନେ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ପେଟ୍ରୋଲିୟମ, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂହ ଓ କେନ୍ଦ୍ର ଦକ୍ଷତା ରାଷ୍ଟ୍ର ମନ୍ତ୍ରୀ ଅନନ୍ତ କୁମାର ହେଗଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ବୁଝାମଣା




ପତ୍ର ଅନୁସାରେ ଦକ୍ଷତା ବିକାଶ ମନ୍ତ୍ରାଳୟ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ଭାଗିଦାର ହୋଇ ୬୯୦ କୃଷି ବିକାଶ କେନ୍ଦ୍ରଗୁଡିକୁ ସହଯୋଗ କରିବ। ବଜାର ପାଇଁ ଆବଶ୍ୟକୀୟ ମାନବ ସମ୍ବଳ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି, ଚଳିତ ବଜେଟରେ ମଧ୍ୟ ଗ୍ରାମୀଣ ଅଞ୍ଚଳର ଯୁବକଙ୍କର ସଶକ୍ତିକରଣ ଜରିଆରେ କୃଷି କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ନୂଆ ଭାଲ୍ୟୁ ଚେନ୍, ରିଟେଲ କମ୍ପାନୀ, ସପ୍ଲାଇ ଚେନ୍ ଆଦିରେ ଖୁବ ଅଧିକ ସଂଖ୍ୟାରେ ନିଯୁକ୍ତି ସମ୍ଭାବନା ରହିଛି । ଏଗୁଡିକର ଉପ ବିଭାଗ ଯେପରି ଉଦ୍ୟାନ କୃଷି, କୃଷି ଯାନ୍ତ୍ରିକୀକରଣ, ଡାଏରୀ, ମତ୍ସ୍ୟପାଳନ, କୋଲ୍ଡ ଷ୍ଟୋରେଜ୍, ଫସଲ ଅମଳ ପରର ଯୋଗାଣ ଚେନ୍ ଆଦି ପାଇଁ ଯୁବ ଶକ୍ତିକୁ ଦକ୍ଷତା ବିକାଶ ଜରିଆରେ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଦକ୍ଷତା ବିକାଶ ଯେ କେବଳ କୃଷିକୁ ଟେକ୍ନୋଲଜି ଓ ଉଦ୍ୟମିତା ଆଧାରରେ ଯୁବକମାନଙ୍କୁ ଆକର୍ଷିତ କରିବ ତା ନୁହେଁ ବରଂ ଆଗାମୀ ଦିନରେ ଆବଶ୍ୟକ ହେବାକୁ ଥିବା କୃଷି, ଉଦ୍ୟାନ କୃଷି, ଡାଏରୀ, କୁକୁଡ଼ାପାଳନ ଓ ମତ୍ସ୍ୟ ଚାଷ ପାଇଁ ପାରାପ୍ରଫେସନାଲ୍ ତିଆରି କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ବରଗଡ଼ ହାଲଚାଲ

### ଆକାଶବାଣୀର ଶ୍ରୋତା ସମ୍ମିଳନୀ



ନିକଟରେ ଆକାଶବାଣୀ ଶ୍ରୋତା ସଂଘର ୨୩ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ବକ୍ତାମାନେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ବୈଦ୍ୟୁତିକ ଗଣମାଧ୍ୟମର ବ୍ୟବସାୟିକ ମନୋଭାବ ପରଲକ୍ଷିତ ହେଉଥିଲା ବେଳେ ଆକାଶବାଣୀ (ରେଡିଓ) ଜନସାଧାରଣଙ୍କ ହିତରେ କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ପ୍ରଚାରିତ କାର୍ଯ୍ୟକ୍ରମରେ ଦେଖାଯାଉଥିବା ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଶ୍ରୋତା ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ପ୍ରସାର ଭାରତୀର କାର୍ଯ୍ୟକ୍ରମ ନିଷ୍ପାଦକ ଅଶୋକ ପାଣିଗ୍ରାହୀ ମୁଖ୍ୟଅତିଥି, ବରଗଡ ଜିଲ୍ଲା ସୂଚନା ଓ ପ୍ରସାରଣ ଅଧିକାରୀ କଲ୍ୟାଣୀ ଦାଶ ମୁଖ୍ୟବକ୍ତା ଓ କବି କନ୍ଦର୍ପ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସୁବର୍ଣ୍ଣପୁରର ନିୟମିତ ଶ୍ରୋତା ସୁଦାମ ସାହୁଙ୍କୁ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ସମାଜସେବା ଓ ଜନକଲ୍ୟାଣ ସେବା ଟ୍ରଷ୍ଟର ଅଧ୍ୟକ୍ଷ ମୁକୁନ୍ଦ ଦାଶଙ୍କୁ ବିପିନ ବିହାରୀ ପ୍ରଧାନ ସ୍ମୃତି ସମ୍ମାନ ଏବଂ ଶିଶୁଗୀତି ଲେଖିକା ଜ୍ୟୋସ୍ନା ରାଉତରାୟଙ୍କୁ ହରେକୃଷ୍ଣ ପୂଜାରୀ କଳାକାର ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ପରଲୋକରେ କଳାକାର ଭୀଷ୍ମ ପ୍ରଧାନ



'ଏକମାତ୍ର'ର ନିୟମିତ ପାଠକ ତଥା ନାଗେନପାଲିର ବର୍ଷିଆନ ସଂକୀର୍ତ୍ତନ ଗାୟକ ତଥା କଳାକାର ଭୀଷ୍ମଦେବ ପ୍ରଧାନଙ୍କର ପରଲୋକ ହୋଇଯାଇଛି। ଜଣେ ସଂଗୀଜ୍ଞ ଭାବେ ସ୍ୱର୍ଗତ ପ୍ରଧାନଙ୍କର ସୁନାମ ରହିଥିଲା ବେଳେ ସେ ଏ ଅଞ୍ଚଳରେ ସଂକୀର୍ତ୍ତନର ଶୁଭାରମ୍ଭ କରିଥିଲେ। ଅତ୍ୟନ୍ତ ପରୋପକାରୀ ତଥା ମିଷ୍ଟଭାଷୀ ସ୍ୱର୍ଗତ ପ୍ରଧାନଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ସମ୍ବର୍ଦ୍ଧିତ ହେଲେ ମହିଳା ସ୍ୱେଚ୍ଛାସେବୀ



ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଭିନେତ୍ରୀ ତପସ୍ୱିନୀ ଗୁରୁ ଏବଂ ସମ୍ମାନିତ ଅତିଥି ଭାବେ ଲରମ୍ବା କଲେଜ ଓଡ଼ିଆ ଅଧ୍ୟାପକ ଡ. ଅଜିତ ନାଗ, ଆଇନଜୀବୀ ସ୍ମିତା ସାହୁ, କୌଶଲ୍ୟା ଗ୍ରାମୀଣ ବିକାଶ ଅଧ୍ୟକ୍ଷ ଭରତ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ୯ଜଣ ସ୍ୱେଚ୍ଛାସେବୀ ମହିଳାଙ୍କୁ ଉପଢ୍ୌକନ ତଥା ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

# କଳା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ଆତ୍ମା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** କଳା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ଆତ୍ମା। ତେଣୁ ଏହାର ସଂରକ୍ଷଣ, ପ୍ରଲେଖନ ଓ ପ୍ରସାରଣ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସ୍ଥାନୀୟ ପୋଖରୀପୁଟରେ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟବାସୀଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କଳା ଓ ସଂସ୍କୃତି କ୍ଷେତ୍ରରେ ଏହି ସଂଗ୍ରହାଳୟ ଉତ୍ତମ ପଦକ୍ଷେପ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କଳାକାରମାନେ ସେମାନଙ୍କର କଳାକୃତି ପ୍ରଦର୍ଶିତ କରିପାରିବେ। ରାଜ୍ୟର ସାଂସ୍କୃତିକ ଇତିହାସରେ ସୁବର୍ଣ୍ଣ ଅଧ୍ୟାୟ ଭାବେ ସାରା ବିଶ୍ୱରେ ଏହା ଏକ ଗବାକ୍ଷ ଭଳି କାର୍ଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ପରିପ୍ରେକ୍ଷୀରେ ରାଜ୍ୟର ବୁଣାକାର ଓ କାରିଗରଙ୍କ ଉନ୍ନତି ସକାଶେ ଓଡ଼ିଶା ହସ୍ତତନ୍ତ, ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ଗଠନ ସମ୍ପର୍କରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଏହି



ନବଗଠିତ ପରିଷଦର ଅଧ୍ୟକ୍ଷ ଭାବେ ପଦ୍ମଶ୍ରୀ ସୁଦର୍ଶନ ସାହୁ ଓ ଉପାଧ୍ୟକ୍ଷ ଭାବେ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟର ୧ ଲକ୍ଷ ୯୦ ହଜାର ବୁଣାକାର ଓ ୧ ଲକ୍ଷ ୩୦ ହଜାର ହସ୍ତଶିଳ୍ପ କାରିଗରଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କ ଆର୍ଥିକ ବିକାଶ ଓ ଜୀବିକା ନିର୍ବାହ ପାଇଁ ନୂଆନୂଆ ଯୋଜନା ପ୍ରଣୟନ କରାଯାଉଛି। ଯେଉଁମାନେ ଏହି କୌଳିକ ବୃତ୍ତିରେ ନିୟୋଜିତ ଅଛନ୍ତି, ସେମାନଙ୍କୁ ଉତ୍ସାହିତ କରିବା ଏବଂ ଆମର ଉତ୍କୃଷ୍ଟ କଳା ଓ କାରିଗରୀର ସଂରକ୍ଷଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ। ସେମାନଙ୍କ ହାତର ସ୍ପର୍ଶରେ ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏଥିଲାଗି ଓଡ଼ିଶା ହସ୍ତତନ୍ତ, ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ ଗଠନ କରିବା ନିମନ୍ତେ ସରକାର ନିଷ୍ପତ୍ତି ନେଇଥିଲେ। ଆଜି ଏହି ପରିଷଦ ଗଠନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ପରିଷଦରେ କଳା ଓ ସ୍ଥାପତ୍ୟ କ୍ଷେତ୍ରର ଅନ୍ୟ ୧୭ଜଣ ସଦସ୍ୟ ରହିଛନ୍ତି। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍, ନବଗଠିତ ପରିଷଦର ଅଧ୍ୟକ୍ଷ ପଦ୍ମଶ୍ରୀ ସୁଦର୍ଶନ ସାହୁ, ଉପାଧ୍ୟକ୍ଷ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ଓ ସଦସ୍ୟ,ସଦସ୍ୟା ଯୋଗ ଦେଇଥିଲେ।

# ଲାଞ୍ଚ ନଦେଲେ କାମ ହେଉନି

**କେନ୍ଦ୍ରାପଡ଼ା :** ସରକାର ସବୁବେଳେ ନିଜକୁ ସ୍ୱଚ୍ଛ ଓ ନିର୍ମଳ ଶାସନ କରୁଥିବାର ଡିଣ୍ଡିମ୍ ପିଟୁଥିବା ବେଳେ, ଏପଟେ ପଇସା ନଦେଲେ କୌଣସି କାମ ହୁଏନାହିଁ। ଯାହାକି ବିଭିନ୍ନ ମହଲରେ ଦେଖିବାକୁ ମିଳେ। ତେବେ ଏହିଭଳି ସମସ୍ୟା ଦେଖିବାକୁ ମିଳିଛି କେନ୍ଦ୍ରାପଡା ତହସିଲ୍‌ରେ, କେବଳ ତହସିଲ୍ ନୁହେଁ ତା'ସହିତ ଜଡିତ ଆର୍‌ଆଇ କାର୍ଯ୍ୟାଳୟରେ ମଧ୍ୟ। ଏଠି ଖର୍ଚ୍ଚ ନଦେଲେ କୌଣସି କାମ ହୁଏନାହିଁ ବୋଲି ବାରମ୍ବାର ଅଭିଯୋଗ ହୁଏ। ଏଠାକୁ ଲୋକେ ନିଜର ଜମିଜମା ସଂପର୍କରେ ହେଉ ବା ଜାତିଆଣ ପ୍ରମାଣପତ୍ର ତଥା ପୁରୁଣା ରେକର୍ଡର କପି ନିମନ୍ତେ ଆସିଲେ, ସହଜରେ ପାଇପାରନ୍ତି ନାହିଁ। ଅଫିସ ଭିତରେ ଯେତି କି କର୍ମଚାରୀ ନାହାନ୍ତି ତାଠାରୁ ଅଧିକ ଦଲାଲ ବାହାରେ ଜଗି ରହିଛନ୍ତି। ଏଠାକୁ ଯେଉଁମାନେ ଆସୁଛନ୍ତି ସେମାଙ୍କ ମଧ୍ୟରୁ କିଛି ନରାଶ ହେଉଥିବାର ଦେଖି ଦଲାଲ ମାନେ ପଚାରି ବୁଝନ୍ତି, ଓ କହିଥା'ନ୍ତି ଯେ କାମ ସଙ୍ଗେ ସଙ୍ଗେ ହୋଇଯିବ ହେଲେ ଖର୍ଚ୍ଚ କରିବାକୁ ପଡ଼ିବ। ତେବେ ଯିଏ ଦେଇପାରିଲା ତାହାର ହେଲା ନ ହେଲେ ଗଲା। ତେବେ ସେହିଭଳି କାକଟସ୍ଥିତ ଆର୍ ଆଇ ଅଫିସରେ ମଧ୍ୟ ଏହିପରି ଘଟଣା ଦେଖିବାକୁ ମିଳେ। ଏଠାକାର କର୍ମଚାରୀମାନେ ଖର୍ଚ୍ଚ ନଦେଲେ ଶୁଣିବାକୁ ନାରାଜ। ଏଭଳି ପରିସ୍ଥିତିରେ ପ୍ରଶାସନ ନିଘୋଡ଼ ନିଦରେ, ହେଲେ ଜନସାଧାରଣ ଗୁହାରୀ କରିବେ କାହାକୁ ? ତେଣୁ ଏହିସମସ୍ୟା ପ୍ରତି ପ୍ରଶାସନ ଗୁରୁତ୍ୱ ଆବଶ୍ୟକ ହୋଇପଡ଼ିଛି।

# ବିକାଶ ବିଜନେସ୍ ସ୍କୁଲରେ 'ବନ୍ ଭୟେଜ୍'




**ବରଗଡ଼ :** ବିକାଶ ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟର ବିବିଏ, ବିସିଏ (୨୦୧୫-୧୮) ଛାତ୍ରଛାତ୍ରୀଙ୍କ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ବନ୍ ଭୟେଜ୍' ଭାବରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ବିବିଏ ଓ ବିସିଏ ୧ମ, ୨ୟ ବର୍ଷ ଛାତ୍ରଛାତ୍ରୀମାନେ ମିଶି ଶେଷବର୍ଷର ପ୍ରାୟ ୮୦ଜଣ ଛାତ୍ରଛାତ୍ରୀଙ୍କୁ ଖୁବ୍ ସୁନ୍ଦର ଭାବରେ ସମ୍ବର୍ଦ୍ଧିତ କରିଥିଲେ।

ସଭାରମ୍ଭରେ ତିଳକ ସ୍ୱାଗତ କରାଯାଇ ସୁସଜ୍ଜିତ ଅଡିଟୋରିୟମ୍‌ରେ ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟଗୀତର ଆସର ଜମିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ର ଅଧ୍ୟକ୍ଷ ଡ.କ୍ଷୀରୋଦ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଗ୍ରୁପ୍ ର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଜି.ଭାସ୍କର ରାଓ ୨୦୧୫-୧୮ ବିବିଏ-ବିସିଏ ଛାତ୍ରଛାତ୍ରୀଙ୍କ ଉପଲବ୍ଧିମାନଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟତଃ କ୍ରୀଡ଼ା କ୍ରିକେଟ୍‌ରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ। ବିକାଶ ଗ୍ରୁପ୍ ର ଚେୟାରମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା ତାଙ୍କ ଅଭିଭାଷଣରେ ଉକ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ସଫଳତା, ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ସଫଳତା ତଥା 'ମେହେଫିଲ୍' ବ୍ୟାଣ୍ଡ୍ ଭଳି ସୃଜନାତ୍ମକ ଯୋଗଦାନ ବିକାଶ ପରମ୍ପରାକୁ ଓ ପରିବେଶକୁ ପୁଷ୍ଟ କରିଥିବାରୁ ସେ ଗର୍ବାନ୍ୱିତ ବୋଲି ଜଣାଇଥିଲେ। ବିକାଶ ଗ୍ରୁପ୍ ର ଡାଇରେକ୍ଟର ଏଡ୍‌ମିନିଷ୍ଟ୍ରେସନ୍ ଶ୍ରୀ ଡି.ନାଗେଶ୍ୱର ରାଓ ବିସିଏ ବିଭାଗରେ ବିଶ୍ୱବିଦ୍ୟାଳୟର ଦୁଇଟି 'ଗୋଲ୍ଡ ମେଡାଲ୍' ସର୍ବୋଚ୍ଚ ମାର୍କ ସ୍କୋର୍ କରିବାର ସୌଭାଗ୍ୟ ଆସିବା ସହିତ ବିବିଏର ୫୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୩ ଜଣ ଟିସିଏସ୍, ଓ୍ୱିପ୍ରୋ, ଆଇବିଏମ୍ ଭଳି କମ୍ପାନୀର ଚାକିରୀ ପାଇସାରିଥିବାରୁ ହର୍ଷୋଲ୍ଲାସ ବ୍ୟକ୍ତ କରିଥିଲେ।

# କଳାହାଣ୍ଡି ଲୋକକଳା ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା :** କଳାହାଣ୍ଡିର କଳା, ସଂସ୍କୃତି, ଐତିହ୍ୟ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଲୋକକଳା ଉତ୍ସବ ମାଧ୍ୟମରେ କଳା ଓ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବାକୁ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ଅଟେ ବୋଲି କଳାହାଣ୍ଡି ଲୋକ କଳା ମହୋତ୍ସବ ଉଦ୍‌ଯାପନି ଦିବସରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ୬ମାସ ମଧ୍ୟରେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଠାରେ ଓପିଟିସିଏଲ ଦ୍ୱାରା ନିର୍ମାଣାଧୀନ ୨୨୦କେଭି ଗ୍ରିଡ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ସୁଶାନ୍ତ ସିଂହ ପ୍ରକାଶ କରିଥିଲେ । ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମର ସହିଦ ରେଣ୍ଡୋ ମାଝୀ ମଞ୍ଚ ଠାରେ ଜିଲ୍ଲାସ୍ତରୀୟ ଲୋକ କଳା ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି । ପୂର୍ବାହ୍ନରେ ବିଭିନ୍ନ ବ୍ଲକରୁ ଆସିଥିବା ଲୋକନୃତ୍ୟ ଦଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜୟପାଟଣାର ମାଁ ଜଗଜ୍ଜନନୀ ଘୁମୁରାଦଳ,ଲାଞ୍ଜିଗଡର ମାଁ ଧରଣୀ ଢାପ ଦଳ,ଜୁନାଗଡର ବୃନ୍ଦାବନ ବିହାରୀ ଓ ସାଥୀଙ୍କ ବନାବାଡି, ଜୟପାଟଣା ରିଦମ ଡ୍ୟାନ୍ସ ଏକାଡେମିର ବଜାଶାଳ, ଧର୍ମଗଡର ଗୋଲାପ



କୁସୁମ ରାହସ ଦଳ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସନ୍ଧ୍ୟାରେ ଉଦଯାପନୀ ଉତ୍ସବରେ ଜିଲ୍ଲାପାଳ ଅଂଜନ ମାଣିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶକ୍ତି ତଥା ଶ୍ରମିକ ଏବଂ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ,ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସାଂସଦ ଅର୍କକେଶରୀ ଦେଓ,ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ,ଭବାନୀପାଟଣା ପୌରପରିଷଦ ଅଧ୍ୟକ୍ଷ ଆଦିତ୍ୟ ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା କଳାସଂସ୍କୃତି ସଂଘ ଉପସଭାପତି ହରଜିନ୍ଦର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଡେପୁଟି କଲେକ୍ଟର ଶୁଭଦୀପ୍ତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଶ୍ରେଷ୍ଠ ଗାୟକ ଜୟପାଟଣାର କୁରୁକ୍ଷେତ୍ର ବିଶ୍ୱାଳ, ଶ୍ରେଷ୍ଠ ନିଶାନ ବାଦକ ଜଳେଶ୍ୱର ଦୀପ,ଜୟ ବାବା, ରବି ଦାସ, ଶ୍ରେଷ୍ଠ ଖୋଲିଆ ଭାବେ ଭବାନୀଶଙ୍କର ଗୋପାଳ, ଶ୍ରେଷ୍ଠ ମହୁରିଆ କେସିଙ୍ଗା ଗୋଲ୍ଡେନ ଡ୍ୟାନ୍ସ ଗ୍ରୁପ, ଶ୍ରେଷ୍ଠ ଝାଂଜ ବାଦକ ଭବାନୀ ପାତ୍ର ଓ ରାଜା ଭୋଇ, ଶ୍ରେଷ୍ଠ ଢୋଲିଆ ବିକାଶ, ଶ୍ରେଷ୍ଠ ଶାନ୍ତିଶୃଙ୍ଖଳା ସାଂସ୍କୃତିକ ଦଳ ଭାବେ କୋକସରା ଚମ୍ପେଶ୍ୱର ଘୁମୁରାଦଳ,ଶ୍ରେଷ୍ଠ ମନୋରଂଜନ କରିଥବା ଦଳ ଭାବେ ଧର୍ମଗଡ ବୁଢାରଜା ସାଂସ୍କୃତିକ ମାଦଳି ଦଳ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

# 'ସହରରେ ଜହ୍ନ ନାହିଁ' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର :** ନିକଟରେ କବି କମଳ କୁମାର ମହାନ୍ତିଙ୍କ କବିତା ପୁସ୍ତକ 'ସହରରେ ଜହ୍ନ ନାହିଁ' ସ୍ଥାନୀୟ ଏକାମ୍ର ହାଟଠାରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ନାରୀକବି ମମତା ଦାଶ କମଳ କୁମାରଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଅନ୍ତର୍ଦୃଷ୍ଟି ବାସ୍ତବତାର ଉର୍ଦ୍ଧ୍ୱରେ ବୋଲି କହିଥିଲେ। କମଳଙ୍କ କବିତାର ଦୃଷ୍ଟିଭଙ୍ଗୀ ଅତି ସରଳ ଓ କୋମଳ ଯାହା ସମ୍ପର୍କ ଯୋଡ଼ିବା ଦିଗରେ ପ୍ରବଣତା ସୃଷ୍ଟି କରେ ବୋଲି କବି ଡ. ଆଶୁତୋଷ ପରିଡ଼ା ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ କବି ବିପିନ୍ ନାୟକ କମଳଙ୍କ କବିତାରେ ଏକ ପରିଚ୍ଛନ୍ନ ଦୃଷ୍ଟିଭଙ୍ଗୀ ରହିଥିବା କହିଥିଲା ବେଳେ ଏଥିରେ ରୋହିଣୀ ମୁଖାର୍ଜୀ, ପ୍ରଖ୍ୟାତ ସଂଳାପକାର ଡ. ରଜନୀ ରଞ୍ଜନ ପ୍ରମୁଖ



ଯୋଗଦେଇ 'ସହରରେ ଜହ୍ନ ନାହିଁ' ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ଭିତରେ ଯୁବକବି ସୁବ୍ରତ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଲୋକାର୍ପିତ ପୁସ୍ତକର କେତୋଟି କବିତାର ଆବୃତ୍ତି କରିଥିଲେ କବି ବିଭୂତି ପାଣିଗ୍ରାହୀ, ଅକ୍ଷୟ ସ୍ୱାଇଁ, ଡ. କନକ ମଞ୍ଜରୀ ପଟ୍ଟନାୟକ, ଯୋଗେନ୍ଦ୍ର ନାୟକ, ବିପିନ୍ ମହାନ୍ତି, ଅଶୋକ ସିଂହ, ପ୍ରମୋଦ ପ୍ରଧାନ ଏବଂ ମାତୃଦତ୍ତ ମହାନ୍ତି।

# ଗାଁ ପରିବେଶ ପାଇଁ ଅଣ୍ଟା ଭିଡିଲେ ମହିଳା

**ସୁବର୍ଣ୍ଣପୁର :** ଜିଲ୍ଲା ସଦର ମହକୁମା ଠାରୁ କେବଳ ମାତ୍ର ଦୁଇ କି.ମି ଦୂରରେ ରହିଛି ବାଇଗଣଜୁରି ଗାଁ। ଏଠାରେ ଦୀର୍ଘବର୍ଷ ହେବ ଗାଁ ଦାଣ୍ଡ ଠାରୁ ଆରମ୍ଭ କରି ଦୈନିକ ବ୍ୟବହାର ହେଉଥିବା ପୁଷ୍କରିଣୀ ପର୍ଯ୍ୟନ୍ତ ସବୁକିଛି ଆବର୍ଜନାରେ ପରିପୂର୍ଣ୍ଣ ଥିଲା। ହେଲେ ଏହି ଗାଁର କିଛି ମହିଳା ପରିବେଶକୁ ସୁସ୍ଥ ରଖିବା ତଥା ଅଞ୍ଚଳକୁ ଆବର୍ଜନାମୁକ୍ତ କରିବା ପାଇଁ ଶେଷରେ ଅଣ୍ଟା ଭିଡିଲେ। ଯେଉଁ କାର୍ଯ୍ୟ ଗାଁର ପୁରୁଷବର୍ଗ ଓ ସ୍ୱେଚ୍ଛାସେବୀମାନେ କରିନଥିଲେ ସେଭଳି କାର୍ଯ୍ୟ ହାତକୁ ନେଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଏହି ମହିଳା ଗୋଷ୍ଠୀ। ଗତ କିଛିଦିନ ହେବ ଏହି ମହିଳାମାନେ ରାସ୍ତାଘାଟରେ ପଡୁଥିବା ଆବର୍ଜନାକୁ ଉଠାଇ ନେବା ସହ କୂଅ ପୋଖରୀକୁ ପରିଚ୍ଛନ୍ନ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କ ଭିତରେ ଅଛନ୍ତି ଯାଜ୍ଞସେନୀ ବାଘ, ଯାଜ୍ଞସିନୀ ଗରିଆ, କୌଶଲ୍ୟା ବାଘ, ସୁଚିତ୍ରା ଗରିଆ, ଶାନ୍ତି ବାଘ, କାଞ୍ଚନ ବାଘ, ନନ୍ଦିନୀ ଗରିଆ, ନମିତା ଥପା, ଭାରତୀ ଗରିଆ, ସନ୍ତୋଷିନୀ ବାଘ, ଉଜଳି ଗରିଆ, ଭାଗ୍ୟସେନୀ ଗରିଆ, ମୈଥିଳି ମହାକୁଡ, ଦେବକୀ ଥପା ପ୍ରମୁଖ।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୂତି ଭୂଷଣ ପାତ୍ର
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି